Follow Us On @
ekamaatra@gmail.com
www.ekamaatra.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Ref. No.: 1304224
Title Code: ODIODI07807

➤ ସରିଲା ଖଣ୍ଡଗିରି ମେଳା, ଯାତ୍ରା ଯୁଦ୍ଧ ଚାଲିଛି
➤ ୨୦୧୮ରୁ କାର୍ଯ୍ୟକ୍ଷମ ହେବ ଝାରସୁଗୁଡ଼ା ବିମାନବନ୍ଦର
➤ ସେବି ଅଧକ୍ଷ ହେଲେ ଅଜୟ ତ୍ୟାଗୀ
➤ ପୁରୀରେ ବନ୍ଦ ହେଲା ରାହାଗିରି

ବର୍ଷ-୧ ସଂଖ୍ୟା-୫ ୧୩-୧୯ ଫେବୃୟାରୀ, ୨୦୧୭ ଭୁବନେଶ୍ୱର ● MONDAY WEEKLY ● VOL-1 ISSUE-5 13-19th FEBRUARY, 2017 BHUBANESWAR ₹ 5.00 (8 PAGES)

**ଭିତର ପୃଷ୍ଠାରେ...**

ହଟିଲା ଉଠାଣ କଟକଣା
ସ୍କୁଲ ପାଠ୍ୟକ୍ରମରେ କ୍ରୀଡ଼ା ବାଧ୍ୟତାମୂଳକ
ଏବେଠୁ ଲାଗୁ ଲଗାମ
ବେଦନାର ବେଦ-୪
ଓଡ଼ିଶା ସ୍ୱାସ୍ଥ୍ୟ ନୀତି ମେ ସୁଦ୍ଧା ଚୂଡ଼ାନ୍ତ
ଲୋକବିଶ୍ୱାସରେ ରହସ୍ୟମୟ ଗୁରୁଦ୍ୱାରା

# ଜଳଧର୍ମ ରଖିବେ ତ ଛତିଶଗଡ଼ ମୁଖ୍ୟମନ୍ତ୍ରୀ !



**ଭୁବନେଶ୍ୱର :** ଜଳର ଧର୍ମ ଉପରମୁଣ୍ଡରୁ ତଳକୁ ଗଡ଼ିଲା ଭଳି ଛତିଶଗଡ଼ ରାଜ୍ୟ ଦେଇ ଓଡ଼ିଶାକୁ ପ୍ରବାହିତ ହୋଇଥିବା ମହାନଦୀର ଜଳକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ଚାଲିଥିବା ଜଳବିବାଦ ଏବେ ରୋଚକ ମୋଡ଼ରେ ପହଞ୍ଚିଛି । ଏହି ବିବାଦର ସମାଧାନ ପାଇଁ ଏଯାଏଁ ବାଟ ଫିଟାଇପାରିନାହାଁନ୍ତି ଉଭୟ ରାଜ୍ୟ । କିନ୍ତୁ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ବିଜେପି ପକ୍ଷରୁ ଷ୍ଟାର କ୍ୟାମ୍ପେନର ଭାବେ ପ୍ରଚାର ମଇଦାନକୁ ଓହ୍ଲାଇଥିବା ଶିଳ୍ପ ସମୃଦ୍ଧ ରାଜ୍ୟ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ଡ. ରମଣ ସିଂହ ଓଡ଼ିଶା ଭୋଟରଙ୍କୁ ପ୍ରଭାବିତ କରି ବିଜେପି ପାଇଁ ଭୋଟ ସାଉଁଟିବା ଲକ୍ଷ୍ୟରେ ଓଡ଼ିଶାକୁ ଆସିଥିବାବେଳେ ଡ. ସିଂହ ମହାନଦୀ ଜଳ ବିବାଦ ପ୍ରସଙ୍ଗରେ କହିଥିଲେ ଯେ, ମହାନଦୀ ହେଉଛି ଉଭୟ ଛତିଶଗଡ଼ ଓ ଓଡ଼ିଶା ଜନସାଧାରଣଙ୍କ ଜୀବନରେଖା । ମହାନଦୀର ଜଳକୁ ନେଇ କୌଣସି ବିବାଦ ନଥିବା ବେଳେ ଓଡ଼ିଶାର ବିଜେଡି ସରକାର ଏହାକୁ ନେଇ ଲୋକଙ୍କ ମନରେ ଭ୍ରମ ସୃଷ୍ଟି କରିଛନ୍ତି । ଏଥିପାଇଁ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ଏକାଠି ବସିଲେ ସବୁ ବିବାଦ ମାତ୍ର ୨ ମିନିଟ୍‌ରେ ସମାଧାନ ହୋଇପାରିବ । ସୂଚନାଯୋଗ୍ୟ, ଗତ ଶୁକ୍ରବାର ଦିନ ବଲାଙ୍ଗିର ଜିଲ୍ଲା ଲଖନପୁର ବ୍ଲକ୍ କଣ୍ଢେଇକେଲା ଗାଁର ଧନୁଯାତ୍ରା ପଡ଼ିଆରେ ଆୟୋଜିତ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ସେ କହିଥିଲେ ଯେ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟ ମଧ୍ୟରେ ଥିବା ପିଢିପିଢି ଧରି ସାମାଜିକ, ଅର୍ଥନୈତିକ ଓ ଭାବଗତ ସମ୍ପର୍କ ରହିଛି । କିନ୍ତୁ ମହାନଦୀ ଜଳକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ସୃଷ୍ଟି କରାଯାଇଥିବା ଭ୍ରମକୁ ଦୂର କରିବାକୁ ମୁଁ ଏଠାକୁ ଆସିଛି । ଆଗାମୀ ୧୦୦ବର୍ଷ ପରେ ମଧ୍ୟ ମହାନଦୀ ଜଳକୁ ନେଇ କୌଣସି ବିବାଦର ସୂତ୍ରପାତ ହେବ ନାହିଁ । ଯଦି କିଛି ସମସ୍ୟା ସୃଷ୍ଟି ହୋଇଛି ଆମେ ଦୁଇ ରାଜ୍ୟ ଏକାଠି ବସିଲେ ତା'ର ସମାଧାନ ହୋଇପାରିବ । ମହାନଦୀ ଜଳର ୪ ପ୍ରତିଶତ ଜଳ ଛତିଶଗଡ଼ ବ୍ୟବହାର କରୁଥିବା ବେଳେ ଓଡ଼ିଶା ୧୩ ପ୍ରତିଶତ ବ୍ୟବହାର କରୁଛି । ବାକି ୮୨ ପ୍ରତିଶତ ଜଳ ବିନା ବ୍ୟବହାରରେ ସମୁଦ୍ରକୁ ଚାଲିଯାଉଛି । ଏଥିସହ ଡ. ସିଂହ କହିଥିଲେ ଯେ ମହାନଦୀ ଜଳର ସଦୁପଯୋଗ କରିନପାରି ଏବଂ ଏହି ଜଳ କିପରି କୃଷି କ୍ଷେତ୍ରରେ ➤ ପୃ-୬



ଧଉଳି ପାଦଦେଶରେ ଅନୁଷ୍ଠିତ କଳିଙ୍ଗ ମହୋତ୍ସବର ସାଂସ୍କୃତିକ ଝଲକ

## ସ୍ମାର୍ଟସିଟିରେ ୮୦ କି.ମି ରାସ୍ତାର ହେବ ନବକଳେବର

ଭୁବନେଶ୍ୱର : ସ୍ମାର୍ଟସିଟି ମିଶନ ପକ୍ଷରୁ ଆରମ୍ଭ କରାଯାଇଥିବା ବିଭିନ୍ନ ପ୍ରକଳ୍ପର କାମ ୨୦୧୭ ଜୁନ୍ ସୁଦ୍ଧା ୫୦ ପ୍ରତିଶତ ସରିବାର ଯୋଜନା କରାଯାଇଛି । ତେବେ ଏଠାରେ ଥିବା ୮୦ କି.ମି. ରାସ୍ତାର ନବକଳେବର କରାଯିବ ବୋଲି ଜଣାପଡିଛି । ସୂଚନା ଅନୁଯାୟୀ, ଯେଉଁ ପ୍ରକଳ୍ପ ହେବ, ସେଥିରେ ଯେଭଳି କୌଣସି ଅସୁବିଧା ନ ରହିବ ଏବଂ ସହରବାସୀ ଏହାକୁ ସହଜରେ ଗ୍ରହଣ କରିବେ ସେଥିପାଇଁ ସବୁ ପ୍ରକଳ୍ପକୁ ମିଶାଇ ଗୋଟିଏ ଆର୍‌ଏଫ୍‌ପି ପ୍ରସ୍ତୁତ ହେଉଛି । ଏଥିରେ ଥ୍ରି ଆଇ କୋର୍ ଇନ୍‌ଫ୍ରାଷ୍ଟ୍ରକଚର୍, ପ୍ରତି ଘରକୁ ପାଇପଲାଇନରେ ଗ୍ୟାସ୍ ଆବଣ୍ଟନ, ସିଟି ଫାଇବର ଓର୍କିଙ୍ଗ୍, ୨୪ ଘଣ୍ଟା ଜଳ ଯୋଗାଣ, ପାଣି ରି-ସାଇକେଲିଂ, ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ, ସାଇକେଲ୍ ହାଇୱେ ପ୍ରଭୃତି ନିର୍ମାଣ କରାଯିବ ।

# କେତେଦିନ ଜଳୁଥିବ ରାଜନୀତି ନିଆଁ

**ଭୁବନେଶ୍ୱର :** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରଚାର ଯେତେ ସରଗରମ ହେଉଛି, ଗାଁଗଣ୍ଡାରେ ନିର୍ବାଚନୀ ହିଂସା ସେତିକି ସେତିକି ବଢ଼ି ଚାଲିଛି । ବିଭିନ୍ନ ସ୍ଥାନରେ ଗୋଷ୍ଠିବିବାଦ ଯୋଗୁଁ ଏହି ହିଂସା ତୀବ୍ରରୂପ ଧାରଣ କରୁଥିବା ବେଳେ ଏଥିପାଇଁ ଜିଲ୍ଲା ପ୍ରଶାସନକୁ ନାକେଦମ ହେବାକୁ ପଡୁଛି । ନିର୍ବାଚନରେ ଜିତି ପଦ ହାସଲ କରି ସରକାରୀ ପାଣ୍ଠି ଓ କ୍ଷମତାକୁ ହାତେଇବା ଲୋଭରେ ପ୍ରାର୍ଥୀମାନେ ଯେନତେନ ପ୍ରକାରେ ଏଥିରେ ସଫଳ ହେବାକୁ ଜୋରଦାର ପ୍ରୟାସ କରୁଛନ୍ତି ।

ରାଜନୀତିର ରଙ୍ଗ ଆଜିକାଲି ଏଭଳି ହେଲାଣି ଯେ ରାନୀତି ଅପେକ୍ଷା ପ୍ରାର୍ଥୀ ଓ ଦଳୀୟ କର୍ମୀମାନେ ହିଂସା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ପରିଣାମ ସ୍ୱରୂପ ବୁଢ଼ାବାପ ଆଗରେ ଭେଣ୍ଡିଆ ପୁଅର ଜୀବନ ଚାଲିଯାଉଛି । ପ୍ରତିହିଂସାରେ ଜଳିଯାଉଛି ବଖରା ବଖରା ଘର ଓ ଅମାପ ଧନସମ୍ପତ୍ତି । ଇଏ କେଉଁ ନୀତି ଆଦର୍ଶର ରାଜନୀତି ! କ୍ଷମତାର ମୋହ ମଣିଷକୁ ଏମିତି ଅନ୍ଧ କରିଦେଲାଣି ଯେ, କ୍ଷମତା ପାଇଁ ମଣିଷ ଛାତିରେ ଗୁଳି ଫୁଟାଏ ମଣିଷ । ସମ୍ପର୍କ ଓ ଭାଇଚାରା ତୁଚ୍ଛ ପାଲଟିଯାଉଛି । ନିର୍ବାଚନ ପୂର୍ବରୁ ଅତୀତରେ କାଁ ଭାଁ ଗଣ୍ଡଗୋଳର ସୂତ୍ରପାତ ହେଉଥିଲା ବେଳେ ସମ୍ପ୍ରତି ଏହା ଏତେ ଭୟଙ୍କର ହିଂସାର ରୂପ ନେଲାଣି ଯେ ଏହା ଭବିଷ୍ୟତରେ କେଉଁ ଦିଗକୁ ଗତି କରିବ, ତାହା ଏବେଠାରୁ ଆକଳନ କରିବା ସମ୍ଭବ ନୁହେଁ ।

ସୂଚନାଯୋଗ୍ୟ, ଫେବୃଆରୀ ୫ ତାରିଖରେ ଢେଙ୍କାନାଳ ସଦର ବ୍ଲକ୍ ତରଭା ଗାଁରେ ଏମିତି ଏକ ରାଜନୈତିକ ହିଂସା ଦେଖିବାକୁ ମିଳିଥିଲା । ଯେଉଁଥିରେ ଜଣେ ଯୁବକଙ୍କ ଜୀବନ ଚାଲିଯିବା ସହ ସେହି ଘଟଣାରେ ବିରୋଧୀ ପକ୍ଷଙ୍କ ଘରେ ନିଆଁ ଲଗାଇ ଦିଆଯାଇଥିଲା । ଘଟଣା ପରେ ସେଠାରେ ପ୍ଲାଟୁନ୍ ପ୍ଲାଟୁନ୍ ପୋଲିସ ଫୋର୍ସ ନିୟୋଜିତ ହେବା ସହ ଶାନ୍ତି ଫେରାଇ ଆଣିବାକୁ ଉଦ୍ୟମ କରିଛନ୍ତି । ରାଜ୍ୟର ଦୁଇ ପ୍ରମୁଖ ଦଳ ମଧ୍ୟରେ ଏହା ବଳ କଷାକଷି ବୋଲି ଆଲୋଚନା ହେଉଥିଲେ ବି ରାଜନୀତି ପାଇଁ କାହା ଜୀବନ ଯେ ଅକାଳରେ ଝଡ଼ିଯିବ ଏକଥା ଆଦୌ ପ୍ରାସଙ୍ଗିକ ମନେହେଉନି । ପ୍ରାକ୍ ନିର୍ବାଚନୀ ହିଂସାର ଏଭଳି ଦୃଶ୍ୟପଟକୁ ସାଧାରଣରେ ସହଜ ଭାବେ ଗ୍ରହଣ



କରୁନଥିଲେ ବି ଏହାର ନିରାକରଣ ଦିଗରେ କିଭଳି ପଦକ୍ଷେପ ନେବା ଦରକାର ତାକୁ ନେଇ ବୁଦ୍ଧିଜୀବୀ ତଥା ରାଜନୀତି ବିଶାରଦମାନେ ଚିନ୍ତାରେ ଅଛନ୍ତି । ଦଳୀୟ ସମର୍ଥନ ହିଁ ହିଂସାର କାରଣ ବୋଲି ଚର୍ଚ୍ଚା ଜୋର୍ ଧରିଛି ।

ଏଠାରେ ସୂଚାଇ ଦିଆଯାଇପାରେ ଯେ ତରଭାରେ ସଲମନ ରାଉତଙ୍କ ମୃତ୍ୟୁ ଘଟଣାରେ ଗ୍ରାମରେ ଉତ୍ତେଜନା ବଢ଼ିଛି । ସ୍ଥାନୀୟ ଲୋକେ ସରପଞ୍ଚ ଚିତ୍ତରଞ୍ଜନ ବିଶ୍ୱାଳଙ୍କ ସମେତ ଅନ୍ୟ ସହଯୋଗୀଙ୍କ ଘରେ ନିଆଁ ଲଗାଇଥିଲେ । ଉତ୍ତେଜନା ଓ ଗଣ୍ଡଗୋଳ ବେଳେ ପୁଲିସ୍‌ର ଲାଠିମାଡ଼ରେ ଜଣେ ବ୍ୟକ୍ତି ଆହତ ହୋଇଥିବା ବେଳେ ୪ ପୁଲିସ୍ କର୍ମଚାରୀ ମଧ୍ୟ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ । ଘଟଣାର ମୁଖ୍ୟ ଅଭିଯୁକ୍ତ ବ୍ୟୋମକେଶ ବିଶ୍ୱାଳକୁ ପୁଲିସ୍ ଗିରଫ କରି କୋର୍ଟଚାଲାଣ କରିସାରିଛି । ହତ୍ୟାକାଣ୍ଡ ପ୍ରତିବାଦରେ ଢେଙ୍କାନାଳ ଜିଲ୍ଲାରେ ବନ୍ଦପାଳନ କରାଯାଇ ଜଣେ ମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି । ବିଜେପି ପକ୍ଷରୁ କୁହାଯାଇଛି ଯେ ବିଜେଡି ନେତା ତଥା ➤ ପୃ-୬

## ଇଞ୍ଜିନିୟରିଂ ନାମଲେଖା ଗୋଟିଏ ପରୀକ୍ଷା !

**ଭୁବନେଶ୍ୱର :** ୨୦୧୮-୧୯ରୁ ଦେଶରେ ଇଞ୍ଜିନିୟରିଂ କଲେଜଗୁଡ଼ିକରେ ନାମଲେଖା ଲାଗି ନିଟ୍ ଭଳି ଗୋଟିଏ ପ୍ରବେଶିକା ପରୀକ୍ଷା ହେବ । ଏଭଳି ପରୀକ୍ଷା କରିବା ପାଇଂ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଅଲ୍ ଇଣ୍ଡିଆ କାଉନସିଲ ଫର୍ ଟେକ୍ନିକାଲ ଏଜୁକେଶନ (ଏଆଇସିଟିଇ)କୁ ଗାଇଡଲାଇନ୍ ପ୍ରସ୍ତୁତ କରିବା ଲାଗି ପରାମର୍ଶ ଦେଇଛି । ଏ ନେଇ ନିକଟରେ ଏକ ବୈଠକ କରାଯାଇଛି । ଦେଶରେ ଇଞ୍ଜିନିୟରିଂ ନାମ ଲେଖା ଲାଗି ଏକ ପ୍ରକାର ପ୍ରବେଶିକା ପରୀକ୍ଷା କରିବାକୁ ଆଲୋଚନା ହୋଇଛି । ମନ୍ତ୍ରଣାଳୟ ପକ୍ଷରୁ ଏହି ପ୍ରସ୍ତାବ ଏଆଇସିଟିଇକୁ ଦିଆଯାଇଛି । ସୂଚନା ମୁତାବକ, ଆଇଆଇଟି ଦେଶ ସାରା ସେମିତି ଗୋଟିଏ ପ୍ରବେଶିକା ପରୀକ୍ଷା କରୁଛି । ସେହିଭଳି ଏହି ପରୀକ୍ଷା ହେବ । ନାମଲେଖାରେ ସ୍ୱଚ୍ଛତା ଆଣିବା ପାଇଁ, ଗୁଣାତ୍ମକ ମାନ ବୃଦ୍ଧି କରିବା, ପାଲାମାନେ ଯେପରି ବିଭିନ୍ନ ପ୍ରକାର ପରୀକ୍ଷା ନ ଦିଅନ୍ତି ଏହି ପଦକ୍ଷେପ ନେବାକୁ ଯାଉଛି ମନ୍ତ୍ରଣାଳୟ । ଏଥିପାଇଁ ରାଜ୍ୟ ସରକାର ଏବଂ ଡିମଡ ବିଶ୍ୱବିଦ୍ୟାଳୟଗୁଡିକଠାରୁ ପରାମର୍ଶ ମଗାଯାଇଛି । ବର୍ଷକୁ ଏହି ପରୀକ୍ଷା ଏକାଧିକ ଥର କରାଯିବ ଏବଂ ବିଭିନ୍ନ ଭାଷାରେ କରାଯିବାକୁ ନିଷ୍ପତ୍ତି ହୋଇଛି । ପୂର୍ବରୁ ମେଡିକାଲ ନାମଲେଖା ଲାଗି ଦେଶରେ ଗୋଟିଏ ପରୀକ୍ଷା ନିଟ୍ କରାଯାଉଛି । ଅନ୍ୟପକ୍ଷରେ କେନ୍ଦ୍ର ସରକାର ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ଗଠନ କରିବେ । ଏହି ଏଜେନ୍ସି କେବଳ ସମସ୍ତ ପ୍ରକାର ପରୀକ୍ଷା ପରିଚାଳନା କରିବ ।



# ଶଶିକଳାଙ୍କ ଆଶା ମଉଳିଲା

**ଚେନ୍ନାଇ :** ତାମିଲନାଡୁରେ ଲାଗି ରହିଥିବା ରାଜନୈତିକ ଅଚଳାବସ୍ଥାର ଏକପ୍ରକାର ଅବସାନ ଘଟିଛି । ଶୁକ୍ରବାର ରାତିରେ ରାଜ୍ୟପାଳ ସି.ବିଦ୍ୟାସାଗର ରାଓ ତାଙ୍କ ନିଷ୍ପତ୍ତି ଜଣାଇବା ପରେ ଅଚଳାବସ୍ଥା ଦୂର ହୋଇଛି । ରାଜ୍ୟପାଳଙ୍କ ନିଷ୍ପତ୍ତି ଶଶିକଳାଙ୍କ ମୁଖ୍ୟମନ୍ତ୍ରୀ ହେବାର ସ୍ୱପ୍ନକୁ ଚୁରମାର କରିଦେଇଛି । ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ ଲାଗି ଶଶିକଳାଙ୍କୁ ଏବେ ନିମନ୍ତ୍ରଣ କରାଯିବ ନାହିଁ ବୋଲି ରାଜ୍ୟପାଳ ବିଦ୍ୟାସାଗର ରାଓ ଘୋଷଣା କରିଛନ୍ତି । ରିପୋର୍ଟ ଅନୁଯାୟୀ ରାଜ୍ୟପାଳ କହିଛନ୍ତି ଶଶିକଳାଙ୍କ ବିରୋଧରେ ବିଚାରାଧୀନ ଥିବା ଆୟବହିର୍ଭୂର୍ତ୍ତ ସମ୍ପତ୍ତି ଠୁଳ ମାମଲା ଫଇସଲା ନ ହେବା ପର୍ଯ୍ୟନ୍ତ ତାଙ୍କୁ ସରକାର ଗଠନ ଲାଗି ନିମନ୍ତ୍ରଣ କରାଯିବ ନାହିଁ । ସେ ପର୍ଯ୍ୟନ୍ତ ପନିରସେଲଭମ୍ କାମଚଳା ମୁଖ୍ୟମନ୍ତ୍ରୀ ଭାବେ ଶାସନ କାର୍ଯ୍ୟ ତୁଲାଇବେ । ତେବେ ରାଜ୍ୟପାଳ ତାଙ୍କ ନିଷ୍ପତ୍ତି ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ କୌଣସି ରିପୋର୍ଟ ଦେଇ ନଥିବା ରାଜଭବନ ପକ୍ଷରୁ କୁହାଯାଇଛି ।

ରାଜ୍ୟରେ ସରକାର ଗଠନ କରିବା ନେଇ ପନିରସେଲଭମ୍ ଓ ଶଶିକଳା ଗୁରୁବାର ରାଜ୍ୟପାଳଙ୍କୁ ଭେଟି ଦାବି ଜଣାଇଥିଲେ । ଉଭୟଙ୍କ ଦାବିକୁ ରାଜ୍ୟପାଳ ଗ୍ରହଣ କରିଥିବାବେଳେ କୌଣସି ନିଷ୍ପତ୍ତି ଜଣାଇନଥିଲେ । ରାଜନୈତିକ ବିଶେଷଜ୍ଞଙ୍କ ସହ ବିଚାରବିମର୍ଷ ପରେ ଶଶିକଳାଙ୍କୁ ଏବେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ ଲାଗି ନ ଡାକିବାକୁ ରାଜ୍ୟପାଳ ନିଷ୍ପତ୍ତି ନେଇଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ବିରୋଧରେ ହୋଇଥିବା ଆୟବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ଶଶିକଳା ଅନ୍ୟତମ ଅଭିଯୁକ୍ତ । ଏହି ମାମଲା ଉପରେ ସୁପ୍ରିମ୍‌କୋର୍ଟଙ୍କ ରାୟ ନିକଟରେ ପ୍ରକାଶ ପାଇବାର ଅଛି । କୋର୍ଟଙ୍କ ରାୟ ଯଦି ଶଶିକଳାଙ୍କ ବିରୋଧରେ ଯାଏ ତେବେ ସେ ନିର୍ବାଚନ ଲଢିବା ସମ୍ଭବ ➤ ପୃ-୬

# ଦୀକ୍ଷାରୁ ଦୁଷ୍କର୍ମ : ବାବା ଗଲେ ଜେଲ୍

**ଭୁବନେଶ୍ୱର :** ଗତ କିଛିମାସ ହେବ ରଙ୍ଗିଲାବାବାମାନଙ୍କ କେଲେଙ୍କାରୀ କଥା ଆଉ ପଦାକୁ ଆସିନଥିଲା ବେଳେ ଏବେ ଖଣ୍ଡଗିରିର ମହାକୁମ୍ଭମେଳା ଅବସରରେ ଜଣେ ବୟସ୍କ ବାବାଙ୍କ ଦୁଷ୍କର୍ମ ମାମଲା ଚର୍ଚ୍ଚାକୁ ଆସିଛି । ସାରଥୀ ଓ ସୁରଙ୍କ ପରି ଏହି ବାବାଙ୍କ ଅଚଳାଚଳ ସମ୍ପତ୍ତି କଥା ଜଣା ପଡିନଥିଲେ ମଧ୍ୟ ଦାମୀ ମଦ ପିଇ ରାତି ଅଧରେ ମାତାଲ ଅବସ୍ଥାରେ ଜନୈକ ବୃଦ୍ଧା ମାତାଙ୍କୁ ଆଶ୍ରମରେ ଥିବା ନିଜ ଶୟନ କକ୍ଷରେ ଦୁଷ୍କର୍ମ କରିଥିବା ଭଳି ଅତି ଲଜ୍ଜାଜନକ ଘଟଣା ଜଣାପଡିଛି । ବାବା ଏହି ବୃଦ୍ଧାଙ୍କୁ କୌଶଳରେ ନିଜ ଆଶ୍ରମକୁ ଡାକି ରାତ୍ରିଯାପନର ଲୋଭ ଦେଖାଇବା ସହ ଶୁଭବେଳା ଦେଖି ଦୀକ୍ଷା ଦେବାକୁ କହିଥିଲେ । ମାତାଜଣକ ଏଭଳି ଜଣେ ଭଣ୍ଡ ପ୍ରତାରକ ବାବାଙ୍କ ଚାଲ୍ ବୁଝିବା ଆଗରୁ ଦୁଷ୍କର୍ମର ଶିକାର ହୋଇ ଏବେ ମାନସିକ ଯନ୍ତ୍ରଣାରେ ରହିଛନ୍ତି । ମାତାଙ୍କ ଅଭିଯୋଗ ପରେ ବାବା ଜେଲ ଯାଇଥିବା ବେଳେ ବୃଦ୍ଧା ମାତା ଜଣକ ପୁଲିସ ହେପାଜତରେ ସେଲ୍ଟର ହୋମରେ ଆଶ୍ରା ନେଇଛନ୍ତି । ଖବରଟି ରୋଚକ ଲାଗୁଥିଲେ ବିଁ ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା । ଆଧାତ୍ମିକ ଗୁରୁ ଭାବେ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କିଛି ଭଣ୍ଡ ବାବା ଏଭଳି ନାରକୀୟ କାଣ୍ଡ ଘଟାଇ ଧର୍ମ ସହ ଖେଳ ଖେଳୁଛନ୍ତି । ଯାହାକୁ ନେଇ ସମାଜ ବ୍ୟବସ୍ଥାରେ ଆଧାତ୍ମିକ ଗୁରୁମାନଙ୍କ ପ୍ରତି ଥିବା ଧାର୍ମିକ ଭାବନା, ସମ୍ମାନ, ଶ୍ରଦ୍ଧା ଓ ବିଶ୍ୱାସ ଧୀରେ ଧୀରେ ଲୋପ ପାଇ ବସୁଛି । ଧର୍ମ ପ୍ରଚାର ନାଁରେ ଆଶାରାମ ହୁଅନ୍ତୁ କି ସାରଥୀ, ଏମାନେ ସମସ୍ତେ ନିଜର କୁତ୍ସିତ କାମବାସନା ପୂରଣ କରିବାକୁ ବିଭିନ୍ନ ଫନ୍ଦିଫିକର କରିବା ସହ ଆଧାତ୍ମିକ ଜଗତ ପାଇଁ କଳଙ୍କ ସୃଷ୍ଟି କରୁଛନ୍ତି । ଏମାନଙ୍କ କବଳରୁ ବର୍ତ୍ତିବା ପାଇଁ ସାଧାରଣରେ ସଚେତନତା ବୃଦ୍ଧି ନପାଇବା ଦ୍ୱାରା ପବିତ୍ର ସଂପର୍କଗୁଡିକ ଅପବିତ୍ର ହୋଇ ପାପାଚାର ବଢ଼ିବାକୁ ସୁଯୋଗ ପ୍ରଦାନ କରୁଛି । ବେଶଭୂଷାରେ ବାବା ଭଳି ଦିଶୁଥିବା



ଧର୍ମବକମାନଙ୍କ ମୁଖା ଖୋଲିଯିବା ପରେ ସେମାନେ ଏଥିରୁ ରକ୍ଷା ପାଇବା ପାଇଁ ଅର୍ଥବଳ ଓ ଲୋକବଳ ମଧ୍ୟ ପ୍ରୟୋଗ କରୁଛନ୍ତି । ଯାହା ଘଟିଛି ଖଣ୍ଡଗିରି ଗୁମ୍ଫା ନିକଟରେ ଥିବା ଏକ ଆଶ୍ରମ ଭିତରେ ଦୁଷ୍କର୍ମ ମାମଲା । ଏଥିରେ ଲିପ୍ତ ବାବାଜଣକ ଜେଲ୍ ଯିବାରୁ ବଞ୍ଚିବା ପାଇଁ କରିଥିବା ସମସ୍ତ ପ୍ରୟାସ ବ୍ୟର୍ଥ ଯିବା ପରେ ସେ ଜେଲ୍ ଭିତରକୁ ଟାଣି ହୋଇଯାଇଛନ୍ତି ।

ସୂଚନାଯୋଗ୍ୟ ଗତ ଗୁରୁବାର ରାତିରେ ଖଣ୍ଡଗିରି ପାହାଡ଼ ତଳ ବାରଭୁଜା ଆଶ୍ରମରେ ଜଣେ ବୃଦ୍ଧା ମାତାଙ୍କୁ ନିଜ ପ୍ରକୋଷ୍ଠରେ ଦୁଷ୍କର୍ମ କରିଥିବା ବ୍ୟଭିଚାରୀ ବାବା ହେଲେ ସତ୍ୟେଶ୍ୱର ମହାରାଜ ଓରଫ୍ ନାଗେଶ୍ୱର ପାତ୍ର(୬୫) । ତାଙ୍କୁ ଗିରଫ କରି ଖଣ୍ଡଗିରି ଥାନା ପୁଲିସ କୋର୍ଟ ଚାଲାଣ କରିଛି । ଜାମିନ୍ ନାମଞ୍ଜୁର ହେବାରୁ ଝାରପଡ଼ା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଦୁଷ୍କର୍ମର ଶିକାର ହୋଇଥିବା ବୃଦ୍ଧା ମାତା ଓ ବାବାଙ୍କ ଭିତରେ ଆପୋସ ବୁଝାମଣା ଉଦ୍ୟମ ଫଳପ୍ରଦ ହୋଇନାହିଁ । ବୃଦ୍ଧା ମାତା ମାନ୍ୟବର ଅଦାଲତଙ୍କ ସମ୍ମୁଖରେ ନିଜର ବୟାନ ରଖିବା ପରେ ଭଣ୍ଡବାବାଙ୍କ ସବୁ ଉଦ୍ୟମ ଫସର ଫାଟିଯାଇଛି । ବାବା ସତ୍ୟେଶ୍ୱରଙ୍କୁ ପୁଲିସ ଗିରଫ କରିବା ପରେ ଖଣ୍ଡଗିରି ଅଞ୍ଚଳରେ ଏକ ପ୍ରକାର ହଇଚଇ ସୃଷ୍ଟି ହୋଇଥିଲା । ବାବା ସତ୍ୟେଶ୍ୱର ଯେ, ଏଭଳି ବ୍ୟଭିଚାରୀ ହୋଇଥିବେ ତାହା ଲୋକଙ୍କ ବିଶ୍ୱାସ ବାହାରେ ଥିଲା । ତେଣୁ ବାବାଙ୍କ ବଡ଼ବଡ଼ିଆ ଭକ୍ତମାନେ ତାଙ୍କୁ ପୁଲିସ ହାବୁଡ଼ରୁ ମୁକୁଳାଇବା ପାଇଁ ଉଦ୍ୟମ ଆରମ୍ଭ କରି ଦେଇଥିଲେ । ମାତ୍ର ପୁଲିସ ନିକଟରୁ ଛାଡ଼ ପାଇବା ସହଜ ନୁହେଁ ବୋଲି ଜଣାପଡ଼ିବା ପରେ ସେମାନେ ଭିନ୍ନ ପନ୍ଥା ଆପଣେଇଥିଲେ । କିନ୍ତୁ ପୁଲିସ ହେପାଜତରେ ଥିବାରୁ ମାତାଙ୍କୁ ସେମାନେ ପାଇଲେ ନାହିଁ । ବାବାଙ୍କୁ କୋର୍ଟ ଚାଲାଣ କରାଯିବା ସମୟରେ ମାତାଙ୍କୁ ବି ପୁଲିସ କୋର୍ଟରେ ହାଜିରା କରାଇଥିଲା । ଅଦାଲତରେ ମାତାଙ୍କ ବୟାନ ରେକର୍ଡ କରାଯିବାର ଥିବାରୁ ପୁଲିସ ତାଙ୍କୁ କୋର୍ଟ ନେଇଥିଲା । ଏ ବୃଦ୍ଧା ବୟସରେ ପୁଲିସ କୋର୍ଟ କଚେରି ଦୁଆର ➤ ପୃ-୬



## ଛାଟୁପତି ଉବାଚ

ମନ ତରତର ସରିଲା ପ୍ରଚାର
ନେତା କର୍ମୀ ଏବେ ହାଲିଆ
ମତଦାନ ପରେ ଜଣାପଡିଯିବ
କିଏ ଜିରୋ କିଏ ଟାଣୁଆ
ଭୋଟର ତ ହେଲେ ବାଣୁଆ ।
ହାତୀ ଦେବୁ ଆଉ ଘୋଡା ଦେବୁ କହି
ଚାଲିଥିଲା ଗୋଟେ ଯାତରା
ଗାଁଗଣ୍ଡା କେତେ ଉଠିଲା ପଡିଲା
ଧାଡିରେ ବୁଲିଲେ ଶଙ୍କରା
ଜଣେ ଚକରାକୁ ଜଣେ ମକରା ।
ଚଉକି ଖଣ୍ଡକ ପାଇଁ କି ଲଢେଇ
ଦିଲ୍ଲୀରୁ ପଲ୍ଲୀକୁ ଲମ୍ବିଛି
ନ୍ୟାୟ ପାଇଁ ଯିଏ ଲଢେଇ କରିବ
ସିଏ ପରା ଘରେ ଶୋଇଛି
ଏବେ ମିଛୁଆଙ୍କ ବେଳ ଚାଲିଛି ।

- ପ୍ରତାପ



ଆହ୍ଲାବାଦ : ପବିତ୍ର ମାଘ ପୂର୍ଣ୍ଣିମା ଅବସରରେ ଗଙ୍ଗାନଦୀରେ ଶ୍ରଦ୍ଧାଳୁମାନେ ବୁଡ ପକାଉଛନ୍ତି

# ହଟିଲା ଉଠାଣ କଟକଣା



**ମୁମ୍ବାଇ :** ନଭେମ୍ବର ୮ ତାରିଖ ପରେ ବିମୁଦ୍ରାୟନ ଯୋଗୁଁ ରିଜର୍ଭ ବ୍ୟାଙ୍କଦ୍ୱାରା ଗ୍ରହଣ କରାଯାଇଥିବା ଟଙ୍କା ଉଠାଣ କଟକଣାକୁ ପୁନର୍ବାର କୋହଳ କରିଛି। ଯାହାଫଳରେ ଚଳିତମାସ ୨୦ ତାରିଖରୁ ସଞ୍ଚୟ ଜମା ଖାତାରୁ ସପ୍ତାହକୁ ୫୦ ହଜାର ଟଙ୍କା ଉଠାଇହେବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଟଙ୍କା ଉଠାଣ ଉପରେ ଯେତେସବୁ କଟକଣା ଲଗାଯାଇଛି ତାହା ମାର୍ଚ୍ଚ ୧୩ ପରେ ହଟିବ। ବିମୁଦ୍ରାକରଣ ଘୋଷଣା ପରେ ଆର୍‌ବିଆଇ ସଙ୍ଗେ ସଙ୍ଗେ ଦୈନିକ ଉଠାଣ ସୀମା ଦୁଇହଜାର ଟଙ୍କା କରିଥିଲା। କିଛି ଦିନ ପରେ ଉଠାଣ ସୀମା ୪୫୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଗଲା। ପରେ ଦୈନିକ ଉଠାଣ ସୀମା ୧୦ ହଜାର ଟଙ୍କା କରାଯାଇଛି। ମାତ୍ର ସାପ୍ତାହିକ ଉଠାଣ ସୀମା ୨୪ ହଜାର ଟଙ୍କାରେ ଅପରିବର୍ତ୍ତିତ ରହିଥିବାବେଳେ ଚଳିତମାସ ୨୦ ତାରିଖରୁଏହା ୫୦,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଆର୍‌ବିଆଇ ପକ୍ଷରୁ ମୁଦ୍ରାନୀତି ସମୀକ୍ଷା ରିପୋର୍ଟ ଘୋଷଣା କରିବା ବେଳେ ଡେପୁଟି ଗଭର୍ଣ୍ଣର ଆର୍ ଗାନ୍ଧୀଙ୍କ ଦ୍ୱାରା ଏହି ସୂଚନା ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଆର୍‌ବିଆଇ ଏଥର ସୁଧହାରରେ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଛି। ଆଗକୁ ମୁଦ୍ରାସ୍ଫୀତି ବଢିବାର ଭୟ ଥିବା ଦର୍ଶାଇ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିସହିତ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ୨୦୧୬-୧୭ର ଅଭିବୃଦ୍ଧି ପୂର୍ବାନୁମାନରେ ୭.୧% କରାଯାଇଥିବା ବେଳେ ଏହା ହ୍ରାସ ପାଇଁ ୬.୯% ରହିବ।

# ସାମ୍‌ସୁଲ ହୁଦା ଗିରଫ

**ନୂଆଦିଲ୍ଲୀ :** ଗତବର୍ଷ କାନପୁରଠାରେ ଇନ୍ଦୋର-ପାଟନା ଏକ୍ସପ୍ରେସ୍ ଲାଇନ୍‌ଚ୍ୟୁତ ହୋଇ ଦୁର୍ଘଟଣା ଘଟିବା ହେତୁ ପାଖାପାଖି ୧୫୦ ଯାତ୍ରୀ ପ୍ରାଣ ହରାଇଥିଲେ। ଏହି ଦୁର୍ଘଟଣା ଘଟାଇଥିବା ମାଷ୍ଟର୍ ମାଇଣ୍ଡ୍ ଆଇଏସ୍‌ଆଇ ଏଜେଣ୍ଟ ସାମ୍‌ସୁଲ୍ ହୁଦାଙ୍କ ହାତ ରହିଥିବା ଅଭିଯୋଗରେ ନେପାଳରୁ ତାଙ୍କୁ ଗିରଫ କରାଯାଇଛି। ସାମ୍‌ସୁଲଙ୍କ ସମେତ ପୁଲିସ୍ ଅନ୍ୟ ୩ ଜଣଙ୍କୁ ମଧ୍ୟ ଗିରଫ କରିଛି। ସେହି ୩ ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ବ୍ରଜ କିଶୋର ଗିରି, ଆଶିଷ ସିଂହ, ଉମେଶ କୁମାର କୁର୍ମୀ। ସାମୁଏଲଙ୍କ ନାମରେ ରହିଥିବା ଅନ୍ୟ ଅପରାଧିକ ମାମଲାର ତଦନ୍ତ କରିବାରେ ନେପାଳ ପୁଲିସ୍ ଭାରତୀୟ ପୁଲିସ୍‌କୁ ସହଯୋଗ କରୁଥିବା ଜାଣିବାକୁ ମିଳିଛି। ତଦନ୍ତରୁ ଜଣାପଡ଼ିଛି ଯେ ସାମୁଏଲ୍ ପାକିସ୍ତାନୀ ଗୁଇନ୍ଦା ସଂସ୍ଥା(ଆଇଏସ୍‌ଆଇ) ସହ ହାତ ମିଳାଇ ଭାରତୀୟ ରେଳଗୁଡ଼ିକୁ ଟାର୍ଗେଟ କରିଛି।



ଯାହାଫଳରେ ହୀରାଖଣ୍ଡ ଦୁର୍ଘଟଣାରେ ମାଓବାଦୀ ସଙ୍ଗଠନ ନାମରେ ମାମଲା ରୁଜୁ ହୋଇଛି। ଦେଶର ସର୍ବବୃହତ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଏହି ମାମଲା ରୁଜୁ କରିଛି। ରାୟଗଡ଼ା-ଆନ୍ଧ୍ରପ୍ରଦେଶ ସୀମାନ୍ତ କୁନେଇଠାରେ ଏହି ଘଟଣା ଘଟିଥିବା ବେଳେ ଏହି ଅଞ୍ଚଳରେ କାର୍ଯ୍ୟ କରୁଥିବା ମାଓବାଦୀ ସଙ୍ଗଠନ ଆନ୍ଧ୍ର-ଓଡିଶା ଜୋନାଲ କମିଟି ନାମରେ ଏହି ମାମଲା ବିଜୟନଗର ଜିଆରପି ଥାନାରେ ରୁଜୁ ହୋଇଛି ଏବଂ ଏଥିରେ ମଧ୍ୟ ସମସୁଲ୍ ହୁଦାର ହାତ ଥିବା ଏନ୍‌ଆଇଏ ସନ୍ଦେହ କରୁଛି।

# ପଳାତକ ଅପରାଧୀଙ୍କ ସମ୍ପତ୍ତି ଜବତ ହେବ

**ନୂଆଦିଲ୍ଲୀ :** ଶିଳ୍ପପତି ବିଜୟ ମାଲ୍ୟ ୯୦୦୦ କୋଟିରୁ ଅଧିକ ଟଙ୍କାର ଋଣ ସୁଝିନପାରି ବିଦେଶ ଫେରାର ହେବା ପରେ ବିରୋଧୀଙ୍କ ସମାଲୋଚନାର ସାମ୍ନା କରୁଥିବା କେନ୍ଦ୍ର ସରକାର ଏଭଳି ପଳାତକ ଅପରାଧୀଙ୍କୁ ଦଣ୍ଡିତ କରିବା ଲାଗି ନୂଆ ଆଇନ୍ ପ୍ରଣୟନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବଜେଟ୍ ପ୍ରସ୍ତାବରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲି ବିଦେଶ ଫେରାର ହେଉଥିବା ଏଭଳି ଅପରାଧୀମାନଙ୍କ ସମସ୍ତ ସମ୍ପତ୍ତି ଜବତ କରିବା ଲାଗି ନୂଆ ଆଇନ୍ ଗଠନ କରିବାକୁ ଘୋଷଣା କରିଥିଲେ। ଏଭଳି ଅପରାଧୀମାନେ ଯେପର୍ଯ୍ୟନ୍ତ ଭାରତ ଫେରି ଆଇନଗତ କାର୍ଯ୍ୟାନୁଷ୍ଠାନ ସାମ୍ନା ନକରିଛନ୍ତି ସେପର୍ଯ୍ୟନ୍ତ ସେମାନଙ୍କ ସମ୍ପତ୍ତି ସରକାରଙ୍କ ଅକ୍ତିଆରରେ ରହିବ ବୋଲି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଯାହାଫଳରେ ବ୍ୟାଙ୍କମାନଙ୍କର ଟଙ୍କା ଫେରସ୍ତହେବାରେ ଏହା ସାହାର୍ଯ୍ୟ କରିବ ଏବଂ ଏହାର ସଂସ୍କାର ମୂଳକ ପଦକ୍ଷେପ ଯୋଗୁ ଏହାଦ୍ୱାରା ବିଦେଶରେ ଥିବା ପଳାତକ ମାନଙ୍କ ଠାରୁ ଠିକ୍ ଭାବରେ ସେମାନଙ୍କଠାରୁ ଟଙ୍କା ବସୁଲ୍ କରାଯାଇପାରିବ।ବ୍ୟାଙ୍କଗୁଡ଼ିକର ୯୦୦୦ କୋଟି ଟଙ୍କାର ଋଣକୁ ନେଇ ସିବିଆଇ ଓ ଇଡି ଯାଂଚର ସାମ୍ନା କରୁଥିବା ବିଜୟ ମାଲ୍ୟା ଗତବର୍ଷ ମାର୍ଚ୍ଚରେ ବ୍ରିଟେନ ଫେରାର ହୋଇଯାଇଥିଲେ। ଏହା ଏବେ କଂଗ୍ରେସ ଓ ବିଜେପି ମଧ୍ୟରେ ଆରୋପ ପ୍ରତ୍ୟାରୋପର ବଡ଼ ପ୍ରସଙ୍ଗ। ବିଜେପି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ମାଲ୍ୟାଙ୍କୁ ଋଣ ଦେବାରେ ସହଯୋଗ କରିଥିଲେ ବୋଲି ଅଭିଯୋଗ କରୁଛି। ଅନ୍ୟପକ୍ଷରେ କଂଗ୍ରେସ ଦାବି କରିଛି ଯେ, ଏନ୍‌ଡିଏ ସରକାର ମାଲ୍ୟାଙ୍କୁ ବିଦେଶ ଫେରାର ହେବାକୁ ରୋକିବାରେ ବିଫଳ ହୋଇଛନ୍ତି। ସେହିପରି ଇଡି ମାଲ୍ୟାଙ୍କୁ ଅଦାଲତ ଦ୍ୱାରା ପଳାତକ ଘୋଷଣା କରିଥିବା ବେଳେ ସିବିଆଇ ମଧ୍ୟ ତାଙ୍କ ବିରୋଧରେ ଅଭିଯୋଗପତ୍ର ଦାଖଲ କରିଛି। ସମସ୍ତ ଚେଷ୍ଟା ସତ୍ତ୍ୱେ ସିବିଆଇ ଓ ଇଡି ମାଲ୍ୟାଙ୍କୁ ସ୍ୱଦେଶ ପ୍ରତ୍ୟର୍ପଣ କରିବାରେ ବିଫଳ ହୋଇଛନ୍ତି। ସେହିପରି ଆଇପିଏଲ ଦୁର୍ନୀତିରେ ଅଭିଯୁକ୍ତ ଲଳିତ ମୋଦି ମଧ୍ୟ ଭାରତୀୟ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନରୁ ବଂଚିବା ପାଇଁ ଗତ ୬ବର୍ଷ ହେବ ବିଦେଶରେ ରହୁଛନ୍ତି। ଲଳିତ ମୋଦିଙ୍କ ପ୍ରତ୍ୟର୍ପଣ କରିବାରେ ମଧ୍ୟ ସରକାର ବିଫଳ ହୋଇଛନ୍ତି। ତେବେ ନୂଆ ଆଇନ୍‌ର ପ୍ରସ୍ତାବ ଦେଇ ଅପରାଧୀଙ୍କୁ ଆଇନ୍ ପରିସରଭୁକ୍ତ କରିବାରେ କୌଣସି ବିଳମ୍ବ କରାଯିବ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ବିଦେଶ ଫେରାର ହୋଇଯାଉଥିବା ଏଭଳି ଅପରାଧୀଙ୍କ ସମସ୍ତ ସମ୍ପତ୍ତି ଜବତ ହେଲେ ସେମାନେ ସ୍ୱଦେଶ ଫେରିବା ଲାଗି ବାଧ୍ୟ ହେବେ ବୋଲି ସରକାର ଆଶା ରଖିଛନ୍ତି। ପ୍ରସ୍ତାବିତ ନୂଆ ଆଇନ୍‌ରେ ଏହି ପ୍ରସ୍ତବ ରହିବ ଯେ, ଭାରତରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ପାଇଁ ଉପଲବ୍ଧ ହେବା ପରେ ହିଁ ସେମାନଙ୍କ ସମ୍ପତ୍ତିକୁ ମୁକ୍ତ କରାଯିବ। ତେବେ ବର୍ତ୍ତମାନ ପଳାତକ ଅପରାଧୀଙ୍କ ସମ୍ପତ୍ତି ଜବତ କରିବା ପାଇଁ ସରକାରୀ ଏଜେନ୍ସିଗୁଡ଼ିକୁ ଏକାଧିକ ଆଇନ୍ ପ୍ରକ୍ରିୟାର ସାମ୍ନା କରିବାକୁ ପଡୁଛି ଓ ଏକାଧିକ ଔପଚାରିକତା ମଧ୍ୟ କରାଯାଉଛି। ଯାହାଫଳରେ ଅପରାଧୀ ସେଥିରୁ ସହଜରେ ମୁକ୍ତ ହୋଇଯାଉଛନ୍ତି। ତେଣୁ ନୂଆ ଆଇନ୍‌ରେ ସମ୍ପତ୍ତି ଜବତ କରିବା ପ୍ରକ୍ରିୟାକୁ ଅଧିକ ସରଳ କରାଯିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଛନ୍ତି।

# ଭାରତକୁ ଡରାଉଛି ଚୀନ୍

ବେଜିଂ:ଚୀନ୍‌ର ନବଗଠିତ ରକେଟ୍ ବାହିନୀ ଅତ୍ୟାଧୁନିକ ଡିଏଫ୍-୧୬ ମଧ୍ୟମ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଧରି ଯୁଦ୍ଧାଭ୍ୟାସ ଚଳାଇଛି। ୧୦୦୦ କି.ମି ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରୁଥିବା ଏହି କ୍ଷେପଣାସ୍ତ୍ର ଭାରତ, ଜାପାନ ଓ ଆମେରିକା ପାଇଁ ବିପଦ ସୃଷ୍ଟି କରିଛି। ସାଧାରଣତଃ, ଚୀନ୍‌ର ପିପୁଲ୍ସ ଲିବରେସନ୍ ଆର୍ମି ତା'ର ଅସ୍ତ୍ରଶସ୍ତ୍ର ସମ୍ପର୍କରେ ଗୋପନୀୟତା ରକ୍ଷା କରୁଥିଲାବେଳେ ଏହି ସେନାର ସଦ୍ୟ ସମରାଭ୍ୟାସ ସମ୍ପର୍କରେ ଭିଡିଓ ଜାରି କରିଛି। ଏଥିରେ ଡିଏଫ୍-୧୬ କ୍ଷେପଣାସ୍ତ୍ର ବ୍ୟବହାର କରାଯିବା ଦେଖାଯାଇଛି। କ୍ଷେପଣାସ୍ତ୍ର ପ୍ରୟୋଗ କରିବା ପାଇଁ ଚୀନ ପକ୍ଷରୁ ରକେଟ୍ ବାହିନୀ ଗଠନ କରାଯାଇଛି। ବସନ୍ତ ଉତ୍ସବ ଛୁଟି ଅବସରରେ ଏହି ରକେଟ୍ ବାହିନୀ କ୍ଷେପଣାସ୍ତ୍ର ବ୍ରିଗେଡ୍‌ର ଯବାନମାନେ ଅନେକଗୁଡ଼ିଏ ଲଞ୍ଚ୍ ଭେହିକିଲ୍‌ରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ବୋହିନେବାର ଦୃଶ୍ୟ ଏହ ଭିଡିଓ ଟେପ୍‌ରୁ ଦେଖିବାକୁ ମିଳିଛି। ଏହି ସମରାଭ୍ୟାସରେ ଦୁଇ ପ୍ରକାରର ଡିଏଫ୍-୧୬ କ୍ଷେପଣାସ୍ତ୍ର ବ୍ୟବହାର କରାଯିବା ଦେଖାଯାଇଛି। ସୂଚନାଯୋଗ୍ୟ ଯେ, ତୃତୀୟ ଥର ପାଇଁ ଡିଏଫ୍-୧୬ ସାଧାରଣରେ ଦେଖିବାକୁ ମିଳିଛି। ୨୦୧୫ ସେପ୍ଟେମ୍ବରରେ ଏହି କ୍ଷେପଣାସ୍ତ୍ରକୁ ପ୍ରଥମେ ବେଜିଂରେ ଅନୁଷ୍ଠିତ ସାମରିକ ପ୍ୟାରେଡ୍‌ରେ ଦେଖିବାକୁ ମିଳିଥିଲା। ଚୀନ ପକ୍ଷରୁ ଏହି ବାଲିଷ୍ଟିକ୍ କ୍ଷେପଣାସ୍ତ୍ରଗୁଡ଼ିକୁ କେଉଁ ନିର୍ଦ୍ଦିଷ୍ଟ ସ୍ଥାନରେ ରଖାଯାଇଛି, ସେ ସମ୍ପର୍କରେ ପିଏଲ୍‌ଏ ଗୋପନୀୟତା ବଜାୟ ରଖିଆସିଛି। ଉଲ୍ଲେଖଯୋଗ୍ୟ ଯେ, ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ହେବା ପରଠାରୁ ଚୀନ୍ ତାଇୱାନ୍ ବିରୋଧରେ ଅଧିକ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଛି।

# ନୋବେଲ ଚୋରି

ନୂଆଦିଲ୍ଲୀ: ନୋବେଲ ପୁରସ୍କାର ବିଜେତା କୈଳାଶ ସତ୍ୟାର୍ଥୀଙ୍କ ଘରେ ଚୋରୀ। ତାଙ୍କ ଘରୁ ଦୁର୍ବୃତ୍ତମାନେ ନୋବେଲ ପୁରସ୍କାରର ରେପ୍ଲିକା ବା ପ୍ରତିକୃତିକୁ ମଧ୍ୟ ଚୋରୀ କରି ନେଇଯାଇଛନ୍ତି। ନୂଆଦିଲ୍ଲୀ କାଲକାଜୀର କୈଳାଶ କଲୋନୀରେ ଥିବା ଆରାଭଲି ଆପାର୍ଟମେଣ୍ଟରେ ଚୋରୀ ହୋଇଛି। ସୋମବା ରାତିରେ ତାଙ୍କ ଘରେ କେହ ନଥିବାବେଳେ କଳାକନା ବୁଲାଇଦେଇଛନ୍ତି ଦୁର୍ବୃତ୍ତ। କୈଳାଶଙ୍କ ଘରୁ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ସହ ରେପ୍ଲିକାକୁ ଅସଲ ନୋବେଲ ପୁରସ୍କାର ଭାବି ଚୋରମାନେ ଚୋରୀ କରିଥିବା ପୁଲିସ ସନ୍ଦେହ କରୁଛି। କୈଳାଶ ସତ୍ୟାର୍ଥୀ ଏବେ ବିଦେଶରେ ଥିବାରୁ ତାଙ୍କ ଘରେ ତାଲା ପଡିଥିବା ସମୟରେ ଏହି ଚୋରି ହୋଇଛି।

# ବିକଳ୍ପ ବ୍ୟାଙ୍କ୍: କାର୍ଯ୍ୟ ଆରମ୍ଭ କଲା ଉଜ୍ଜୀବନ

**ବେଙ୍ଗାଲୁରୁ :** ମାଇକ୍ରୋ ଫାଇନାନ୍ସ କମ୍ପାନୀ ଉଜ୍ଜୀବନ ଫାଇନାନ୍ସ ସିକ୍ୟୁରିଟି ଲିଃ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଭାବେ ପରିଚାଳନା ଆରମ୍ଭ କରିଛି। ଉଜ୍ଜୀବନକୁ ସେପ୍ଟେମ୍ବର ୨୦୧୫ରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ଠାରୁ ସ୍ମଲ ବ୍ୟାଙ୍କ ପାଇଁ ଲାଇସେନ୍ସ ମିଳିଥିଲା। ନୂଆ ବ୍ୟାଙ୍କିଙ୍ଗ୍ ୟୁନିଟ୍ ଉଜ୍ଜୀବନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଗତ ଫେବୃଆରୀ ୧ ତାରିଖରୁ ପରିଚାଳନା ଆରମ୍ଭ କରିଛି। ଉଜ୍ଜୀବନ ବେଙ୍ଗାଲୁରୁରେ ୫ଟି ପାଇଲଟ ବ୍ରାଞ୍ଚ ଖୋଲିଛି ଯେଉଁଥିରେ ସମସ୍ତ ବ୍ୟାଙ୍କିଙ୍ଗ ସେବା ଉପଲବ୍ଧ ରହିଛି। ଉଜ୍ଜୀବନ ଆସନ୍ତା ଏକ ମାସ ମଧ୍ୟରେ ନିଜର ପ୍ରାଦ୍ୟୋଗିକ, ଚ୍ୟାନେଲ ଓ ପ୍ରକ୍ରିୟାର ପରୀକ୍ଷଣ କରି ଦେଶର ଅନ୍ୟ ଭାଗରେ ବ୍ୟାଙ୍କର ବ୍ୟାପକ ବିସ୍ତାର କରିବାକୁ ଯୋଜନା ରଖିଛି। ବ୍ୟାଙ୍କ ଆଗାମୀ କିଛି ମାସ ମଧ୍ୟରେ ପର୍ଯ୍ୟାୟକ୍ରମେ ୨୪ଟି ରାଜ୍ୟରେ ୪୫୭ଟି ଶାଖା ଖୋଲିବାକୁ ପ୍ରସ୍ତୁତ ହେଉଛି। ଉଜ୍ଜୀବନ ଏସ୍‌ଏଫ୍‌ବି ନିଜ ଗ୍ରାହକଙ୍କୁ ନୋ ମିନିମମ୍ ବାଲାନ୍ସ ସେଭିଂ ଆକାଉଣ୍ଟ ଖୋଲିବା ସୁବିଧା ପ୍ରଦାନ କରୁଛି। ଏହି ଖାତା ସହ ଗ୍ରାହକ ସମସ୍ତ ପ୍ରକାରର ବ୍ୟାଙ୍କିଙ୍ଗ ସେବାର ଲାଭ ଉଠାଇପାରିବେ। ଏହା ଗ୍ରାହକଙ୍କୁ ଡୋର୍ ଷ୍ଟେପ୍, ପେପର୍‌ଲେସ୍ ବ୍ୟାଙ୍କିଙ୍ଗ୍, ମୋବାଇଲ, ଇଣ୍ଟରନେଟ୍, ଫୋନ୍ ବ୍ୟାଙ୍କିଙ୍ଗ୍, ବାୟୋମ୍ୟାଟ୍ରିକ୍ ଏଟିଏମ୍, ଆଧାର ଭିତ୍ତିକ ଡେବିଟ୍ କାର୍ଡ ସୁବିଧା ପ୍ରଦାନ କରିବ। ସେହିପରି କାର୍ଡ ସୁବିଧା ପ୍ରଦାନ କରିବ। ସେହିପରି ଉଜ୍ଜୀବନ ଏସ୍‌ଏଫ୍‌ବି ଏଫ୍‌ଡି ଓ ରିକରିଂ ଡିପୋଜିଟ୍ ଉପରେ ଗ୍ରାହକଙ୍କୁ ୫.୫%ରୁ ୮% ପର୍ଯ୍ୟନ୍ତ ସୁଧ ପ୍ରଦାନ କରୁଥିବା ବେଳେ ଯେକୌଣସି ବ୍ୟାଙ୍କ ଏଟିଏମ୍‌ରୁ ୬ଟି ମାଗଣା ଟ୍ରାଞ୍ଜାକ୍ସନ ସୁବିଧା ପ୍ରଦାନ କରୁଛି। ଏହାଛଡ଼ା ଉଜ୍ଜୀବନର ସେଭିଂ ଆକାଉଣ୍ଟ ଉପରେ ୪% ସୁଧ ହାର ରହିଛି। ଆର୍‌ବିଆଇ ୨୦୧୫ରେ ୧୦ ଆବେଦକଙ୍କୁ ସ୍ମଲ ବ୍ୟାଙ୍କ ଖୋଲିବା ପାଇଁ ଲାଇସେନ୍ସ ପ୍ରଦାନ କରିଥିଲା। ଏହାମଧ୍ୟରେ ଉଜ୍ଜୀବନ ଫାଇନାନ୍ସ ମଧ୍ୟ ସାମିଲ ଥିଲା ଆର୍‌ବିଆଇ ଅନୁସାରେ, ଏହି ସ୍ମଲ ବ୍ୟାଙ୍କ କ୍ଷୁଦ୍ର ବ୍ୟବସାୟୀ, ସୀମାନ୍ତ ଚାଷୀ ଓ ଅସଂଗଠିତ କ୍ଷେତ୍ରର ସଂସ୍ଥାଗୁଡ଼ିକୁ ଋଣ ପ୍ରଦାନ କରିବା ସହ କମ୍ ଖର୍ଚ୍ଚରେ ପରିଚାଳିତ ବ୍ୟାଙ୍କ ଜମା ମଧ୍ୟ ସ୍ୱୀକାର କରିବ।

# ମୋବାଇଲ୍ ନମ୍ବର୍‌ରେ ଆଧାର ବାଧ୍ୟତାମୂଳକ

ନୂଆଦିଲ୍ଲୀ; ସୁପ୍ରିମକୋର୍ଟ ଆଜି କେନ୍ଦ୍ରକୁ ସିମ୍ କାର୍ଡର ଅପବ୍ୟବହାର ରୋକିବା ପାଇଁ ଆସନ୍ତା ବର୍ଷ ମଧ୍ୟରେ ନୂତନ ନୀତି ନିର୍ଦ୍ଧାରଣ ଓ ନିୟମ ଧାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ସୁପ୍ରିମ କୋର୍ଟ କେନ୍ଦ୍ର ସରକାରଙ୍କୁ ଏକ ବର୍ଷ ମଧ୍ୟରେ ସମସ୍ତ ମୋବାଇଲ ଫୋନ୍ ନମ୍ବରକୁ ଆଧାର ସହ ସଂଯୋଗ କରିବାକୁ ଅର୍ଥାତ୍ ଫୋନ୍ ଉପଭୋକ୍ତାଙ୍କ ପରିଚୟ ତଥ୍ୟ ପଞ୍ଜୀକୃତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଦାଲତର କହିବା ଅନୁଯାଇ,ଲୋକେ ଏବେ ମୋବାଇଲ ଫୋନ୍ ମାଧ୍ୟମରେ ବ୍ୟାଙ୍କିଙ୍ଗ୍ କାରବାର କରୁଥିବାରୁ ସିମ୍ କାର୍ଡ ଭେରିଫିକେସନ ଜରୁରୀ ହୋଇପଡ଼ିଛି। ତେଣୁ ସିମ୍ କାର୍ଡର ଦୁରୁପଯୋଗକୁ ରୋକିବା ଲାଗି ସରକାର ତୁରନ୍ତ ନୂଆ ନିୟମ ଗଠନ କରନ୍ତୁ ଏବଂ ଗ୍ରାହକଙ୍କୁ ପ୍ରିପେଡ୍ ସିମ୍ ନେଇ ରିର୍ଚାଜକରିବା ସମୟରେ ଏକ ଫର୍ମ ପୂରଣ କରି ଜମା କରାଇବାକୁ ହେବ। ଯାହାଦ୍ୱାରା ଉପଭୋକ୍ତାଙ୍କୁ ଭେରିଫିକେସନ ପାଇଁ ୬ ମାସର ସମୟ ଦିଆଯାଇପାରିବ ଏବଂ ଯଦି ଉପଭୋକ୍ତା ଭେରିଫିକେସନ ନକରାଉଛନ୍ତି ତେବେ ତାଙ୍କୁ ରିଚାର୍ଜ ସୁବିଧାରୁ ବଞ୍ଚିତ କରାଯିବା ଉଚିତ। ସୂଚନାଅନୁସାରେ ଦେଶରେ ପ୍ରାୟ ୫ କୋଟି ପ୍ରିପେଡ୍ ଉପଭୋକ୍ତା ବିନା ଡକ୍ୟୁମେଣ୍ଟ ଓ ଭେରିଫିକେସନରେ ମୋବାଇଲ ଫୋନ୍ ବ୍ୟବହାର କରୁଥିବା ବେଳେ ଏହା ସିମ୍ କାର୍ଡର ଅପବ୍ୟବହାର ହୋଇଥିବା ଅଭିଯୋଗ ଅଣାଯାଇଥିଲା। ଯାହାଦ୍ୱାରା ସୁପ୍ରିମକୋର୍ଟ ଏହି ଆବେଦନର ଉପରେ ଶୁଣାଣି କରି ଅଦାଲତ ଯାଞ୍ଚ ଭେରିଫିକେସନ ହୋଇନଥିବା ମୋବାଇଲ ନମ୍ବରଗୁଡ଼ିକର ଦୁରୁପଯୋଗର ଆଶଙ୍କାକରି ଏହା ଉପରେ ଚିନ୍ତାବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ସରକାର ଏକ ବର୍ଷ ମଧ୍ୟରେ ଭେରିଫିକେସନ ପ୍ରକ୍ରିୟା ପୂରା କରିବେ ବୋଲି ଅଦାଲତଙ୍କୁ ଆଶ୍ୱାସନା ଦେଇଥିଲେ।

# ରାସ୍ତାରୁ ହଟିଯିବ ପୁରୁଣା ଗାଡ଼ି

ନୂଆଦିଲ୍ଲୀ: ରାସ୍ତାରୁ ୧୫ ବର୍ଷ ପୁରୁଣା ବାଣିଜ୍ୟିକ ଯାନକୁ ହଟାଇବା ଲକ୍ଷ୍ୟରେ ସରକାର ନୂଆ ଯାନବାହନ ନୀତି ଲାଗୁ ପାଇଁ ଇଚ୍ଛାପ୍ରକାଶ କରିଛନ୍ତି। ପ୍ରସ୍ତାବରେ କ୍ୟାବିନେଟ୍ ମୋହର ଲାଗିବା ପରେ ଏହାକୁ ଦ୍ରବ୍ୟ ଓ ସେବା କର(ଜିଏସ୍‌ଟି) ପରିଷଦ ନିକଟକୁ ପଠାଯିବ। କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ୍ ଗଡ଼କରୀ ଏହି ସୂଚନା ଦେଇଛନ୍ତି। ସ୍ୱେଚ୍ଛାକୃତ ଯାନବାହନ ଫ୍ଲିଟ୍ ଆଧୁନିକରଣ କାର୍ଯ୍ୟକ୍ରମ(ଭି-ଭିଏମ୍‌ପି) ନୀତି ଅନୁସାରେ ସଡ଼କରୁ ଦଶନ୍ଧି ପୁରୁଣା ୨ କୋଟି ୮୦ ଲକ୍ଷ ଗାଡ଼ି ହଟାଇବାକୁ ପ୍ରସ୍ତାବ ରଖାଯାଇଛି। ଶ୍ରୀ ଗଡ଼କରୀ କହିଛନ୍ତି, ଯେତେ ସମ୍ଭବ ଏହି ନୀତି ଆଣିବାକୁ ମନ୍ତ୍ରାଳୟ ପକ୍ଷରୁ ଚେଷ୍ଟା କରାଯାଉଛି। ଫେବ୍ରୁଆରୀ ୯ରେ ଏନେଇ କ୍ୟାବିନେଟ୍‌ରେ ପ୍ରସ୍ତାବ ଆଗତ ହେବ। କ୍ୟାବିନେଟ୍ ଅନୁମୋଦନ ପରେ ଏହାକୁ ଜିଏସ୍‌ଟି ପରିଷଦ ନିକଟକୁ ପଠାଯିବ। ସଡ଼କ ପରିବହନ ମନ୍ତ୍ରୀ କହିଛନ୍ତି, ଏବେ ଦେଶରେ ଦେଖାଯାଉଥିବା ପ୍ରଦୂଷଣରେ ୧୫ ବର୍ଷ ପୁରୁଣା ଭାରୀ ଯାନ ୬୫% ଅଂଶୀଦାର। ଏଣୁ ପ୍ରଦୂଷଣ ରୋକିବା ଲକ୍ଷ୍ୟରେ ଏହି ପ୍ରସ୍ତାବ ଲାଗୁ ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ବେଶ୍ ଆଗ୍ରହୀ ରହିଛି। ଏବଂ କିଛିଦିନ ତଳେ ଅରୁଣ ଜେଟ୍‌ଲୀ ଏହାକୁ ସବୁଜ ସଙ୍କେତ ଦେଇଛନ୍ତି। ପ୍ରସ୍ତାବ ଅନୁସାରେ, ନିଜର ୧୫ ବର୍ଷ ପୁରୁଣା ବାଣିଜ୍ୟିକ ଯାନ ସରେଣ୍ଡର କରି ୧୫ ଲକ୍ଷ ଟଙ୍କାର ନୂଆ ବାଣିଜ୍ୟିକ ଯାନ କିଣିଲେ, ଲୋକମାନଙ୍କୁ ପ୍ରାୟ ୫ ଲକ୍ଷ ଟଙ୍କାର ରିହାତି ପ୍ରଦାନ କରାଯିବ। ଗଡ଼କରୀ କହିଛନ୍ତି, ନୂଆ ଗାଡ଼ି କିଣିଲା ବେଳେ ନିର୍ମାତାଙ୍କ ନିକଟରୁ ୨ ଲକ୍ଷ ଟଙ୍କାର ରିହାତି ଦିଆଯିବାକୁ ଥିବା ବେଳେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ ଟିକସରେ ଅଢ଼େଇ ଲକ୍ଷ ଟଙ୍କାର ରିହାତି ମିଳିବ। ତେବେ ଜିଏସ୍‌ଟି ପରିଷଦ ନିଷ୍ପତ୍ତି ଅନୁସାରେ ହିଁ ଏହି ଟିକସ ରିହାତି ପ୍ରଦାନ କରାଯିବ। ଏହି ପ୍ରସ୍ତାବ ଆଇନରେ ପରିଣତ ହେଲେ, ଅଟୋମୋବାଇଲ କ୍ଷେତ୍ରରେ ୨୨% ଅଭିବୃଦ୍ଧି ଦେଖିବାକୁ ମିଳିବ। ଫଳରେ ସରକାରଙ୍କୁ ୧୦,୦୦୦ କୋଟି ଟଙ୍କାର ଟିକସ ରାଜସ୍ୱ ମିଳିବ। ଏହା ଉଭୟ କମ୍ପାନି, ସରକାରଙ୍କ ସମେତ ପରିବେ। ନିମନ୍ତେ ୱିନ୍-ୱିନ୍ ପରିସ୍ଥିତି ସୃଷ୍ଟି କରିବ।

# ଟପ୍ ୧୦୦ରୁ ବାଦ୍ ପଡ଼ିଲା ଟାଟା ଗ୍ରୁପ୍

ନୂଆଦିଲ୍ଲୀ: ସାଇରସ୍ ମିସ୍ତ୍ରୀ ଏବଂ ରତନ୍ ଟାଟାଙ୍କ ମଧ୍ୟରେ ବିବାଦ ମହଙ୍ଗା ପଡ଼ିଛି ଟାଟା ଗ୍ରୁପ୍‌କୁ ଯାହା ଏହାର ସେୟାର ମାର୍କେଟ୍ ସହ ଏହାର ଆନ୍ତର୍ଜାତୀୟ ରାଙ୍କରେ ମଧ୍ୟ ପ୍ରଭାବ ପକାଇଛି। ଏହି ବିବାଦ କାରଣରୁ ଟାଟା ଗ୍ରୁପ୍ ବିଶ୍ୱର ଟପ୍ ୧୦୦ କମ୍ପାନୀ ତାଲିକାରୁ ତଳକୁ ଖସିଛି। ବ୍ରାଣ୍ଡ ଫାଇନାନ୍ସ ଗ୍ଲୋବାଲ୍- ୫୦୦ର ୨୦୧୭ ମସିହା ରିପୋର୍ଟ ଅନୁସାରେ ଗତବର୍ଷ ଟପ୍ ୧୦୦ କମ୍ପାନୀ ତାଲିକାରେ ଟାଟା ଗ୍ରୁପ୍ ୮୨ତମ ସ୍ଥାନରେ ଥିଲାବେଳେ ୨୦୧୭ରେ ଏହା ୧୦୩ତମ ସ୍ଥାନରେ ପହଞ୍ଚିଛି ଯାହା ଉପଭୋକ୍ତାଙ୍କର ଏହାର ଉତ୍ପାଦାନ ଉପରେ ଅବିଶ୍ୱାସ ଭାବ ପ୍ରକାଶ କରୁଛି। ତାଲିକାରେ ଶୀର୍ଷରେ ଗୁଗଲ୍ ରହିଥିଲା ବେଳେ ଦ୍ୱିତୀୟ ସ୍ଥାନରେ ରହିଛି ଆପଲ୍। ଏହି ରିପୋର୍ଟ୍‌ରେ ଭାରତୀୟ କମ୍ପାନୀମାନଙ୍କର ପ୍ରଦର୍ଶନ ମଧ୍ୟ ବେଶ୍ ଭଲ ରହିଛି। ଗତବର୍ଷ ଏୟାରଟେଲ୍ ୨୪୨ତମ ସ୍ଥାନରେ ପହଞ୍ଚିଛି। ସେହିପରି ଏଲ୍‌ଆଇସି ୨୮୩ତମ ସ୍ଥାନରୁ ଉର୍ଦ୍ଧ୍ୱକୁ ଉଠି ୨୨୨ତମ ସ୍ଥାନରେ, ଇନ୍‌ଫୋସିସ୍ ୩୦୧ତମ ସ୍ଥାନରୁ ୨୫୧ରେ ପହଞ୍ଚିଛି। ଯାହାପୂର୍ବ ଅପେକ୍ଷା ଭାରତୀୟ କମ୍ପାନୀ ମାନଙ୍କର ଆନ୍ତର୍ଜାତୀୟ ମାର୍କେଟ୍‌ରେ ଏହାର ସ୍ଥିତିକୁ ଜାହିର କରିବାରେ ସକ୍ଷ୍ୟମ ହୋଇଛି। ରିପୋର୍ଟ ଅନୁସାରେ ଗୁଗଲ୍ ଏବେ ବିଶ୍ୱର ସବୁଠାରୁ ମୂଲ୍ୟବାନ୍ ବ୍ରାଣ୍ଡ ହୋଇଥିଲା ବେଳେ ଏହାର ବଜାର ମୂଲ୍ୟ ୮୮ ଅରବ୍ ଡଲାର୍‌ରୁ ବୃଦ୍ଧି ପାଇଁ ୧୦୯ ଡଲାର୍‌ରେ ପହଞ୍ଚିଛି। ଯାହାଦ୍ୱାରା ଏହା ଆନ୍ତର୍ଜାତୀୟ ବଜାରରେ ଏହାର ଏକ ମୂଲ୍ୟବାନ ବ୍ରାଣ୍ଡ ଭାବରେ ପରିଚାଳିତ ହୋଇରହିଛି ଓ ଅଧିକ ଲୋକପ୍ରିୟ ବ୍ରାଣ୍ଡ ନାମରେ ନାମିତ ହେବାର ଗୌରବ ଅର୍ଜନ କରିଛି।



# ଖର୍ଚ୍ଚ ନହେଲେ ଦାୟୀ ହେବେ ଅଫିସର

**ନୂଆଦିଲ୍ଲୀ :** ସାଂସଦ ପାଣ୍ଠି ଠିକଣା ସମୟରେ ଖର୍ଚ୍ଚ ନହେଲେ ଅଫିସର ଦାୟୀ ରହିବେ। ଅଫିସରମାନେ ସ୍ୱାଧିକାର ଭଙ୍ଗ ଅଭିଯୋଗରେ ମଧ୍ୟ ପଡ଼ିପାରନ୍ତି। ସେମାନଙ୍କ ଚରିତ୍ର ପଞ୍ଜିକାରେ ଦାଗ ଲାଗିପାରେ। ସଂସଦ ସ୍ୱାଧିକାର କମିଟି ଏଭଳି କଠୋର ଆଭିମୁଖ୍ୟ ଗ୍ରହଣ କରିବା ଲାଗି ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରୁଛନ୍ତି। କୌଣସି ସାଂସଦ ସେମାନଙ୍କ ପାଣ୍ଠି ଉଦ୍ଦେଶ୍ୟମୂଳକ ଭାବେ ଖର୍ଚ୍ଚ ହେଉନଥିବା ସମ୍ପର୍କରେ ଅଭିଯୋଗ ଆଣିଲେ କମିଟି ଏଭଳି ଆଭିମୁଖ୍ୟ ଗ୍ରହଣ କରିପାରେ। ସଂସଦ ସ୍ୱାଧିକାର କମିଟିର ଅଧ୍ୟକ୍ଷ ମିନାକ୍ଷି ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। କେବଳ ସେତିକି ନୁହେଁ, ସାଂସଦମାନଙ୍କୁ ଗିରଫ କରିବା ପୂର୍ବରୁ ବାଚସ୍ପତିଙ୍କ ସମ୍ମତି ନେବା ବ୍ୟବସ୍ଥା କଡ଼ାକଡ଼ି ପାଳନ ଉପରେ ବି ଶ୍ରୀମତୀ ଲେଖି ଗୁରୁତ୍ୱାରୋପ କରିଥିଲେ। ଲୋକ ପ୍ରତିନିଧିଙ୍କ ସ୍ୱାଧିକାର ଭଙ୍ଗ ସମ୍ପର୍କ ବେଳେ ସାଂସଦ ପାଣ୍ଠି ଠିକଣା ସମୟରେ ଖର୍ଚ୍ଚ ହେଉନଥିବା ନେଇ ଗଣମାଧ୍ୟମ ସାଂସଦମାନଙ୍କୁ ଅଢେଇ କୋଟି ଟଙ୍କା ହିସାବରେ ଦୁଇଟି ପର୍ଯ୍ୟାୟରେ ୫କୋଟି ଟଙ୍କା ଦିଆଯାଇଥାଏ। ପ୍ରଥମ ପର୍ଯ୍ୟାୟରେ ଦିଆଯାଇଥିବା ଅଢେଇ କୋଟି ଟଙ୍କା ବିନିଯୋଗ ପରେ ଯାଇ ଦ୍ୱିତୀୟ ପର୍ଯ୍ୟାୟ ଅର୍ଥ ମିଳେ। ଏହି ଅର୍ଥ କିନ୍ତୁ ଅଧିକାଂଶ ସାଂସଦ ବିନିଯୋଗ କରିପାରୁନାହାନ୍ତି। ଏଥିରେ ସାଂସଦମାନଙ୍କର ବିଶେଷ କୌଣସି ଭୂମିକା ନାହିଁ। ଯଦି ପ୍ରକଳ୍ପ ତାଲିକା ସାଂସଦମାନେ ଦେଇନଥିବେ, ତେବେ ସେମାନଙ୍କୁ ଦାୟୀ କରାଯାଇପାରିବ। ଅନ୍ୟଥା ଏଥିପାଇଁ ଅଫିସର ହିଁ ମୁଖ୍ୟତଃ ଦାୟୀ। କାରଣ ପ୍ରକଳ୍ପ ତାଲିକା ଦିଆଯିବାର ୭୫ ଦିନ ମଧ୍ୟରେ ସେମାନେ ଟେଣ୍ଡର ଆଦି ପ୍ରକ୍ରିୟା ସାରିବା କଥା। ୬ମାସ ମଧ୍ୟରେ ସମ୍ପୂର୍ଣ୍ଣ ପ୍ରକଳ୍ପ କାମ ସରିବା ଉଚିତ୍। ମାତ୍ର ବାସ୍ତବପକ୍ଷେ ଏହା ହେଉନାହିଁ। ଏକ୍ଷେତ୍ରରେ ନା ସଂପୃକ୍ତ ଅଫିସରଙ୍କ ଉପରେ ସାଂସଦଙ୍କର କିଛି କର୍ତ୍ତବ ଅଛି ନା ସଂପୃକ୍ତ ଅଧିକାରୀମାନେ ନିଜ ଉତ୍ତରଦାୟିତ୍ୱ ସମ୍ପର୍କରେ ସଚେତନ ଅଛନ୍ତି। ପରିଣାମ ହେଉଛି, ସାଂସଦ ପାଣ୍ଠି ପ୍ରଦାନ ପଛର ଉଦ୍ଦେଶ୍ୟ ଗଭୀର ଭାବେ ପରାହତ ହେଉଛି। ଏହାକୁ ସ୍ୱାଧିକାର କମିଟି ଏବେ ଗୁରୁତ୍ୱ ସହ ନେଇଛନ୍ତି ବୋଲି ସୂଚନା ଦେଇ ଲେଖି କହିଥିଲେ, ଯଦି ସାଂସଦ ପାଣ୍ଠି ଠିକଣା ସମୟରେ ଖର୍ଚ୍ଚ ନ ହେବ, ତେବେ ଏବେ ସ୍ୱାଧିକାର ଭଙ୍ଗ ବୋଲି ବିବେଚନା କରାଯିବ। ସାଂସଦମାନେ ଲିଖିତ ଭାବେ ଏ ନେଇ ଜଣାଇଲେ, କମିଟି ଏ ନେଇ ଆବଶ୍ୟକ

## ସାଂସଦ ପାଣ୍ଠି

ପଦକ୍ଷେପ ନେବା ସହିତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିପାରେ। ଏପରିକି ଚରିତ୍ର ପଞ୍ଜିକାରେ ବି ଉଲ୍ଲେଖ କରିବା ନେଇ କମିଟି ସୁପାରିସ କରିବ।

ଶ୍ରୀମତୀ ଲେଖି କହିଥିଲେ, ସଂସଦ ବା ବିଧାନସଭାରେ କେହି ଭୁଲ୍ ତଥ୍ୟ ଦେଲେ, ତାହାକୁ ସ୍ୱାଧିକାର ଭଙ୍ଗ ବୋଲି ଗ୍ରହଣ କରିବା ପରିବର୍ତ୍ତେ ଠିକ୍ ତଥ୍ୟ ଗୃହରେ ଉପସ୍ଥାପନ କରିବା ଲାଗି ସୁଯୋଗ ଦିଆଯିବା ଦରକାର। ସେହିପରି ଯଦି କୌଣସି ସଦସ୍ୟ ସ୍ୱାଧିକାର ଭଙ୍ଗ କରୁଛନ୍ତି, ତାଙ୍କୁ ଦୀର୍ଘ ସମୟ ପାଇଁ ଗୃହ କାର୍ଯ୍ୟରୁ ଦୂରେଇ ରଖିବା ଠିକ୍ ନୁହେଁ। କାରଣ ଏହା ଦ୍ୱାରା ସଂପୃକ୍ତ ସଂସଦଙ୍କୁ ନିର୍ବାଚିତ କରିଥିବା ଲୋକଙ୍କୁ ହିଁ କ୍ଷତି ସହିବାକୁ ପଡ଼ିବ। ସଂପୃକ୍ତ ଅଞ୍ଚଳବାସୀଙ୍କ ସମସ୍ୟା ସଂସଦରେ ଉଠିପାରିବ ନାହିଁ। ପୁଲିସ କୌଣସି ସାଂସଦଙ୍କୁ ଆଖିବୁଜା ଗିରଫ କରିବା ନେଇ ଶ୍ରୀମତୀ ଲେଖି ଭିନ୍ନ ମତ ପୋଷଣ କରିଥିଲେ। କହିଥିଲେ, ପୁଲିସ ବାଚସ୍ପତିଙ୍କୁ ଅନ୍ଧାରରେ ରଖି ସାଂସଦଙ୍କୁ ଗିରଫ କଲେ ଏହାକୁ ସ୍ୱାଧିକାର ଭଙ୍ଗ ବୋଲି ବିବେଚନା କରାଯାଇପାରେ। ଏ କ୍ଷେତ୍ରରେ ବାଚସ୍ପତିଙ୍କ ସମ୍ମତି ନିଆଯିବା ଦରକାର। ସଂସଦ ହେଉ ଅଥବା ବିଧାନସଭା ଯେତିକି ସ୍ୱାଧିକାର ଭଙ୍ଗ ନେଇ ଅଭିଯୋଗ ଆସୁଛି, ସେହି ଅନୁପାତରେ ନୋଟିସ ଜାରି ହୋଇପାରୁନାହିଁ ବୋଲି ଶ୍ରୀମତୀ ଲେଖି ଉଦ୍‌ବେଗ ପ୍ରକାଶ କରିଥିଲେ। ଯାହାଫଳରେ ସେ ଏହାକୁ ସୁଚାରୁ ରୂପେ ପାଳନ କରିବା ପାଇଁ ଏବଂ ଏହାର ସଂସ୍କାରମୂଳକ୍ୟ ପଦକ୍ଷେପ ନେବାପାଇଁ ସେ ସାଂସଦ ପାଣ୍ଠି କମିଟିକୁ ସୁପାରିକ କରିବା ସହ ଏହାକୁ କାର୍ଯ୍ୟକାରୀ କରିବା ପାଇଁ କହିଛନ୍ତି।

# ୪୪୫ କିମି ହାଇୱେ ପାଇଁ ଡିପିଆର୍ ପ୍ରସ୍ତୁତ

**ଭୁବନେଶ୍ୱର :** ଦୀଘାଠାରୁ ଗୋପାଳପୁର ପର୍ଯ୍ୟନ୍ତ ଉପକୂଳ ରାସ୍ତା ନିର୍ମାଣ ଲାଗି ବିସ୍ତୃତ ପ୍ରକଳ୍ପ ରିପୋର୍ଟ(ଡିପିଆର୍) ଚୂଡ଼ାନ୍ତ ହୋଇଛି। କେନ୍ଦ୍ର ସରକାରଙ୍କ ଭାରତମାଳା ପରିଯୋଜନା ଅନ୍ତର୍ଗତ ଆସନ୍ତା ମାର୍ଚ୍ଚମାସ ଠାରୁ ଆରମ୍ଭ ହେଉଥିବା ଆର୍ଥିକ ବର୍ଷରେ ପ୍ରଥମେ ଏହା ଓଡ଼ିଶା, ଗୁଜରାଟ, ମହାରାଷ୍ଟ୍ର, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶରେ ଆରମ୍ଭ ହେବ। ସାରା ଦେଶରେ ଏନେଇ ୨ ହଜାର କିଲୋମିଟର ରାସ୍ତା ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଓଡ଼ିଶା ଦେଇ ୪୪୫ କିମି ରାସ୍ତା ପାଇଁ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ପକ୍ଷରୁ ଡିପିଆର୍ ପ୍ରସ୍ତୁତ କରାଯାଇଛି। ପ୍ରାୟ ୫୦୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ଏହି ହାଇୱେ ପାଇଁ ନିକଟରେ କେନ୍ଦ୍ର ବଜେଟ୍‌ରେ ବ୍ୟୟ ବରାଦ କରାଯାଇଛି। ଡିପିଆର୍ ଅନୁସାରେ ଏହି ରାସ୍ତା ସମୁଦ୍ର ଉପକୂଳରେ ଗଞ୍ଜାମ ଜିଲ୍ଲା ଗୋପାଳପୁର ଠାରୁ ଆରମ୍ଭ ହୋଇ ପଶ୍ଚିମବଙ୍ଗ ଦୀଘା ପର୍ଯ୍ୟନ୍ତ ଯିବ। ଏହା ଦ୍ୱାରା ରାଜ୍ୟର ୧୭୮ଟି ଗାଁକୁ ସଂଯୋଗ



କରାଯିବ। ୪୪୫ କିମି ଦୀର୍ଘ ଏହି ରାସ୍ତାମଧ୍ୟରୁ ଗଞ୍ଜାମ ଜିଲ୍ଲାରେ ୨୯ କିମି, ପୁରୀ ଜିଲ୍ଲାରେ ୧୫୩, ଜଗତସିଂହପୁର ୫୪, କେନ୍ଦ୍ରପଡ଼ା ୪୯, ଭଦ୍ରକ ୬୧ ଏବଂ ବାଲେଶ୍ୱର ଜିଲ୍ଲା ଦେଇ ୯୯ କିମି ରାସ୍ତା ନିର୍ମାଣ କରାଯିବ। ଏନେଇ ନିଯୁକ୍ତ କରାଯାଇଥିବା କନସଲଟାଣ୍ଟଙ୍କ ପରାମର୍ଶ ଏବଂ ସର୍ଭେ ପରେ ଏହି ପ୍ରକ୍ରିୟାକୁ ଚୂଡ଼ାନ୍ତ କରାଯାଇଛି। ଦରକାର ସ୍ଥଳରେ ସ୍ଥାନୀୟ ରାସ୍ତାକୁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଉପଯୋଗ କରିପାରିବେ ବୋଲି ରାଜ୍ୟ ସରକାର ପୂର୍ବରୁ ସବୁଜ ସଙ୍କେତ ଦେଇସାରିଛନ୍ତି। ତେବେ ଏହି ରାସ୍ତା ନିର୍ମାଣ ସମୟରେ ଅଧିକ ଲୋକ ରହୁଥିବା ଜନବସତି, ଜଙ୍ଗଲ ଏରିଆ ଏବଂ ବନ୍ୟଜନ୍ତୁ ରହୁଥିବା ଅଭୟାରଣ୍ୟଗୁଡ଼ିକୁ ବାଦ୍ ଦେବା ପାଇଁ କୁହାଯାଇଛି। ଏହି ରାସ୍ତା ଛତ୍ରପୁର, ସାତପଡ଼ା, କୋଣାର୍କ, ଅସ୍ତରଙ୍ଗ, ନୂଆଗାଁ, ପାରାଦୀପ, ରତନପୁର, ସାତଭାୟା, ଧାମରା, ବାସୁଦେବପୁର, ତାଳପଡ଼ା, ଚାନ୍ଦିପୁର, ଚନ୍ଦନେଶ୍ୱର ଦେଇ ଦୀଘାରେ ମିଶିବ। ରାସ୍ତା ନିର୍ମାଣ ସମୟରେ ଋଷିକୁଲ୍ୟା, ପାଲୁର ସାହିବ କେନାଲ, ଚିଲିକା ହ୍ରଦ, ଧାନିଖିଆ, ନୂଆ, କୁଶଭଦ୍ରା, କଡୁଆ ଦେବୀ, ହଂସୁଆ, ମହାନଦୀ, ଗୋବରୀ, ପାଟଶାଳ, ବ୍ରାହ୍ମଣୀ, ବୈତରଣୀ, ମେନ୍ତେଇ, ପଞ୍ଚପଡ଼ା, ଡୁବଡୁବି, ସୁବର୍ଣ୍ଣରେଖା ଏବଂ ଷଡଙ୍ଗୀ ନଦୀରେ ବ୍ରୀଜ୍ ନିର୍ମାଣ କରାଯିବ ବୋଲି ରିପୋର୍ଟରେ କୁହାଯାଇଛି। ଏହି ରାସ୍ତା ନିର୍ମାଣ କରାଗଲେ ଉପକୂଳ ଅଂଚଳରେ ଗମନାଗମନ ସୁବିଧା ହେବା ସହିତ ଆନ୍ଧ୍ରପ୍ରଦେଶ ଠାରୁ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ସଡ଼କପଥର ଦୂରତା କମିଯିବ। ଉପକୂଳ ଅଂଚଳରେ ପର୍ଯ୍ୟଟନ ବିକାଶ ନେଇ ମଧ୍ୟ ଏହା ସହାୟକ ହେବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ତେବେ ଏହି ରାସ୍ତା ନିର୍ମାଣ ସମୟରେ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ ମୁଖ୍ୟ ଭୂମିକା ରହିବ। ସେଥିପାଇଁ ଉନ୍ନୟନ କମିଶନର ଆର୍ ବାଲକ୍ରିଷ୍ଣନଙ୍କ ଅଧ୍ୟକ୍ଷତାରେ ଏକ ହାଇଲେଭେଲ କମିଟି ଗଠନ କରାଯାଇଛି। ଏହି କମିଟି ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରିବା ସହିତ ସମୟ ବ୍ୟବଧାନରେ ଏହାର ସମୀକ୍ଷା କରିବ। ଏହା ସହିତ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଯୋଗସୂତ୍ର ମଧ୍ୟ ରକ୍ଷା କରିବ। ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଚଳିତ ମାସରେ ଏହି ଡିପିଆର୍ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟକୁ ପଠାଇବେ। ସେଠାରେ ପ୍ରସ୍ତାବ ମଞ୍ଜୁର ହେବା ପରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ। ଏହିସବୁ କାର୍ଯ୍ୟ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ଶେଷ ହୋଇଯିବ ବୋଲି ଭୁବନେଶ୍ୱର ସ୍ଥିତ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ କହିଛନ୍ତି। ମାର୍ଚ୍ଚ ପରେ ଆସନ୍ତା ଏପ୍ରିଲ ମାସ ଠାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯିବ ବୋଲି ମଧ୍ୟ ସୂଚନା ଦିଆଯାଇଛି।

## ନିଲମ୍ବନ ଅବଧି ଟପିବନି ୬ମାସ

**ଭୁବନେଶ୍ୱର :** ସରକାରୀ କର୍ମଚାରୀଙ୍କ ନିଲମ୍ବନ ଅବଧି ୬ ମାସରୁ ଅଧିକ ସମୟ ବୃଦ୍ଧି କରାଯାଇପାରିବ ନାହିଁ। କୌଣସି ପରିସ୍ଥିତିରେ ନିଲମ୍ବନ ଆଦେଶ ଅବଧି ବୃଦ୍ଧି କରାଯିବାର ଆବଶ୍ୟକତା ପଡ଼ିଲେ ଏଥିପାଇଁ ଉପରିସ୍ଥ କର୍ତ୍ତୃପକ୍ଷ ଅନୁମତି ନେବାକୁ ପଡ଼ିବ। ନିୟମିତ ଭାବେ ନିଲମ୍ବିତ ଅଧିକାରୀଙ୍କ ବିଷୟରେ ସମୀକ୍ଷା ହେଉ ନଥିବାରୁ ଏଥିପାଇଁ ଅଧିକାରୀ ବର୍ଷ ବର୍ଷ ଧରି ନିଲମ୍ବିତ ଅବସ୍ଥାରେ ବି ସରକାରୀ ଭତ୍ତା ପାଉଛନ୍ତି। ଏସବୁର ନିୟମିତ ସମୀକ୍ଷା ପାଇଁ ବିଭିନ୍ନ ସ୍ତରରେ କମିଟି ଗଠନ ନିମନ୍ତେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସରକାରୀ କର୍ମଚାରୀଙ୍କ ନିଲମ୍ବନ ଆଦେଶ ଓ ଏହାର ପରବର୍ତ୍ତୀ କାର୍ଯ୍ୟକ୍ରମର ତଦାରଖ ନିମନ୍ତେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ପ୍ରଚଳିତ ନୀତି ଅନୁସାରେ ନିଲମ୍ବନ ମାସ ଭିତରେ ସାଧାରଣତଃ ବିଭାଗୀୟ ପ୍ରୋସିଡ଼ିଂ ଆରମ୍ଭ କରାଯାଇଥାଏ। ଚାର୍ଜ ଫ୍ରେମ କରାଯିବାର ୬ ମାସ ପରେ ନିଲମ୍ବନ ଅବଧି ବୃଦ୍ଧି କରାଯିବା ଉଚିତ ନୁହେଁ। କୌଣସି କାରଣ ପାଇଁ ୬ମାସ ସମୟ ଭିତରେ ପ୍ରୋସିଡ଼ିଂ ଫଇସଲା କରିବା ସମ୍ଭବ ହେଉ ନଥିଲେ ନିଲମ୍ବନ ଆଦେଶର ଅବଧି ବୃଦ୍ଧି କରାଯିବାର



କାରଣ ସମ୍ପର୍କରେ ଜଣାଇବା ପାଇଁ ଆଦେଶ ଦେଇଛନ୍ତ ସାଧାରଣ ପ୍ରଶାସନ ଏବଂ ଏହାର ଅବଧୀ ନବଢ଼େଇବା ପାଇଁ ମଧ୍ୟ କୁହାଯାଇଛି ଏବଂ ଏହାକୁ ଅତିଶିଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ମଧ୍ୟ ଆଦେଶ ଦେଇଛନ୍ତି। ଯାହାଦ୍ୱାରା ସରକାରଙ୍କ ରାଜସ୍ୱହାନୀରୁ ବର୍ତ୍ତିଯାଇପାରିବ ଏବଂ ଏହାକୁ ସଠିକ୍ ଭାବରେ ପରିଚାଳନା କରିବା ପାଇଁ ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ସୁଯୋଗ ମିଳିବ।

## ପ୍ରଦୀପଙ୍କ ନାଁରେ ନୂଆ ମାମଲା

**ଭୁବନେଶ୍ୱର :** ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ଠକେଇ ମାମଲାରେ ସଂସ୍ଥା ମୁଖ୍ୟ ପ୍ରଦୀପ ସେଠୀ ଓ ୪ ଜଣ ନିର୍ଦ୍ଦେଶକ ଜୟପ୍ରକାଶ ପଟ୍ଟନାୟକ, ଶ୍ରୀକୃଷ୍ଣ ପାଢ଼ୀ, ଦୀପକ ପାରେଖ, ମନୋଜ ପଟ୍ଟନାୟକ ପ୍ରମୁଖଙ୍କ ନାଁରେ ଏସ୍‌ଏଫ୍‌ଆଇଓ ଏକ ନୂଆ ମାମଲା ରୁଜୁ କରିଛି। ଏହି ୫ ଜଣଙ୍କ ବିରୋଧରେ ଏସ୍‌ଏଫ୍‌ଆଇଓ କମ୍ପାନି ଆକ୍ଟର ଉଲ୍ଲଂଘନ ଦଫା ଲଗାଇଛି। ସେହି ଅନୁଯାୟୀ ଏସ୍‌ଏଫ୍‌ଆଇଓ ତଦନ୍ତ ଆରମ୍ଭ କରିଛି ବୋଲି ସହକାରୀ ନିର୍ଦ୍ଦେଶକ ମନୋଜ କୁମାର ସାହୁ ସୂଚନା ଦେଇଛନ୍ତି। ଗତ ବୁଧବାର ଝାରପଡ଼ା ଜେଲ୍‌କୁ ଜେରା କରିବାକୁ ଆସିଥିବା ଏସ୍‌ଏଫ୍‌ଆଇଓ ସହକାରୀ ନିର୍ଦ୍ଦେଶକ ଶ୍ରୀ ସାହୁ କହିଛନ୍ତି, ଆମେ ଦେଢ଼ ବର୍ଷ ତଳୁ ଅର୍ଥତତ୍ତ୍ୱ କମ୍ପାନି ଆକ୍ଟର ଉଲ୍ଲଂଘନ ଓ ଆର୍ଥିକ କାରବାର ନେଇ ଅନୁସନ୍ଧାନ କରି ଆସୁଛୁ। କୋ-ଅପରେଟିଭ୍ ସଂସ୍ଥା ଅର୍ଥତତ୍ତ୍ୱର ପଞ୍ଜୀକରଣ କିଭଳି ପରିସ୍ଥିତିରେ କରାଇଥିଲା ତାହା ତଦନ୍ତ ବେଳେ ଜଣାପଡ଼ିଛି। ଅର୍ଥତତ୍ତ୍ୱକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିଛି




ସମବାୟ ସଂସ୍ଥା। ତେଣୁ କୋପରେଟିଭ ଅଧିକାରୀଙ୍କ ଖୁବ୍ ଶୀଘ୍ର ଜେରା କରାଯିବ। ଏସ୍‌ଏଫ୍‌ଆଇଓର ଅଧିକାରୀ ଜଣକ କହିଛନ୍ତି। ସେହିପରି ଏସ୍‌ଏଫ୍‌ଆଇଓ ପକ୍ଷରୁ ମନି ଲଣ୍ଡରିଂ ପାର୍ଟ, ଅର୍ଥତତ୍ତ୍ୱ କେତେ ଟଙ୍କା ଜମାକାରୀଙ୍କଠାରୁ ଆଦାୟ କରିଛି, କେତେ ଟଙ୍କା ଖର୍ଚ୍ଚ କରିଛି ଏହାର ମଧ୍ୟ ତଦନ୍ତ ହେବ। ଏଠାରେ ପ୍ରକାଶ ଥାଉକି, ଗତ ମାସ ୨୫ ତାରିଖରେ ସିବିଆଇର ସ୍ୱତନ୍ତ୍ର କୋର୍ଟ ସିରିୟସ ଫ୍ରଡ୍ ଇନଭେଷ୍ଟିଗେସନ୍‌ର ତଦନ୍ତକାରୀ ଅଧିକାରୀଙ୍କୁ ଏକ ମାସ ମଧ୍ୟରେ ତଦନ୍ତ କରି ରିପୋର୍ଟ ଦେବାକୁ ଅନୁମତି ପ୍ରଦାନ କରିଥିଲେ। ଅନୁମତି ପରେ ଗତ ୩ଦିନ ହେବ ଏସ୍‌ଏଫ୍‌ଆଇଓର ଅଧିକାରୀମାନେ ଝାରପଡ଼ା ଜେଲ୍‌କୁ ଯାଇ ପ୍ରଦୀପଙ୍କ ସମେତ ୫ଜଣଙ୍କୁ ପଚରାଉଚରା କରୁଛି। ଅର୍ଥନୈତିକ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅର୍ଥତତ୍ତ୍ୱର ୨୩କୋଟି ଟଙ୍କା ସମ୍ପତ୍ତି ଜବତ କରିଥିବାବେଳେ ସମୁଦାୟ ସିବିଆଇ ଓ କମିସନ୍‌ରେଟ୍ ପୁଲିସ ୧୦୭ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। କିନ୍ତୁ ଅର୍ଥତତ୍ତ୍ୱ ବିରୋଧରେ ସମୁଦାୟ ୧୨ଶହ କୋଟି ଟଙ୍କାର ଠକେଇ ଅଭିଯୋଗ ରହିଛି। ୨୦୧୩ ମସିହା ମେ' ମାସରୁ ପ୍ରଦୀପ ସେଠୀଙ୍କ ସମେତ ୫ଜଣ ନିର୍ଦ୍ଦେଶକ ଝାରପଡ଼ା ଜେଲ୍‌ରେ ଅଛନ୍ତି।

## ନୀରବ ଝଡ଼ରେ ମନର କଥା

ଶୃଙ୍ଖଳା ହିଁ ପରିବାରର ଏକତା ଓ ପବିତ୍ରତାକୁ ବଜାୟ ରଖିପାରେ। ଏଥିରୁ ବିଚ୍ୟୁତ ହେଲେ କକ୍ଷଚ୍ୟୁତ ପରିବାରଟିଏ କିଭଳି ଦୁର୍ଦ୍ଦଶାର ସମ୍ମୁଖୀନ ହୁଏ ତାହାର ନିଚ୍ଛକ କଥାବସ୍ତୁ ହେଉଛି ନାଟକ ନୀରବ ଝଡ଼। ନିକଟରେ ରବୀନ୍ଦ୍ରମଣ୍ଡପରେ ମଂଚସ୍ଥ ହୋଇଥିବା ଏହି ନାଟକର ପ୍ରାୟୋଜକ ଥିଲେ ଭୁବନେଶ୍ୱର ବାର ଆସୋସିଏସ୍‌ନ ନାଟ୍ୟକାର ସୁକାନ୍ତ ମଲ୍ଲିକଙ୍କ ରଚିତ ନୀରବ ଝଡ଼ର ନିର୍ଦ୍ଦେଶନା ଦେଇଥିଲେ ଉଲ୍ଲାସ ମହାନ୍ତି ଓ ସଂଗୀତରେ ସଜାଇଥିଲେ ବିନୟ। 'ନୀରବ ଝଡ଼' ମୁଖ୍ୟ ଭୂମିକାରେ ମନୋଜ ବଳିୟାରସିଂ, ବିଷ୍ଣୁ ଚରଣ ଜେନା ଓ ସଂଗୀତା ପଟ୍ଟନାୟକଙ୍କ ଅଭିନୟ ଦର୍ଶକମାନଙ୍କୁ ପ୍ରେକ୍ଷାଳୟରେ ଦୀର୍ଘସମୟ ପାଇଁ ବାନ୍ଧି ରଖିଥିଲା। ସବୁଠୁ ନିଗୁଣ ଅଭିନୟ ପ୍ରଦର୍ଶନ କରିଥିଲେ ମନୋଜ। ପେଷାଦାର ନହୋଇ ବି ସେ ବାସ୍ତବ ଅଭିନୟ କରି ଦର୍ଶକଙ୍କ ମନ ମୋହିଥିଲେ। ଆସୋସିଏସନ୍ ପକ୍ଷରୁ ସଫଳ ରୂପାୟନ ପାଇଁ ଯଥେଷ୍ଟ ଉଦ୍ୟମ କରିଥିଲେ।



## ଆରପାରିରେ ଲଲାଟେନ୍ଦୁ ପଟ୍ଟନାୟକ

ଜଣେ ଭଲମଣିଷକୁ ହରାଇ ପ୍ରିୟପରିଜନମାନେ କିଭଳି ଯେ ମର୍ମାହତ ହୋଇପଡ଼ନ୍ତି ତାହା ବରିଷ୍ଠ ଆଇନଜୀବୀ ତଥା ଦକ୍ଷ କ୍ରୀଡ଼ାସଂଗଠକ ଲଲାଟେନ୍ଦୁ ପଟ୍ଟନାୟକଙ୍କ ଅକାଳ ବିୟୋଗରେ ଦେଖିବାକୁ ମିଳିଛି। ଗତ ୭ ତାରିଖ ଦିନ ହୃଦଘାତ ଯୋଗୁଁ ମାତ୍ର ୬୨ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଏହି ଘଟଣା ପ୍ରଚାର ହେବା ପରେ ସମଗ୍ର ରାଜଧାନୀର ଆଇନଜୀବୀ ତଥା କ୍ରୀଡ଼ାପ୍ରେମୀଙ୍କ ମନରେ ଗଭୀର ଦୁଃଖ ପ୍ରକାଶ ପାଇଛି। ଅନ୍ୟକୁ ଅତି ନିଜର ଭାବୁଥିବା ଲଲାଟେନ୍ଦୁଙ୍କ ବିୟୋଗ ସମସ୍ତଙ୍କୁ ମର୍ମାହତ କରିଥିଲା ବେଳେ ତାଙ୍କ ପାର୍ଥିବ ଶରୀରକୁ ସେଦିନ ପାଛୋଟି ନିଆଯାଇଥିଲା ଭୁବନେଶ୍ୱର କୋର୍ଟ ପରିସରକୁ। ନୂଆପଲ୍ଲୀ ବାସଭବନରୁ ତାଙ୍କ ମରଶରୀର ଏକ ସୁସଜ୍ଜିତ ଗାଡ଼ିରେ କୋର୍ଟ ପରିସରରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ବହୁ ଆଇନଜୀବୀ



ତଥା ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ତରଫରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସେଠାରେ ରାଜ୍ୟ ଆଇନଜୀବୀ ପରିଷଦର ସଭାପତି ମାନସ ମହାପାତ୍ର, ଭୁବନେଶ୍ୱର ଓକିଲ ସଂଘର ପୂର୍ବତନ ସଭାପତି ଅଶୋକ କୁମାର ପାତ୍ର, ଲିଙ୍ଗରାଜ ଦାଶଙ୍କ ସମେତ ଓକିଲ ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଲଲାଟେନ୍ଦୁଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଆଇନଜୀବୀଙ୍କ ସ୍ୱାର୍ଥ ପାଇଁ ଆଜୀବନ ଲଢ଼େଇ କରୁଥିବା ଲଲାଟେନ୍ଦୁ ଜଣେ ସରଳ ଅମାୟିକ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ବେଶ୍ ଜଣାଶୁଣା ଥିଲେ। ଏଥିସହ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସ୍‌ନର ଉପସଭାପତି ଭାବରେ ଦୀର୍ଘଦିନ ଧରି ଦାୟିତ୍ୱ ତୁଲାଇଥିଲେ। ସେ କ୍ୟାପିଟାଲ ବାର ଆସୋସିଏସନର ସମ୍ପାଦକ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ସ୍କୁଲ ପାଠ୍ୟକ୍ରମରେ କ୍ରୀଡ଼ା ବାଧ୍ୟତାମୂଳକ

**ଭୁବନେଶ୍ୱର:** ପ୍ରାଥମିକ ସ୍ତରରୁ ଅଲିମ୍ପିକ୍ସ ଲାଗି ପିଲାମାନଙ୍କୁ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ତେଣୁ ଏଥି ପାଇଁ ସୂପାରୁ ରୂପରେ କାର୍ଯ୍ୟ କରିବା ସହ ବିଦ୍ୟାଳୟସ୍ତରରୁ ଛାତ୍ରଛାତ୍ରୀଙ୍କୁ ଶାରୀରିକ ଶିକ୍ଷା, କ୍ରୀଡ଼ା ଏବଂ ଯୋଗ ବିଷୟରେ ତାଲିମ ଦିଆଯିବା ଉଚିତ। ୨୦୨୦, ୨୦୨୪ ଏବଂ ୨୦୨୮ ଅଲିମ୍ପିକ୍ସ ଲାଗି ଭାରତ ଯେପରି ପ୍ରସ୍ତୁତ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ରାଜ୍ୟକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ଗତ ଅଲିମ୍ପିକ୍ସରେ ଭାରତର ନୈରାଶ୍ୟଜନକ ପ୍ରଦର୍ଶନ ପରେ ଏଭଳି ପଦକ୍ଷେପ ନେଇଛନ୍ତି କେନ୍ଦ୍ର, ଯାହାକୁ ଚଳିତ ଶିକ୍ଷାବର୍ଷରୁ ଆନ୍ଧ୍ରପ୍ରଦେଶ ସରକାର ଲାଗୁ କରିଛନ୍ତି। ସେଠାକାର ବିଦ୍ୟାଳୟରେ ଶାରୀରିକ, କ୍ରୀଡା ଏବଂ ଯୋଗ ଶିକ୍ଷା ବାଧ୍ୟତାମୂଳକ କରାଯାଇଥିବା ସହ ପିଲାମାନଙ୍କୁ ଆଧୁନିକ ପ୍ରକିୟାରେ ସେମାନଙ୍କର ଦକ୍ଷତା ବୃଦ୍ଧି କରିବା ପାଇଁ ପ୍ରସାୟ କରାଯାଇ ଉପଯୁକ୍ତ ଓ ଦକ୍ଷ କୋଚ୍‌ଙ୍କ ଦ୍ୱାରା ତାଲିମ ଓ ଶିକ୍ଷା ଦେବା ସହ ସେମାନଙ୍କୁ ଭବିଷତ୍ୟରେ କିଭଳି ଦେଶପାଇଁ ମେଡ଼ାଲ ଆଣିବା ପାଇଁ ଚେଷ୍ଟା କରିବେ ସେଥିପାଇଁ ପ୍ରୟାସ କରାଯାଉଛି ଏବଂ ବିଦ୍ୟାଳୟ ପାଠକ୍ରମରେ ଏହାକୁ ଅନ୍ତର୍ଭୂକ୍ତ କରାଯାଇଛି। ଏବଂ ଏହା ସରକାରଙ୍କ ଏକ ଉତ୍ତମ ଓ ଦୂରଦୃଷ୍ଟା ଚିନ୍ତାଧାରା ବୋଲି ମନେକରାଯାଉଛି। ସୂଚନା ଅନୁସାରେ ସ୍କୁଲମାନଙ୍କରେ ପୂର୍ବପରି କ୍ରୀଡ଼ା ହେଉଥିଲେ ମଧ୍ୟ ଏହା ଏପରି ପଳପଦ ସୃଷ୍ଟି କରିନଥିବାରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାଯାଇଛି।

## ଡାକଘରେ ମିଳିବ ବ୍ୟାଙ୍କ ସୁବିଧା

**କଟକ:** ଡାକଘରେ ମିଳିବ ବ୍ୟାଙ୍କିଙ୍ଗ୍ ସୁବିଧା। ଡାକ ଘରେ ଖାତା ଖୋଲିଥିବା ଗ୍ରାହକ ଅନ୍‌ଲାଇନ୍‌ରେ ବି ଅର୍ଥ ନେଣଦେଣ କରିପାରିବେ। ଡାକ ବିଭାଗକୁ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ(ଆରବିଆଇ) ବ୍ୟାଙ୍କିଙ୍ଗ୍ ଲାଇସେନ୍ସ ପ୍ରଦାନ କରିବା ପରେ ଏବେ ଗ୍ରାହକମାନେ ଖୁବ୍‌ଶୀଘ୍ର ଏଭଳି ସୁବିଧା ପାଇବାକୁ ଯାଉଛନ୍ତି। ଏହାକୁ 'ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ' ବ୍ୟବସ୍ଥା କୁହାଯାଉଛି। କଟକ ବକ୍ସିବଜାର ଜିପିଓ ପକ୍ଷରୁ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଏହି ନୂଆ ବ୍ୟବସ୍ଥା ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା ୪୦୦ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବା ବେଳେ ବ୍ୟବସ୍ଥାର ପରିଚାଳନା ପାଇଁ ସ୍ୱତନ୍ତ୍ର ଭାବେ ୧୦ ଜଣ ବରିଷ୍ଠ ଅଧିକାରୀଙ୍କୁ ନିଯୁକ୍ତି ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ମିଳିଛି।

ସୂଚନାନୁଯାୟୀ, ଆର୍‌ବିଆଇ ପକ୍ଷରୁ ଡାକ ବିଭାଗକୁ ଗଲା ଜାନୁଆରି ୨୩ ତାରିଖରେ ବ୍ୟାଙ୍କିଙ୍ଗ୍ ଲାଇସେନ୍ସ ପ୍ରଦାନ କରାଯାଇଛି। ଦେଶବ୍ୟାପୀ ମୋଟ ୬୫୦ ଡାକ ଘରେ 'ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ' ବ୍ୟବସ୍ଥା ଆରମ୍ଭ ହେବାକୁ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ରାଂଚି ଓ ରାୟପୁରରେ ଆରମ୍ଭ ହୋଇଛି। ଆସନ୍ତା ଏପ୍ରିଲ ସୁଦ୍ଧା ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟରେ ଯେଉଁ କେତୋଟି ଡାକ ଘରେ ଏ ପ୍ରକାର ବ୍ୟବସ୍ଥା ଆରମ୍ଭ ହେବାକୁ ଯାଉଛି, ସେଥିରେ କଟକ ରହିଛି। କଟକରେ ଏ ବ୍ୟବସ୍ଥା ଆରମ୍ଭ ହେଲେ ୬୫ଟି ଡାକ ଘର ଓ ୯୬ଟି ଉପ ଡାକଘରରେ ଥିବା ମୋଟ ୫ ଲକ୍ଷ ୨୯ ହଜାର ୯୬୬ ଗ୍ରାହକ ଉପକୃତ ହେବେ ବୋଲି ଆଶା କରାଯାଉଛି। ଏହି ନୂଆ ବ୍ୟବସ୍ଥା ମୁତାବକ, ଗ୍ରାହକଙ୍କୁ ନୂଆ ଆକାଉଣ୍ଟ ଖୋଲିବାକୁ ପଡ଼ିବ। ଏଥିପାଇଁ ଗ୍ରାହକଙ୍କୁ କେୱାଇସି ପ୍ରଦାନ ବାଧ୍ୟତାମୂଳକ କରାଯାଇଛି। ଉକ୍ତ ଆକାଉଣ୍ଟ ଆର୍‌ବିଆଇ ଅଧିନରେ କାର୍ଯ୍ୟ କରିବା ସହ ଗ୍ରାହକଙ୍କୁ ଋଣ ବାଦ୍ ଅନ୍ୟ ସମସ୍ତ ସୁବିଧା ମିଳିପାରିବ। ଗ୍ରାହକ ପୂର୍ବରୁ ଡ୍ରାଫ୍ଟ କରିବା ପାଇଁ ବ୍ୟାଙ୍କ ଉପରେ ନିର୍ଭର କରୁଥିବା ବେଳେ ଏବେ ଡାକ ଘରେ କରିପାରିବେ। ତା' ବାଦ୍ ଫିକ୍ସି ଡିପୋଜିଟ୍, ମ୍ୟୁଚୁଆଲ୍ ଫଣ୍ଡ ସମେତ ଅନ୍‌ଲାଇନ୍‌ରେ ଅର୍ଥ ନେଣଦେଣ ଇତ୍ୟାଦି ସୁବିଧା ପାଇବେ। କୌଣସି ଗ୍ରାହକ ଡାକ ଘରେ ଫିକ୍ସି ଡିପୋଜିଟ୍ କଲେ, ବ୍ୟାଙ୍କଠୁ ଅଧିକ ଇନ୍‌ଟ୍ରେଷ୍ଟ ପାଇପାରିବା ଅନ୍ୟ ବ୍ୟାଙ୍କର ଟଙ୍କା ଉଠାଣ ଏବଂ ଜମା ମଧ୍ୟ ଡାକ ଘରେ କରିପାରିବେ। ଟେଲିଫୋନ୍ ବିଲ୍, ବିଜୁଳି ବିଲ୍, ପାଣି ବିଲ୍ ପୈଠ ମଧ୍ୟ 'ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ' ଜରିଆରେ ହେଇପାରିବ। ବିଭିନ୍ନ ପ୍ରକାର ବୀମା ରାଶି ମଧ୍ୟ ଗ୍ରାହକ ଜମା କରିପାରିବେ। ଏ ସବୁ ପ୍ରକ୍ରିୟା ଆର୍‌ବିଆଇ ଅଧିନରେ କାର୍ଯ୍ୟ କରିବାକୁ ଥିବା ବେଳେ ଏହାର ପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ସଫ୍‌ଟଓୟାର ଡେଲୋଇଟ୍ ଡିଜିଟାଲ ପକ୍ଷରୁ ପ୍ରସ୍ତୁତ କରାଯାଇଛି।

ଅନ୍ୟପକ୍ଷରେ ବକ୍ସିବଜାର ଜିପିଓରେ ନୂଆ ସେବା ଆରମ୍ଭ ହେବା ସହିତ ଗ୍ରାମାଂଚଳରେ ଥିବା ଉପ ଡାକଘରଗୁଡ଼ିକ ବ୍ୟାଙ୍କିଙ୍ଗ୍ କରେସ୍‌ପଣ୍ଡେଣ୍ଟ ଭାବେ କାର୍ଯ୍ୟ କରିବ। ଅନ୍ୟପଟେ କଟକ ବକ୍ସିବଜାର ସ୍ଥିତ ଜିପିଓରେ କଷ୍ଟମର୍ କେୟାର ସେଣ୍ଟର, ବ୍ୟାକ୍ ଅଫିସର ୱାର୍କ, କଷ୍ଟମର ରିଲେସନ୍ ଡେସ୍କ ଭାବେ କାର୍ଯ୍ୟ କରିବ। ଏଥିରେ ମୋଟ ୧୦ ଜଣ ବରିଷ୍ଠ ଅଧିକାରୀଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ବିଭାଗୀୟ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। କଟକ ଜୋନ୍‌ର ଜଣେ ବରିଷ୍ଠ ଅଧିକାରୀଙ୍କୁ ବ୍ୟବସ୍ଥା ନିୟନ୍ତ୍ରଣ କରିବାକୁ ଲକ୍ଷ୍ନୌରେ ପ୍ରଶିକ୍ଷଣ ଦିଆଯାଇଛି। ଯାହାଦ୍ୱାରା ଦେଶରେ ଦୁଇଟି କମ୍ପାନୀ ଏୟାରଟେଲ୍ ଇଣ୍ଡିଆ ଓ ପେମେଣ୍ଟ ବ୍ୟାଙ୍କ ପରେ ତୃତୀୟତମ ଭାବରେ ଲାଇସେନ୍ସ ଅତିଆର କରିପାରିଛି ଯାହାଦ୍ୱାରା ଲୋକେ ଏବେ ଏହାର ସେବା ଓ ସୁବିଧା ପାଇବାରେ ଉପକୃତ ହେବେ ଯାହା ସରକାରଙ୍କ ଏହା ଏକ ଐତିହାସିକ ଓ ବିଚାରବନ୍ତ ନିଷ୍ପତ୍ତି ବୋଲି ବିବେଚନା କରାଯାଉଛି ଏବଂ ଏହା ନାଗରିକମାନଙ୍କୁ ନେଣଦେଣ ଆଦିକୁ ସହଜ କରିବାରେ ପଭିବନ୍ଧକ ହେବ।

### ବିଦ୍ୟୁତ ଶୁଳ୍କ ବୃଦ୍ଧି ପ୍ରସ୍ତାବ

## ଉପଭୋକ୍ତାଙ୍କ ଉପରେ ୬୦୦ କୋଟିର ବୋଝ

**ଭୁବନେଶ୍ୱର :** ଆସନ୍ତା ଆର୍ଥିକ ବର୍ଷ ପାଇଁ ବିଦ୍ୟୁତ୍ ଶୁଳ୍କ ଧାର୍ଯ୍ୟ କରାଯାଇଛି। ପ୍ରଥମ ଦିନରେ ରାଜ୍ୟର ଦୁଇ ସରକାରୀ ବିଦ୍ୟୁତ୍ ଉପାଦନକାରୀ ସଂସ୍ଥା ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଏବଂ ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ ପକ୍ଷରୁ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ନେଇ ଆୟୋଗଙ୍କ ନିକଟରେ ଯୁକ୍ତି ଉପସ୍ଥାପନ କରାଯାଇଛି। ସେହିପରି ଗ୍ରିଡ୍‌କୋ ପକ୍ଷରୁ ମଧ୍ୟ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଲାଗି ଆବେଦନ କରାଯାଇଛି। ସୂଚନାଅନୁସାରେ ମୋଟାମୋଟି ଭାବରେ ୬୦୦ କୋଟି ଟଙ୍କାର ଏକ ବୋଝ ଉପଭୋକ୍ତାଙ୍କ ଉପରେ ଲଦିବାକୁ ବିଦ୍ୟୁତ୍ ଉତ୍ପାଦକ, ବିଦ୍ୟୁତ୍ କିଣାବିକା ଓ ବିଦ୍ୟୁତ୍ ଆବଣ୍ଟନ ସଂସ୍ଥାଗୁଡ଼ିକ ପକ୍ଷରୁ ଆୟୋଗଙ୍କ ନିକଟରେ ଆବେଦନ କରାଯାଇଛି ଏବଂ ଓଏଚ୍‌ପିସି ୨୦୧୭-୧୮ ଆଥିକ ବର୍ଷ ପାଇଁ୧୦୨୬ କୋଟି ଟଙ୍କାର ବ୍ୟୟ ଆକଳନ କରିଛି। ଆସନ୍ତା ଆର୍ଥିକ ବର୍ଷରେ ୫୬୧୯.୨୪ ମିଲିୟନ ୟୁନିଟ ବିଦ୍ୟୁତ୍ ଉତ୍ପାଦନ ଲାଗି ଓଏଚ୍‌ପିସି ଯୋଜନା ରଖିଛି। ଚଳିତ ବର୍ଷ ତୁଳନାରେ ଅଧିକ ବ୍ୟୟ ଅଟକଳ କରିଥିବାରୁ ବିଦ୍ୟୁତ୍ ୟୁନିଟ୍ ପିଛା



ଟ୦.୮୫ପ ରୁ ଟ୧.୮୨କୁ ବୃଦ୍ଧି କରାଯିବା ଲାଗି ଯୁକ୍ତି ଉପସ୍ଥାପନ କରାଯାଇଥିଲା। ତେବେ ଓଏଚ୍‌ପିସିର ଶୁଣାଣି ଚାଲିଥିବା ବେଳେ ୬ଟି ସଂସ୍ଥା ଶୁଳ୍କ ବୃଦ୍ଧିକୁ ପ୍ରତିବାଦ କରିଥିଲେ। ସେହିପରି ପୁନଃମୂଲ୍ୟାୟନ ଯୋଗୁଁ ଓଏଚ୍‌ପିସିର ନିଜସ୍ୱ ସମ୍ପତ୍ତି ମୂଲ୍ୟ ୭୬୬ କୋଟି ଟଙ୍କାରୁ ବୃଦ୍ଧି ପାଇ ୧୧୬୬ କୋଟି ଟଙ୍କାରେ ପହଞ୍ଚିଛି ବୋଲି କୁହାଯାଇଛି। ଯାହାଫଳରେ ଓଏଚ୍‌ପିସି ନିଜର ବ୍ୟୟକୁ ସମାନ କରିବାପାଇଁ ଏବଂ ଉତ୍ପାଦାନକୁ ବୃଦ୍ଧି କରିବା ପାଇଁ ଉପଭୋକ୍ତାଙ୍କ ଉପରେ ୬୦୦ କୋଟିର ବୋଝ ଲଦିବା ପାଇଁ ଚାହୁଛି। ଯାହାଉପଭୋକ୍ତାଙ୍କ ପାଇଁ ଆଗକୁ ଚିନ୍ତାର କାରଣ ହେବାକୁ ଯାଉଥିବା ଜଣାପଡ଼ିଛି ଏବଂ ପୂର୍ବମୂଲ୍ୟର ଆକଳନ ଅପେକ୍ଷା ଦୁଇଗୁଣ ବୋଲି ଜଣାଯାଇଛି ଯାହାଦ୍ୱାରା ଉପଭୋକ୍ତାଙ୍କୁ ଅଧିକ ଦେୟ ଦେଇ ବିଦ୍ୟୁତ୍ ବ୍ୟବହାର କରିବାକୁ ପଡ଼ିବ ଏବଂ ଆଗକୁ ଆହୁରି ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଜଣାଯାଇଛି। କିନ୍ତୁ ଏହାକୁ ବିଭିନ୍ନ ବିଦ୍ୟୁତ ସଂସ୍ଥା ମାନଙ୍କର ପ୍ରତିବାଦ ଯୋଗୁ ଏହାର ସବୁଜ ସଂକେତ ଉପରେ ପ୍ରଶ୍ନବାଚୀ ଦେଖାଯାଇଛି। ଏହାକାର୍ଯ୍ୟକାରି ହେବାଦ୍ୱାରା ଆଗକୁ ଲୋକମାନଙ୍କୁ ବିଦ୍ୟୁତ ଆହୁରି ଅଧିକ ଦେଣ ଦେଇ ଉପଭୋଗକରିବାକୁ ପଡ଼ିବ ଏବଂ ଏହାଦ୍ୱାରା ସାଧାରଣ ବର୍ଗ୍ୟରେ ବହୁ କଷ୍ଟସାଧ ହେବ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ଏବେଠୁ ଲାଗୁ ଲଗାମ

ନିର୍ବାଚନୀ ହିଂସାବେଳେ ଅଧିକାଂଶ ସମୟରେ ଦେଖାଯାଇଛି ଯେ, ଏଥିରେ ସଂପୃକ୍ତ ଲୋକମାନେ ମଦ୍ୟପାନ କରିଥାନ୍ତି। ମଦ ନିଶାରେ ଥାଇ ସେମାନେ କିଭଳି କାର୍ଯ୍ୟ କରୁଛନ୍ତି, ତାହା ତାଙ୍କ ଆୟତରେ ନଥାଏ। ତେଣୁ ବୁଦ୍ଧି ବିବେକ ହରାଇ ଯେଉଁଭଳି କାର୍ଯ୍ୟ ନହେବା କଥା, ତାହା ସେମାନେ ଘଟାଇବସନ୍ତି। ତେଣୁ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ତାହା ମଧ୍ୟ ଦେଖିବାକୁ ମିଳୁଛି। ଅବାଧ ମଦ କାରବାର ବନ୍ଦ ନହେବା ପର୍ଯ୍ୟନ୍ତ ଏଭଳି ପରିସ୍ଥିତିରୁ ମୁକୁଳିବା କଷ୍ଟକର ମନେହୁଏ। ନିଶାମୁକ୍ତ ରାଜ୍ୟ ପାଇଁ ସାଧାରଣରେ ଦାବି ଉଠୁଥିଲେ ବି ଏହାର ବାସ୍ତବ ଦିଗଟି ବଡ଼ ଜଟିଳ ଲାଗୁଛି। କାରଣ ପୂର୍ବାପେକ୍ଷା ରାଜ୍ୟରେ ମଦ୍ୟପାନ କରୁଥିବା ଲୋକଙ୍କ ସଂଖ୍ୟା ଧିରେ ଧିରେ ବଢିଚାଲିଛି। ଯାହାକି ସମାଜରେ ଏକ ଖରାପ ପରମ୍ପରା ସୃଷ୍ଟି କରିବା ସହ ଯୁବପିଢିଙ୍କ ମନରେ ଅପରାଧିକ ମାନସିକତା ବୃଦ୍ଧି ବଢୁଛି।

ପୂର୍ବେ ଧନୀକ ଗୋଷ୍ଠୀର ଲୋକ ବିଦେଶୀ ମଦ ପାନ କରୁଥିଲା ବେଳେ ଆଜିକାଲି ମଧ୍ୟବିତ୍ତ ଓ ଗରିବଲୋକ ମଧ୍ୟ ବିଦେଶୀ ମଦ ଲୋଭରେ ପଡ଼ିଛନ୍ତି। ଯେହେତୁ ମଦ ବେପାର ଉପରେ ରାଜସ୍ୱ ନିର୍ଭରଶୀଳ ହେଲାଭଳି ମନେହେଉଛି, ସେ ହେତୁ ଏହାର ପ୍ରସାର ଦିଗରେ କଟକଣା ଅଧିକ ଥିବା ଭଳି ଲାଗୁନାହିଁ। ଗାଁ ଗଣ୍ଡା ଯୁଆଡ଼େ ଦେଖ ଆଜିକାଲି ବିଦେଶୀ ମଦ ଉପଲବ୍ଧ ହୋଇପାରୁଛି। କିଛି କିଛି ଗାଁରେ ଡାଲି ଚାଉଳ ଦୋକାନରେ ତ ଆଉ କେତେକ ସ୍ଥାନରେ ପାନ ଦୋକାନରେ ମଧ୍ୟ ବିଦେଶୀ ମଦ ମିଳୁଛି। ସହଜରେ ଉପଲବ୍ଧ ହୋଇପାରୁଥିବା ହେତୁ ଗ୍ରାମାଞ୍ଚଳରେ ବିଶେଷକରି ଯୁବପିଢି ଏବେ ବିଦେଶୀ ମଦର ମାୟାରେ ପଡ଼ିଯାଇଛନ୍ତି। ଅନ୍ୟବେଳେ ମଦ କିଣିବାକୁ ଅର୍ଥ ପ୍ରତିବନ୍ଧକ ହେଉଥିଲା ବେଳେ ନିର୍ବାଚନ ସମୟରେ ଏହା ମାଗଣାରେ ମିଳିଯାଉଥିବାରୁ ମଦ ଯେ ବେଳେବେଳେ ଏହାର କରାମତି ଦେଖାଇଦେଉଛି। ଫଳରେ ନିର୍ବାଚନୀ ହିଂସାରେ ମଦର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ଭଳି ଲାଗୁଛି।

ମଦ ରାକ୍ଷସର କବଳରେ ପଡ଼ି ବହୁ ଶିକ୍ଷିତ ଯୁବକ ନିଜର ଭବିଷ୍ୟତ ପ୍ରତି ଆଖି ବୁଜିଦେଲେଣି। ଯାହାଫଳରେ ମଦ ପିଇ ଦୁର୍ଘଟଣା ଘଟାଇବା ଠାରୁ ଆରମ୍ଭ କରି ଅନେକ ସମୟରେ ଗଣ୍ଡଗୋଳ କରୁଥିବାର ମଧ୍ୟ ବହୁ ନଜିର ରହିଛି। ମଦ ଯେ ଅକାଳମୃତ୍ୟୁର ପ୍ରମୁଖ କାରଣ ଏହା ବୁଝିବାକୁ ମଦ୍ୟପମାନେ ରାଜି ନୁହନ୍ତି। ପାରିବାରିକ ହିଂସା କ୍ଷେତ୍ରରେ ମଧ୍ୟ ମଦର ପ୍ରଭାବ ଆଜିକାଲି ଦେଖିବାକୁ ମିଳୁଛି। ତେଣୁ ମଦ ଯେ କେବଳ ନିର୍ବାଚନୀ ହିଂସାକୁ ଖୋରାକ ଯୋଗାଉଛି ତାହା ନୁହେଁ। ବରଂ ଏହା ସମାଜର ପ୍ରଗତିରେ ପ୍ରତିବନ୍ଧକ ଭଳି କାର୍ଯ୍ୟ କରୁଛି। ଯାହା ପ୍ରୋତ୍ସାହନରେ ବି ହେଉ, ମଦର ପ୍ରଚାର ପ୍ରସାର ଓ ଏହାରି ମାୟାରେ ପଡୁଥିବା ଗୋଷ୍ଠି ନିଜର ଅପୂରଣୀୟ କ୍ଷତି ଘଟାଇବା ସହ ପରିବାର ଓ ସମାଜର ଯଥେଷ୍ଟ କ୍ଷତି ଘଟାଉଥିବା ଜଣାପଡ଼ିଛି। ସେହିଭଳି ନିର୍ବାଚନ ସମୟରେ ଆୟୋଜିତ ହେଉଥିବା ଭୋଜିଭାତରେ ମଦ ମାଂସର ଚାହିଦା ଅଧିକ। ଯେଉଁ ଦଳ ଏଥିପାଇଁ ଯେତେ ଅଧିକ ଖର୍ଚ୍ଚ କଲା, ସିଏ ଦଳ ବା ପ୍ରାର୍ଥୀ ପ୍ରଚାରରେ ସେତେ ଆଗୁଆ ରହନ୍ତି। ମଦ ପିଇ କିଛି ଲୋକ ଭାଇଚାରା ଓ ସମ୍ପର୍କକୁ ମଧ୍ୟ ଭୁଲିଯାଇ ଅତି ଅମାନବୀୟ କାର୍ଯ୍ୟ କରିବସନ୍ତି। କେଉଁଠି ମଦ ପିଇଥିବା ଲୋକର ଆକ୍ରମଣରେ କାହାର ମୃତ୍ୟୁ ହୋଇଥାଏ ତ ଆଉ କେହି ଗୁରୁତର ହୋଇ ଚିକିତ୍ସା ନିମନ୍ତେ ବହୁ ଅର୍ଥ ଖର୍ଚ୍ଚ କରିଥାନ୍ତି। ତେଣୁ ପ୍ରତ୍ୟେକ କ୍ଷେତ୍ରରେ ମଦ ବ୍ୟବହାର ସମାଜ ପାଇଁ ଯେତିକି କ୍ଷତିକାରକ ଭବିଷ୍ୟତ ପିଢି ପାଇଁ ମଧ୍ୟ ସେତିକି ବିପଦର କାରଣ ପାଲଟିବ। ବହୁ ସମୟରେ ଅଭିଯୋଗ ହୁଏ ଯେ ମଦ ମାଂସ ସହ ବାହୁବଳ ଯୋଗୁଁ ନିର୍ବାଚନ ସମୟରେ ହିଂସା ବଢୁଛି। ଏକଥା ସମସ୍ତେ ଜାଣୁଥିଲେ ସୁଦ୍ଧା ଏଥିରୁ ମୁକୁଳିଯିବାକୁ ସୁଚିନ୍ତିତ ପରାମର୍ଶ ମିଳିବା ବଦଳରେ ମଦ୍ୟପଙ୍କୁ ମଦ ପାଇଁ ପ୍ରୋତ୍ସାହନ ମିଳିବା ଦ୍ୱାରା ସମସ୍ତେ କ୍ଷତିଗ୍ରସ୍ତ ହେଉଛନ୍ତି। କେବଳ ଯେ ଅର୍ଥ ଖର୍ଚ୍ଚ ତାହା ନୁହେଁ, ବରଂ ମଦର କୁପରିଣାମ ଦ୍ୱାରା ସମାଜ ବ୍ୟବସ୍ଥା ଧିରେ ଧିରେ ଭୁଷୁଡ଼ି ପଡୁଛି। ଏମିତି ହେଲେ ଏକ ସୁସ୍ଥ ଓ ବିକଶିତ ସମାଜର ସ୍ୱପ୍ନ ଯେ କେବଳ ଅପହଂଚ ହୋଇରହିବ ତାହା ନୁହେଁ। ବରଂ ମଦ ସମାଜକୁ ଖାଇଯିବ ଓ ଶୃଙ୍ଖଳାକୁ ଜାଳିପୋଡ଼ି ଅଙ୍ଗାର କରିଦେବାର ଆଶଙ୍କା ରହିବ। ତେଣୁ ଏବେଠୁ ଲଗାମ ନ ଲାଗିଲେ ମଦ ରାକ୍ଷସ କବଳରୁ ଆମ ସମାଜ ମୁକୁଳି ପାରିବେନି।

# ପାରିବାପଣିଆର ପ୍ରମାଣ ଦେବ ପଞ୍ଚାୟତ ନିର୍ବାଚନ

**ବିଜେଡି ରାଜ୍ୟରେ ଦୀର୍ଘଦିନ ଧରି ଶାସନ କ୍ଷମତାରେ ରହିଥିବାରୁ ରାଜ୍ୟରେ ନିଜର କାୟା ବିସ୍ତାର କରିବାକୁ ସୁଯୋଗ ପାଇଛି। କେବଳ ନିର୍ବାଚନ ସମୟରେ ନୁହେଁ, ସବୁବେଳେ ବିଜେଡି ରାଜ୍ୟର ଜନସାଧାରଣଙ୍କ ସହିତ ସଂପର୍କ ରଖିଆସିଛି।**





ସୁଧାଂଶୁ ମହାପାତ୍ର

ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଚାର ସରିଲା । ନିଜର ପାରିବାର ପଣିଆ ଦେଖାଇବା ପାଇଁ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ କସରତ କରିସାରେଲେଣି। ବିଜେଡି ରାଜ୍ୟରେ ଦୀର୍ଘଦିନ ଧରି ଶାସନ କ୍ଷମତାରେ ରହିଥିବାରୁ ରାଜ୍ୟରେ ନିଜର କାୟା ବିସ୍ତାର କରିବାକୁ ସୁଯୋଗ ପାଇଛି। କେବଳ ନିର୍ବାଚନ ସମୟରେ ନୁହେଁ, ସବୁବେଳେ ବିଜେଡି ରାଜ୍ୟର ଜନସାଧାରଣଙ୍କ ସହିତ ସଂପର୍କ ରଖିଆସିଛି। ତେଣୁ ଏହି ଦଳ ଉପରେ ଲୋକଙ୍କର ଆସ୍ଥା ରହିବ। ବିଶେଷ କରି ଗ୍ରାମାଞ୍ଚଳ ଉନ୍ନୟନ ପ୍ରତି ବିଜେଡି ସରକାର ପ୍ରାଥମିକତା ଦେଇଆସିଛି ଏବଂ ଏହାର ସୁଫଳ ମଧ୍ୟ ଗାଁ, ଗଣ୍ଡାର ଲୋକଙ୍କ ପାଖରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଥା ଅପେକ୍ଷା କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦେଇଆସିଛନ୍ତି ଏବଂ ରାଜ୍ୟର ସ୍ୱାର୍ଥ ପାଇଁ ଲଢେଇ ଜାରି ରଖିଛନ୍ତି। ଯାହାଫଳରେ ରାଜ୍ୟରେ ହେଉଥିବା ବିଭିନ୍ନ ନିର୍ବାଚନରେ ବିଜେଡି ଅଧିକରୁ ଅଧିକ ଭୋଟ ପାଇବାକୁ ସମର୍ଥ ହୋଇପାରିବ। ଗଣତନ୍ତ୍ରରେ ଲୋକଶକ୍ତି ହିଁ ବଡ। ଲୋକେ ଯେଉଁ ରାଜନୈତିର ଶାସନକୁ ପସନ୍ଦ କରିବେ, ସେହି ଦଳ ହିଁ ନିର୍ବାଚନରେ ବାଜିମାତ ମାରିବ। କେନ୍ଦ୍ରରେ ବିଜେପି ଶାସନ କ୍ଷମତାରେ ରହିଥିବାରୁ ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେପି ବାଜିମାତ ମାରିବ ବୋଲି ଡିଣ୍ଡିମ ପିଟୁଛି ମାତ୍ର ଏହାକୁ ରାଜ୍ୟବାସୀ ଗ୍ରହଣ କରିବା ଅବସ୍ଥାରେ ନଥିବା ପଞ୍ଚାୟତ ନିର୍ବାଚନ ପ୍ରଚାର ବେଳେ ଜଣାପଡିଛି। ଓଡ଼ିଶାକୁ କେନ୍ଦ୍ରର ଅବହେଳା ଜାତୀୟ ରାଜନୈତିକ ଦଳ ବିଜେପି ଓ କଂଗ୍ରେସ ପାଇଁ କାଳ ହୋଇଛି। କେନ୍ଦ୍ରରେ ଯେତେବେଳେ ଯେଉଁ ଦଳର ସରକାର ରହୁଛି ସେହିଦଳର ରାଜନେତାମାନେ ଓଡିଶାର ହକ୍ ଆଦାୟ ପାଇଁ କେନ୍ଦ୍ର ଉପରେ ଚାପ ପକାଉନାହାନ୍ତି। ତେଣୁ ନିର୍ବାଚନଗୁଡିକରେ ଆଞ୍ଚଳିକ ରାଜନୈତିକ ଦଳ ବିଜେଡି କ୍ରମାଗତ ଭାବରେ ବାଜିମାତ ମାରି ଚାଲିଥିବା ବେଳେ, ଜାତୀୟ ରାଜନୈତିକ ଦଳ ବିଜେପି ଓ କଂଗ୍ରେସ ଚିତ୍‌ପଟାଙ୍ଗ ମାରୁଛନ୍ତି। ଆଗାମୀ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତିରେ ଶାସକ ବିଜେଡି ଅନ୍ୟାନ୍ୟ ଦଳଠାରୁ ଆଗରେ ରହିଛି। ମହାନଦୀ ଏବଂ ପୋଲାଭରମ୍ ପ୍ରସଙ୍ଗରେ ବିଜେଡି ରାଜ୍ୟର ସ୍ୱାର୍ଥରକ୍ଷା ନେଇ ଅଣ୍ଟା ଭିଡିଥିବାରୁ ରାଜ୍ୟର ଜନସାଧାରଣ ଏହି ଦଳ ଉପରେ ଭରସା ରଖିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ରରେ ବିଜେପିର ସରକାର ରହିଥିଲେ ମଧ୍ୟ ରାଜ୍ୟ ବିଜେପି ଏବଂ କେନ୍ଦ୍ରରେ ଥିବା ଓଡିଶାର ମନ୍ତ୍ରୀମାନ ରାଜ୍ୟସ୍ୱାର୍ଥକୁ ଆଖି ବୁଜିଦେଇ ଛତିଶଗଡ



ସପକ୍ଷରେ ଓକିଲାତି କରୁଛନ୍ତି। ଯାହାଫଳରେ ବିଜେପିର ଭୂମିକା ନେଇ ରାଜ୍ୟବାସୀଙ୍କ ମଧ୍ୟରେ ନାନା ପ୍ରଶ୍ନବାଚୀ ଦେଖାଦେଇଛି। ବିଜେଡି ଏକ ଆଞ୍ଚଳିକ ରାଜନୈତିକ ଦଳ ହୋଇଥିବାରୁ ଆଞ୍ଚଳିକ ସମସ୍ୟା ସମାଧାନ ଦିଗରେ ଗୁରୁତ୍ୱ ଦେଉଛି। ରାଜ୍ୟ ବିଜେପି ଓଡିଶାକୁ କେନ୍ଦ୍ରର ପାତର ଅନ୍ତର ନୀତିକୁ ଜଳ ଜଳ କରି ଦେଖିଲେ ମଧ୍ୟ ମାଟି ଅପେକ୍ଷା ପାର୍ଟିକୁ ଅଧିକ ଜୋର ଦେଇଛି। ଫଳରେ ଆଗାମୀ ପଞ୍ଚାୟତ ନିର୍ବାଚନ ମତଦାନ ପରେ ଏହା ଦଳପାଇଁ ବୁମେରାଂ ପାଲଟିବା ନିଶ୍ଚିତ ଜଣାପଡିବ। ବିଜେପି କେବଳ ମୋଦିଙ୍କ ହାୱାକୁ ଭିତ୍ତିକରି ପଞ୍ଚାୟତ ନିର୍ବାଚନ ବୈତରଣୀ ସୁରୁଖୁରୁରେ ପାରି ହେବ ବୋଲି ଧରିନେଇଛି। ତେଣୁ କେବଳ ପ୍ରଚାର, ପ୍ରସାରକୁ ମାଧ୍ୟମ କରିଚାଲିଛି। ସେହିପରି କଂଗ୍ରେସ ଦଳ କେନ୍ଦ୍ର କିମ୍ବା ରାଜ୍ୟରେ କ୍ଷମତାରେ ନାହିଁ। ଏହି ଦଳର ସରକାର କେନ୍ଦ୍ରରେ ରହିଥିବା ବେଳେ ଓଡିଶାକୁ ଆଡ଼ ଆଖିରେ ଚାହିଁ ନଥିଲା। ସେକଥାକୁ ଓଡିଶା ଲୋକେ କାନିରେ ଗଣ୍ଠି ପକେଇ ରଖିଛନ୍ତି ଏବଂ ଆଗାମୀ ପଞ୍ଚାୟତ ମତଦାନରେ ଏହାର ଉଚିତ୍ ଜବାବ୍ ଦେବାକୁ ପ୍ରସ୍ତୁତ ହୋଇ ରହିଛନ୍ତି। ଶାସକ ବିଜେଡିର ଅତ୍ୟଧିକ ଲୋକପ୍ରିୟତା ବିଜେପି ଓ କଂଗ୍ରେସ ପାଇଁ ବଡ ଅସହ୍ୟବୋଧ ହୋଇଯାଇଛି। ତେଣୁ ବିଭିନ୍ନ ପ୍ରସଙ୍ଗରେ ଉଭୟଦଳ ବିଜେଡିକୁ କଡା ଟାର୍ଗେଟ କରି ଚାଲିଛନ୍ତି। ଏହା ଦ୍ୱାରା ସେମାନେ ଜନମତକୁ ପ୍ରଭାବିତ କରିପାରିବେ ବୋଲି ଧରି ନେଇଛନ୍ତି। ୨୦୧୭ ପଞ୍ଚାୟତ ନିର୍ବାଚନ ଫଳାଫଳାର ପ୍ରଭାବ ୨୦୧୯ ସାଧାରଣ ନିର୍ବାଚନ ଉପରେ ପଡିବ। ଓଡିଶାର ଜନସାଧାରଣ ବିଜେଡିର ଶାସନ ସାଳରେ ରାଜ୍ୟର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିବା ଅନୁଭବ କରିଥିବାରୁ ରାଜ୍ୟରେ ବିଜେଡିର ବିକଳ୍ପ ଶାସନ ଚିନ୍ତା ମୁଣ୍ଡରେ ଭର୍ତ୍ତି କରିନାହାନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶଧାରା ଜନସାଧାରଣଙ୍କୁ ବେଶ ପ୍ରଭାବିତ କରିବ। ତେଣୁ ସେମାନେ ତାଙ୍କ ପଛରେ ଦୃଢ଼ ଭାବରେ ରହିଛନ୍ତି। ବିରୋଧୀ ବିଜେପି ଓ କଂଗ୍ରେସ ରାଜ୍ୟର ବିକାଶ କାର୍ଯ୍ୟରେ ସହଯୋଗର ହାତ ବଢେଇବା ବଦଳରେ ବିଜେଡିର ଗୋଡ଼ ଟାଣିବାରେ ବ୍ୟସ୍ତ ରହିଛନ୍ତି। ଯାହାକୁ ରାଜ୍ୟବାସୀ ଆଦୌ ପସନ୍ଦ କରୁନାହାନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ବିଭିନ୍ନ ବର୍ଗର ବିକାଶ କାର୍ଯ୍ୟ ଉପରେ ଜୋର୍ ଦେଉଛନ୍ତି। କେନ୍ଦ୍ରର ଓଡିଶାକୁ ଅବହେଳା ସତ୍ତ୍ୱେ, ରାଜ୍ୟର ନିଜସ୍ୱ ଖର୍ଚ୍ଚରେ ବିକାଶ କାର୍ଯ୍ୟ ଆଗେଇ ଚାଲିଛି। ତେଣୁ ପଞ୍ଚାୟତ ନିର୍ବାଚନକୁ ନେଇ ବିଜେଡି ଆଦୌ ଭୟଭୀତ ନୁହେଁ ବରଂ ରାଜ୍ୟବାସୀଙ୍କର ବିଜେପି ଓ କଂଗ୍ରେସ ଉପରେ ଆସ୍ଥା ନଥିବାରୁ ପଞ୍ଚାୟତ ନିର୍ବାଚନ ଫଳାଫଳକୁ ନେଇ ଉଭୟ ରାଜନୈତିକ ଦଳ ମଧ୍ୟରେ ଆଶଙ୍କା ଦେଖିବାକୁ ମିଳୁଛି।

*ସେକ୍ଟର-୫, ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧*

# ଉଠରେ ସୁପ୍ତ ଜାତି-୩

ପୂର୍ବ ଆଲେଖମାନଙ୍କରେ ଓଡ଼ିଆ ଭାଷା ଆନ୍ଦୋଳନ, ଓଡ଼ିଆମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି, ଅଣଓଡ଼ିଆମାନଙ୍କର ଓଡ଼ିଆବିରୋଧୀ କାର୍ଯ୍ୟକ୍ରମର ବିରୋଧ ତଥା ଓଡ଼ିଆଭାଷୀ ଭୂଖଣ୍ଡମାନଙ୍କରେ ଇଂରାଜୀ ଶାସନକର୍ତ୍ତାମାନଙ୍କ ଦ୍ୱାରା ଓଡ଼ିଆଭାଷାର ପୁନଃ ପ୍ରଚଳନରେ ଅନ୍ୟାନ୍ୟ ସହଯୋଗୀ ଗଣମାଧ୍ୟମ ଓ ପତ୍ରପତ୍ରିକା ସମେତ 'ଉତ୍କଳ ଦୀପିକା'ର ଦୃପ୍ତ ଭୂମିକା କଥା ସଂକ୍ଷେପରେ କୁହାଯାଇଥିଲା। ମାନ୍ଦ୍ରାଜ ଅଧୀନରେ ମିଶାଇ ଦିଆଯାଇଥିବା ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକ ତେଲୁଗୁଭାଷୀ ଶାସକ କବଳରେ କେମିତି ସର୍ବନାଶର ଦୁର୍ଦ୍ଦଶା ଭୋଗୁଥିଲେ ଏବଂ ଏଥିରୁ ଉଦ୍ଧାର କରି ଓଡ଼ିଆଜାତିକୁ ପୁନର୍ବାର ଏକାଠି କରାଇବାର ସଂଗଠିତ ଉଦ୍ୟମରେ ଗଣମାଧ୍ୟମମାନେ କେମିତି ଦୀପ୍ତ ଭୂମିକା ନିଭାଇଥିଲେ ଏବଂ ବିଶେଷ କରି 'ଉତ୍କଳ ଦୀପିକା'ର ଅବିସ୍ମରଣୀୟ ଭୂମିକା ସମ୍ପର୍କରେ ଯତ୍‌କିଞ୍ଚିତ୍ ଆଲୋକପାତ କରାଯାଇ ଗଣମାଧ୍ୟମମାନଙ୍କୁ ବର୍ତ୍ତମାନ ଭାଷା ଆନ୍ଦୋଳନ ପରିପ୍ରେକ୍ଷୀରେ ସେମାନଙ୍କ ସହଯୋଗ ଓ ଅପରିହାର୍ଯ୍ୟ ଭୂମିକା ସମ୍ପର୍କରେ ଅବଗତ କରିବା ହିଁ ଏହି ଆଲେଖର ମୁଖ୍ୟ ଉଦ୍ଦେଶ୍ୟ।

ସ୍ୱାଧୀନତାର ପୂର୍ବବର୍ତ୍ତୀ ସେହି ସମୟରେ ସରକାରୀ କାର୍ଯ୍ୟକଳାପରେ ଓଡ଼ିଆଭାଷାର ଅନୁପସ୍ଥିତି ଓଡ଼ିଆ ନିଯୁକ୍ତିର ସୁଯୋଗକୁ ଦିବାସ୍ୱପ୍ନ କରିବା ସହ ଓଡ଼ିଆମାନଙ୍କର ସ୍ୱାର୍ଥକୁ ତଳିତଳାନ୍ତ କରିବାର ପ୍ରମୁଖ କାରଣ ସାଜିଥିଲା। ଓଡ଼ିଆ ବିଦ୍ୱେଷୀ ପଡୋଶୀ ଅଣଓଡ଼ିଆମାନେ ଇଂରେଜମାନଙ୍କ ସହ ହାତ ମେଳାଇ ଓଡ଼ିଆମାନଙ୍କୁ ସର୍ବଶ୍ୱାନ୍ତ କରି ଚାଲିଥିଲେ। ଏହି ଅଭିନବ ଓଡ଼ିଆ ତଥା ଓଡ଼ିଆଭାଷାମାରଣ ଷଡଯନ୍ତ୍ରର ପ୍ରମୁଖ କାରଣ ଥିଲା, ଉତ୍ତରରେ ବଙ୍ଗଳାଭାଷା ବ୍ୟବହାର କରି ଦକ୍ଷିଣରେ ଓଡ଼ିଆ ଅଞ୍ଚଳରେ ଥିବା ସରକାରୀ ଦପ୍ତରମାନଙ୍କରେ ତେଲୁଗୁଭାଷାକୁ ରାଜଭାଷା ଭାବେ ଜାହିର ରଖିବା ଓ ତେଲେଙ୍ଗାମାନଙ୍କୁ ରାଜକର୍ମଚାରୀଭାବେ ନିଯୁକ୍ତ କରି ଓଡ଼ିଆମାନଙ୍କ ଯୋଗ୍ୟ ପଦପଦବୀର ଉତ୍‌ଖାତ କରିବା। ପରୋକ୍ଷରେ ଓଡ଼ିମାନଙ୍କର ସ୍ୱାର୍ଥ ଓ ସାର୍ବଭୌମତ୍ୱକୁ ଲୁଟ୍ କରି ସେମାନଙ୍କୁ ସର୍ବଶ୍ୱାନ୍ତ କରିବା। ଏପରିକି ଏହି ହୀନ ଚକ୍ରାନ୍ତକୁ ଏକ ଦୀର୍ଘ ମୋହର ଦେବା ସକାଶେ ବିଲାତି ହାକିମମାନଙ୍କଦ୍ୱାରା ନିମ୍ନମତେ ଯଥାର୍ଥତା ଦର୍ଶାଯିବାର ବ୍ୟବସ୍ଥା କରାଯାଇଥିଲା।-

"The uriyas are un-intelligent, lazy and unenter/orising men as compared with other inhabitanats of Madras Presidency, Teh Telgus are More enter prising and pusing than the Uriyas,""

(-Gamjam District Mnual PP205-206)'

ଦକ୍ଷିଣରେ ସ୍ଥାପିତ 'ଉତ୍କଳୋଲ୍ଲାସିନୀ ସଭା' ଏହି କପୋଳକଳ୍ପିତ ମିଛ ତଥ୍ୟ ଉପରେ କୌଣସି ପ୍ରତିକ୍ରିୟାତ୍ମକ ପଦକ୍ଷେପ ନେଇପାରିନଥିଲେ ହେଁ କେତେକ ସଚେତନ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଆହୂତ ଘୁସୁମର ସଭା ଏହି ବିଲାତି ମନ୍ତବ୍ୟକୁ ଦୃଢଭାବେ ପ୍ରତ୍ୟାଖ୍ୟାନ କରିବା ସହ ଶକ୍ତ ପ୍ରତିକ୍ରିୟା ପ୍ରକାଶ କରିଥିଲା। 'ଉତ୍କଳ ଦୀପିକା' ଏହି ଶାଣିତ ପ୍ରତିକ୍ରିୟାକୁ ନିଜ ସମ୍ପାଦକୀୟରେ ଦୀପ୍ତ ଢଙ୍ଗରେ ସମର୍ଥନ କରି ଖୁବ୍ ଗୁରୁତ୍ୱ ପ୍ରଦାନ କରିଥିଲା। ଫଳତଃ ଗଞ୍ଜାମ ଜିଲ୍ଲାବାସୀଙ୍କ କ୍ରମାଗତ ଦାବି ଓ ଉତ୍କଳ ଦୀପିକାର ସକ୍ରିୟ ସହଯୋଗ ଫଳରେ ୧୮୭୨ ମସିହାରେ କୋର୍ଟକଚେରୀରେ ଓଡ଼ିଆଭାଷା ପ୍ରବର୍ତ୍ତନ ପାଇଁ ଇଂରେଜ ସରକାର ରାଜି ହୋଇଥିଲା। ହେଲେ, ଦାପ୍ତରିକ ସୁବିଧା ହାସଲ କରିଚାଲିଥିବା ତେଲୁଗୁଭାଷୀ ଅମଲାମାନେ, ଆଜିର ଦିନରେ ସରକାରୀ ଅମଲାମାନେ ଓଡ଼ିଆଭାଷା ବ୍ୟବହାର ଭଣ୍ଡୁର କଲାଭଳି, ନାନା ଆଳରେ ଏହାକୁ ଭଣ୍ଡୁର କରିଦେଇଥିଲେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସ୍ୱାଧୀନତାର ୬୮ବର୍ଷ ପରେ ଏବଂ ଭାଷାଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶାପ୍ରଦେଶ ଗଠନ ହେବାର ୮୦ବର୍ଷ ବିତିଯାଇଥିଲେ ହେଁ, ଅମଲାତାନ୍ତ୍ରିକ କଳକୌଶଳରୁ ଓଡ଼ିଆଭାଷା ମୁକ୍ତ ବୋଲି ଆମେ ଛାତିରେ ହାତଦେଇ କହି ପାରିବା କି ? ଅର୍ଥାତ୍ ଆକ୍ଷରିକ ଭାବେ ଆମେ ସ୍ୱାଧୀନ ହୋଇଥିଲେ ହେଁ ବାସ୍ତବରେ ଭାଷାର ପୂର୍ଣ୍ଣ ବ୍ୟବହାର ନହେବା ଯୋଗୁଁ ଆମେ ପ୍ରକୃତ ସ୍ୱାଧୀନତାର ସ୍ୱାଦ ବାରିପାରୁନାହୁଁ।

ଦାରୁଣ ପରିତାପର ବିଷୟ ଏହି କି ଯେ ଆମେ ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଅବସ୍ଥାନ କରୁଛୁ ବୋଲି ଦାବି କରୁଥିଲେ ହେଁ, ଆମ ପାଖରେ ଏକ ସମ୍ବିଧାନ ସମ୍ମତ ତଥା ଆଇନସମ୍ମତ ଅଧିକାର ଥିଲେ ହେଁ ଆମେ ଆମର ଭାଷାଜନନୀ ଓ ତଦ୍‌ଜନିତ ସାର୍ବଭୌମତାକୁ ଅମଲାତାନ୍ତ୍ରିକ କଳକୌଶଳରୁ ସମ୍ପୂର୍ଣ୍ଣଭାବେ ମୁକ୍ତ କରିପାରିନାହୁଁ। ଫଳତଃ ଓଡ଼ିଆ ଜାତି ତା'ର ଭାଷାସ୍ୱଷ୍ଟ ପରିଚୟ ସମ୍ପର୍କରେ ଅଚେତନ ରହୁଥିବାରୁ, ନିଜକୁ କର୍ମଠ, ଶକ୍ତିଶାଳୀ ଓ ତେଜୋଦୀପ୍ତ କରିବାରେ ବାରମ୍ବାର ବିଫଳ ହେଉଛି। ଟଙ୍କିକିଆ ଚାଉଳ, ପାଞ୍ଚଟଙ୍କିଆ ଖାଦ୍ୟ ଏବଂ ଆଉ ସବୁ ମାଗଣା ଦ୍ରବ୍ୟଦ୍ୱାରା ଆକ୍ରାନ୍ତ ହୋଇ ଗୋଟେ ଶକ୍ତିଶାଳୀ ଜାତିକୁ କ୍ରମଶଃ ଛତରଖିଆରେ ପରିଣତ କରାଇବାର ମସୁଧା ଚାଲିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଅର୍ଦ୍ଧଶତାବ୍ଦୀର ଇତିହାସକୁ ଧରିରଖିଥିବା ସ୍ୱାଭିମାନି ଓଡ଼ିଆ, କୁଳବୃଦ୍ଧ ମଧୁବାବୁଙ୍କର ଦୂରଦୃଷ୍ଟିସଙ୍ଗତ ଆପ୍ତବାକ୍ୟକୁ ସ୍ମରଣ କରାଯାଇପାରେ।

'ଜାତି ନନ୍ଦିଘୋଷ ଚଳିବକି ଭାଇ
ସ୍ୱାର୍ଥକୁ ସାରଥୀ କଲେ
ଟାଣେକିରେ ଗାଡ଼ି ଦାନାର ତୋବଡା
ଘୋଡା ମୁହେଁ ବନ୍ଧା ଥିଲେ।"

ଏବେ ପୂର୍ବ ପ୍ରସଙ୍ଗକୁ ଆସିବା ଅସାଧୁ ତେଲୁଗୁ ବ୍ରିଟିଶ ସଲାସୁତୁରା ଯୋଗୁଁ ଓଡ଼ିଆମାନଙ୍କ ଦୁର୍ଦ୍ଦଶା କ୍ରମେ ବ୍ୟାପକତର ହେବାକୁ ଲାଗିବା ଫଳରେ ଗଞ୍ଜାମର ଜମିଦାରମାନଙ୍କ ପକ୍ଷରେ ତେଲେଙ୍ଗାମାନଙ୍କୁ ପଦପଦବୀରେ ଅବସ୍ଥାପନା କରିବା ବ୍ୟତିରେକ ବିକଳ୍ପ କିଛି ନଥିଲା। ଏହା ଫଳରେ ଓଡ଼ିଆ ଲୋକମାନଙ୍କର କେବଳ ସମସ୍ୟା ହେଉ ନଥିଲା। ବରଂ ଓଡ଼ିଆମାନେ ବେକାରୀ ଓ ବେରୋଜଗାରୀ ହୋଇଯାଉଥିଲେ। ଏହିଭଳି ଏକ ଦୁର୍ଦ୍ଦିନ କାଳରେ ଜନ ଅଭିଯାନ ଆରମ୍ଭ କରି, ଖାଣ୍ଟି ଓଡ଼ିଆ ଅଞ୍ଚଳରେ ତେଲେଙ୍ଗା ଏବଂ ତେଲୁଗୁଭାଷାର ହାକିମାତିକୁ ଆଦୌ ବରଦାସ୍ତ କରାଯିବନାହିଁ ବୋଲି ବଜ୍ର କଣ୍ଠରେ ଆହ୍ୱାନ ଦେଲେ ଉଦୀୟମାନ ସାମ୍ବାଦିକ ଉଇଲିୟମ୍ ମହାନ୍ତି।

ଓଡ଼ିଆ ଲୋକମାନଙ୍କୁ ଯଦି ଠିକ୍‌ଭାବେ ଶିକ୍ଷା ପ୍ରଦାନ ନକରି, ଦପ୍ତର ସମ୍ଭାଳିବା ପାଇଁ ଉପଯୁକ୍ତ ନକରି ପାରୁଛନ୍ତି ଏବଂ ନିଯୁକ୍ତି ନଦେଇ ପାରୁଛନ୍ତି, ତା' ହେଲେ ଜମିଦାରମାନେ ଗାଦି ଛାଡନ୍ତୁ ବୋଲି ବଜ୍ର



ଉମାକାନ୍ତ ରାଉତ
(ଅରୂପ)

ଆହ୍ୱାନ ଦେଇଥିଲେ ସିଂହ -ବିକ୍ରମୀ ସାମ୍ବାଦିକ ଉଇଲିୟମ୍ ମହାନ୍ତି। ତାଙ୍କର ଏହି ଦୃପ୍ତ ଆହ୍ୱାନ ନିମ୍ନମତେ ଝଙ୍କୃତ ହୋଇ ଉଠିଥିଲା 'ଉତ୍କଳ ଦୀପିକା'ର ସମ୍ପାଦକୀୟରେ.... 'ଯେବେ ଉତ୍କଳୀୟ (ଜମିଦାର) ମାନେ ସ୍ୱଦେଶୀୟ ଲୋକଙ୍କୁ ତଡ଼ି ବିଦେଶୀୟ ଲୋକଙ୍କୁ ଲୋଡ଼ିବେ ତେବେ ତାହାଙ୍କ ଦ୍ୱାରା ସ୍ୱଦେଶର ଉନ୍ନତି ହେବା ତେଣିକି ଥାଉ, ଦିନକୁଦିନ ଓଡ଼ିଆଙ୍କର ଦୁର୍ଗତିର ସୀମା ରହିବ ନାହିଁ ତେବେ ଜମିଦାରମାନେ ଏମନ୍ତ ବୋଲିପାରନ୍ତି ଯେ, ଓଡ଼ିଆମାନଙ୍କ ତେଡେ ଉପଯୁକ୍ତ ହେଉନାହାନ୍ତି ବୋଲି ବିଦେଶୀଙ୍କ ସାହାର୍ଯ୍ୟ ନେଉଅଛନ୍ତି। ମାତ୍ର ତାହାଙ୍କୁ ବିବେଚନା କରିବାର ଉଚିତ୍ ଯେ, ଏଥିରେ ସୁଦ୍ଧା ସେମାନେ ଦୋଷୀ ଅଟନ୍ତି। ଆପଣ ପୁତ୍ର କି ଭାଇକୁ ତ୍ୟାଗ କରି କିଏ ପରକୁ ଅଧିକାର କରିବାର ସୁଖ ପାଏ ? ସେମାନେ ଯେମନ୍ତ ଧନଶାଳୀ ଅଛନ୍ତି ଯେବେ ଚେଷ୍ଟା କରିବେ, ଓଡ଼ିଆମାନେ ଅବଶ୍ୟ ଶିକ୍ଷା ପାଇ କାର୍ଯ୍ୟକ୍ଷମ ହେବେ। ଯେବେ ତାହା ନ କରିବେ, ତେବେ ତାହାଙ୍କ ଠାରୁ ଯେଉଁମାନେ ଅଧିକ କାର୍ଯ୍ୟକ୍ଷମ, ତାହାଙ୍କୁ ରାଜ୍ୟ ଛାଡ଼ିଦେଇ ଅଲଗା ହୋଇ ରହନ୍ତୁ। ତେବେ ତାହାଙ୍କର ଅପକ୍ଷପାତିତାର ଯଥାର୍ଥ ପରିଚୟ ପ୍ରାପ୍ତ ହେବ।

ଏହିଭଳି ଦୃଢବିରୋଧ ଓ ମିଳିତ ପ୍ରୟାସ ଫଳରେ ୧୮୭୪ ମସିହା ଜାନୁଆରୀ ୨୪ ତାରିଖରେ ଓଡ଼ିଆ ଭାଷାର ଦାପ୍ତରିକ ବ୍ୟବହାର ପାଇଁ ଗଞ୍ଜାମ ଗେଜେଟ୍‌ରେ ପ୍ରକାଶ କରାଗଲା। ହେଲେ, ଏହି ବିଜ୍ଞପ୍ତିକୁ କାମଳ କରି ରଖାଯିବା ପାଇଁ ସେଥିରେ ବ୍ୟବସ୍ଥା ମଧ୍ୟ ଯୋଡ଼ା ଯାଇଥିଲା। ତାହା ହେଲା-ଶୀଘ୍ର ଉତ୍ତର ପାଇବାକୁ ହେଲେ ଓଡ଼ିଆଭାଷାକୁ ତେଲୁଗୁ କିମ୍ବା ଇଂରାଜୀ ଲିପିରେ ଲେଖିବାକୁ ପଡ଼ିବ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଅଧିବକ୍ତା କବି ଶ୍ରୀ ଗଜାନନ ମିଶ୍ର ଅଦାଲତି କାମକୁ ଓଡ଼ିଆରେ ଏବଂ ରାୟର ନକଲାଦି ଓଡ଼ିଆ ଲିପିରେ ପାଇବାକୁ ଦୀର୍ଘ ବର୍ଷ ହେଲା ସଂଗ୍ରାମ ଜାରି ରଖିବା ସ୍ଥଳେ ଏବଂ ଓଡ଼ିଆ ଭାଷାରେ ଓଡ଼ିଶା ଶାସନପାଇଁ ଅନ୍ୟମାନଙ୍କ ସହଯୋଗରେ ୨୦୧୫ ଜୁଲାଇ ୧ରୁ ୮ ଯାଏ ଆମରଣ ଅନଶନ କରି ମିଥ୍ୟା ଆଶ୍ୱାସନା ପାଇଁ ଅନଶନ ଭଙ୍ଗ କରିଥିଲେ ହେଁ ଏଯାଏଁ ତାହା ହୋଇପାରିନାହିଁ। ସୂଚେଇ ଦେବା ଉଚିତ୍ ହେବ ଯେ ସେତେବେଳେ ଆଉ ଆଜିର ସମୟ ଭିତରେ ପ୍ରଭେଦ ଆକାଶ-ପାତାଳ ହୋଇଥିଲେ ହେଁ ଆମେ ନାମକୁ ମାତ୍ର ଭାଷାଭିତ୍ତିରେ ଓଡ଼ିଶାପ୍ରଦେଶ ଗଠନ କରି ସଚେତନତାର ଅଭାବ ଓ ସରକାରୀ ଉଦାସୀନତା ଯୋଗୁଁ ପ୍ରତିକ୍ଷଣ ଓ ପ୍ରତିକ୍ଷେତ୍ରରେ ଭାଷା ଜନନୀର ହତ୍ୟା କରି ଚାଲିଛୁ। ବିଡ଼ମ୍ବନାର ବିଷୟ ଏହି କି ଯେ ସେତେବେଳେ ଆମେ ସମ୍ପୂର୍ଣ୍ଣ ପରାଧୀନ ଥାଇ ଅସାଧୁ ତେଲୁଗୁ-ଇଂରାଜୀ ମେଣ୍ଟର ଶିକାର ସାଜି ଏବଂ ସର୍ବପରି କାଁ ଭାଁ ମୁଦ୍ରିତ ଗଣମାଧ୍ୟମ କି ସମ୍ବାଦ ସରବରାହ ସଂସ୍ଥା ଥାଇ ଯାହା ହାସଲ କରିପାରିଥିଲେ, ଏବେ ସମ୍ପୂର୍ଣ୍ଣ ବିପରୀତ ପରିବେଶରେ ସେସବୁ ନ୍ୟାର୍ଯ୍ୟ ଅଧିକାରକୁ କ୍ରମେ ହାତଛଡା କରି ଚାଲିଛୁ ଏସବୁ ପାଇଁ ଦାୟୀ କିଏ ଏବଂ କ'ଣ କରାଯିବା ଦରକାର ତାହା ବିଚାର୍ଯ୍ୟ । ଏବେ ଉଇଲିୟମ୍ ମହାନ୍ତିଙ୍କ ପରି ସ୍ୱାଭିମାନୀ ଦେଶପ୍ରେମୀ ସାମ୍ବାଦିକ ଓ ଉତ୍କଳ ଦିପୀକା' ଭଳି ସମ୍ବାଦପତ୍ର କ'ଣ ଏକ ପ୍ରଶ୍ନବାଚୀ ?

ପୂର୍ବ ବର୍ଣ୍ଣିତ ଷଡଯନ୍ତ୍ରକୁ ପ୍ରତିହତ କରିବା ପାଇଁ ଓଡ଼ିଆ ଜାତିକୁ ଏକଜୁଟ୍ କରିବାକୁ ଯାଇ 'ଉତ୍କଳ ଦୀପିକା'ର ବଜ୍ର ଆହ୍ୱାନ ଆଜି ବି ସତ୍ ଓଡ଼ିଆଟିର ଶିରାପ୍ରଶିରାରେ ଶିହରଣ ସୃଷ୍ଟି କରେ। ଆଜିର ଗଣମାଧ୍ୟମମାନଙ୍କର ଆଖି ଖୋଲିଦେବା ପାଇଁ ୧୯୭୪ ମସିହା ଏପ୍ରିଲ୍ ୮ ତାରିଖର ସେହି ଐତିହାସିକ ସମ୍ପାଦକୀୟକୁ ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ମନେହୁଏ।

'ଓଡ଼ିଆ-ବଙ୍ଗଳା ଘେନି ଯେ ସମସ୍ତ କଥା ଓଡ଼ିଶାରେ ହୋଇଥିଲା, ଗଞ୍ଜାମ ଜିଲ୍ଲାରେ ସେ ସମସ୍ତ ଅବିକଳ ଘଟିବାର ଦେଖାଯାଏ। ଏଠାରେ ବଙ୍ଗଳା ଅକ୍ଷରରେ ଓଡ଼ିଆଭାଷା ଲେଖିବାର ପ୍ରସ୍ତାବ ହୋଇଥିଲା। ସେଠାରେ ତେଲେଙ୍ଗା ଅକ୍ଷରରେ ଲେଖିବାର କଥା ହୋଇଅଛି। ପ୍ରଭେଦ ଏତିକି ଯେ, ଓଡ଼ିଶାରେ କେତେକ ସ୍ୱାର୍ଥପର ବ୍ୟକ୍ତି ଏ ରୂପ ପ୍ରସ୍ତାବ କରିଥିଲେ, ମାତ୍ର ଗଞ୍ଜାମରେ ତାହା ଗେଜେଟ୍‌ରେ ପ୍ରକାଶ କରାଯାଇ ବିଧିବଦ୍ଧ ହୋଇଅଛି। ଉକ୍ତ ଘୋଷଣାର ପ୍ରକୃତ ଉଦ୍ଦେଶ୍ୟ ଯେ ପ୍ରକାରାନ୍ତରେ ଓଡ଼ିଆ ଭାଷା ଉଠାଇ ଦେବା, ତହିଁରେ କିଛି ସନ୍ଦେହ ନାହିଁ। ଗଭର୍ଣ୍ଣମେଣ୍ଟ ଯେ ସ୍ଥଳେ କୌଣସି କର୍ମଚାରୀ ପକ୍ଷରେ ଏ ରୂପ ବିରୋଧଜନକ ଚେଷ୍ଟା ଅତି ଦୂଷଣୀୟ ଅଟଇ।

ତେଲେଙ୍ଗାମାନେ ବିସ୍ତର ଗଞ୍ଜାମ ଜିଲ୍ଲାର କଚେରୀ ସବୁରେ କର୍ମ କରନ୍ତି। ସେମାନେ ଓଡ଼ିଆ ଜାଣନ୍ତି ନାହିଁ କିମ୍ବା ଶିଖିବାକୁ ଚେଷ୍ଟା କରନ୍ତି ନାହିଁ ବୋଲି ଅବା ଏରୂପ ପରାମର୍ଶ ଉଚ୍ଚ କର୍ମଚାରୀଙ୍କୁ ଦେଇଥିବେ। କିନ୍ତୁ ଉକ୍ତ କର୍ମଚାରୀଙ୍କର ବିଚାର କରିବାର ଉଚିତ୍ ଯେ, ପ୍ରଜାଙ୍କ ହିତ ସକାଶେ ଏ ଆଜ୍ଞା ହୋଇଅଛି ଅମଲାଙ୍କ ସକାଶେ ନୁହଇ......।

ଗଞ୍ଜାମ ଜିଲ୍ଲାର କଚେରୀମାନଙ୍କରେ ଓଡ଼ିଆ ଭାଷାରେ ଲେଖାପଢି କରିବା ବ୍ୟକ୍ତିଙ୍କୁ ନିଯୁକ୍ତ କରିବା ଉଚିତ ଓ ଯେବେ ସ୍ଥାନୀୟ କର୍ମଚାରୀମାନେ ତାହା କରିବାକୁ ଇଚ୍ଛା କରନ୍ତି ନାହିଁ, ତେବେ ସେଠିକା ଲୋକମାନଙ୍କର ଉଚିତ୍ ଯେ, ଏକମେଳ ହୋଇ ସଦ୍‌ଯୁକ୍ତି ପ୍ରଦର୍ଶନପୂର୍ବକ ମାନ୍ଦ୍ରାଜ ଗଭର୍ଣ୍ଣମେଣ୍ଟ ଓ ଇଣ୍ଡିୟା ଗଭର୍ଣ୍ଣମେଣ୍ଟଙ୍କୁ ଆବେଦନ ପଠାନ୍ତୁ। ତା' ହେଲେ ଅବଶ୍ୟ ଏ ଆଜ୍ଞା ରହିତ ହୋଇଯିବ।

ଭାଷା ଭିତ୍ତିରେ ଓଡ଼ିଶା ପ୍ରଦେଶ ଗଠନ ପାଇଁ ଜନ ଆନ୍ଦୋଳନ ସକାଶେ ଏଭଳି ଅନନ୍ୟ, ସ୍ୱଷ୍ଟ ଓ ଶକ୍ତିଶାଳୀ ଆହ୍ୱାନ ଆଜିର ଗଣମାଧ୍ୟମମାନଙ୍କର ଧେୟ ହେବା ଉଚିତ୍। ବିଶେଷ କରି ଓଡ଼ିଆ ଭାଷାରେ ଶାସନକାର୍ଯ୍ୟ, ଅଦାଲତି କାର୍ଯ୍ୟ, ପାଠ୍ୟକ୍ରମ ଓ ନିଯୁକ୍ତି ଆଦି ଦାବି କରି ଆଜି ଆଉ ଜଣେ ଖୁବ୍ ଓଡ଼ିଆପ୍ରେମୀ ସ୍ୱାଭିମାନୀ ସାମ୍ବାଦିକ ଶ୍ରୀ ସୁଭାଷ ଚନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ଭାଷା ଆନ୍ଦୋଳନ ଚାଲିଥିଲାବେଳେ ସେତେବେଳର ସମ୍ବାଦପତ୍ର ଓ ପତ୍ରପତ୍ରିକାର ଭୂମିକାକୁ ଆଜିର ସମ୍ବାଦପତ୍ର ଓ ପତ୍ରପତ୍ରିକାମାନେ ଆଦର୍ଶଭାବେ ଗ୍ରହଣ କରି ଅନୁସରଣ କରିବା ଉଚିତ୍। କାରଣ 'ଉତ୍କଳ ଦୀପିକା'ର ପରିପୂରକ ଭାବେ ବ୍ରହ୍ମପୁର ସହରରୁ ୧୮୭୬ରେ ପ୍ରକାଶିତ 'ସ୍ୱଦେଶୀ', ୧୮୭୭ରେ 'ବାର୍ତ୍ତା ଲହରୀ' ଆଦିଙ୍କର ପ୍ରଖର ଓ ପ୍ରବଳ ସ୍ୱରସ୍ୱଷ୍ଟ ଜନ ଆନ୍ଦୋଳନ ପାଖରେ ମଥାନତ କରି ମାନ୍ଦ୍ରାଜ ସରକାର ୧୮୯୦ ମସିହା ଅଗଷ୍ଟ ୧ ତାରିଖରେ ଓଡ଼ିଆଭାଷା ପ୍ରଚଳନ କରିବାକୁ ବାଧ ହୋଇଥିଲେ। ଆଜିର ଦିନରେ ପ୍ରକାଶ ପାଉଥିବା ସଂଖ୍ୟାତୀତ ସାହିତ୍ୟ ପତ୍ରିକା ଏ ବିଷୟରେ ସ୍ୱପ୍ନରେ ବି ଚିନ୍ତା କଲେଣି କି ? ପତ୍ରପତ୍ରିକାଙ୍କର ପ୍ରଭାବଶାଳୀ ଭୂମିକାକୁ ଅନୁଶୀଳନ କରି କୁହାଯାଇପାରେ, ସେତେବେଳେ ହୁଏତ ସେମାନେ ଜାତିକୁ ଜାଗ୍ରତ କରିବା ପାଇଁ ସ୍ଲୋଗାନ୍ ଦେଇଥିବେ-

ଉଠରେ ସୁପ୍ତ ଜାତି
ନିଦ୍ରା ବିଭୋର ଦେଖି ତୋ'
ପଡ଼ୋଶୀ
ନେବେ ତୋ' ଅଙ୍ଗ କାଟି।

ହେଲେ, ଆଜିର ପରିବର୍ତ୍ତିତ ପରିସ୍ଥିତିରେ ସେମାନଙ୍କର ଦୃପ୍ତ ଭୂମିକାକୁ ଅନୁଧ୍ୟାନ କରି ଭାଷା ଜନନୀର ମୁକ୍ତି ଓ ସ୍ୱଚ୍ଛନ୍ଦ ବିଚରଣ ପରିପ୍ରେକ୍ଷୀରେ ଏକ ଅଖଣ୍ଡ ସ୍ୱାଭିମାନୀ ଓଡ଼ିଶା ଗଠନ ଦିଗରେ ଗଣମାଧ୍ୟମମାନଙ୍କର ସମ୍ମଳିତ ସ୍ୱର ହେଉ-

ସମ୍ବଲପୁର ଡାକୁ ଗଞ୍ଜାମେ
ସେ ଡ଼ାକ ଉଠୁରେ ସିଂହଭୂମ୍
ଧାମେ
ଜୟପୁର ଥରୁ ଜନନୀର ନାମେ
ସାରା ଦେଶେ ଉଠୁ ରୋଳ
ହାତ ଧରାଧରି ଉଠରେ ଓଡ଼ିଆ
ଜୟ ଉତ୍କଳ ବୋଲ
ଜୟ ଉତ୍କଳ ବୋଲ।

**ଆମ ଠିକଣା**
**ଏକମାତ୍ର**
ସମ୍ପାଦନା କାର୍ଯ୍ୟାଳୟ
ଏଚଆଇଜି-୧୩୭, ଧର୍ମବିହାର
ଖଣ୍ଡଗିରି, ଭୁବନେଶ୍ୱର-୩୦

# ବେଦନାର ବେଦ-୪





ଧାରାବାହିକ ଉପନ୍ୟାସ

**କ୍ଷୀରୋଦ ଦାସ**
ମୋ : ୯୪୩୭୧୬୩୦୦୨
ମେଲ୍ : khirod65@gmail.com

**ମାଟିମନସ୍କ, କଥକତା, ସ୍ମୃତିସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷାବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ। ପ୍ରାୟ ୧୪ଖଣ୍ଡ ଗଳ୍ପ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ପଡୁଥିବା ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଏବଂ ଆଞ୍ଜୁଳା ଆଞ୍ଜୁଳା ଆହାପଣ।**

ମାରମଥରା କାନ୍ଦଟିଏ ଦୋହଲାଇ ଦେଲା ଚମ୍ପାର ଛାତିକୁ। ଥିଲା ଥିଲା ହୁରସ୍ ଉଠି ପଡ଼ି ଧାଇଁଗଲା। ସାଇ ଭିତରର ନଳା ମୁହଁ ପାଖକୁ। ତା' ଦେହ ମୁଣ୍ଡ ଝିମ୍ ଝିମ୍ କରି ଦେଉଥିଲା। ଅଷ୍ଟାଙ୍ଗ ଶରୀର ଝାଳରେ ଓଦା ସରସର ହୋଇଯାଇଥିଲା। ହଠାତ୍, ଓଃ...ଓଃ କରି ବାନ୍ତି କରିପକାଇଲା କଂସାଏ ଦେଢକଂସା।

ଲଙ୍ଘାରେ ଚାରିକାତ ମେଲାଇ ଶୋଇଥିଲା ବୁଢ଼ୀମା'। କି ଖରାଦିନ କି ଶୀତଦିନ, ବୁଢ଼ୀ ସବୁବେଳେ ଶୁଏ ଲଙ୍ଘାରେ। ଘରଭିତର ତାକୁ ଭଲ ଲାଗେନା। ଚମ୍ପାର ଶବ୍ଦଶୁଣି ତା' ତଟ୍‌କା ନିଦ ଭାଙ୍ଗିଗଲା। ଧଡ଼ପଡ଼ ହୋଇ ଉଠିବସିଲା ସେ। ଡାକ ପକାଇଲା ଘର ଭିତରେ ଅଚିନ୍ତାରେ ଶୋଇଥିବା ଚକ୍ରଧରକୁ। ବୁଢ଼ୀମା'ର ଛାନିଆ ଡାକ ଶୁଣି ଚକ୍ରଧର ହୁଡ଼ସ ଉଠିପଡ଼ି ଧାଇଁଆସିଲା ବାହାରକୁ। କିଛି ବୁଝି ନ ପାରି ଆବାକାବା ହୋଇ ଅନାଇଲା ଚମ୍ପାକୁ। ଚମ୍ପାର ସେତେବେଳକୁ ମାଟିରେ ନୋଷଡ଼ି ପଡ଼ିବା ଅବସ୍ଥା।

ଚକ୍ରଧରର ହତବମ୍ବ ଅବସ୍ଥା ଦେଖି ବୁଢ଼ୀମା' ତା' ପାକୁଆ ପାଟିରେ କଳେ ହସ ହସି କହିଲା- 'ଆରେ ଭୁଶୁଣ୍ଡା, ଏମିତି ବୋକାଙ୍କ ପରି ଠିଆହୋଇ ଅନେଇଚୁ କ'ଣ? ଇରେ ତୋ ଭାଗ୍ୟ ଖୋଲିଗଲା ରେ...। ତୋ କୁଳ ଉଜ୍ଜ୍ୱଳ ହୋଇଗଲା ରେ...। ତୋ ଭାରିଜା ପେଟରେ ଛୁଆ ଖେଳିଲାଣିରେ...। ଇୟେ ତାରି ପ୍ରକୋପରେ ଚକରା...!!"

'ଛୁଆ!!' ଚମକିପଡ଼ିଲା ଚକରା ଓରଫ ଚକ୍ରଧର। କ'ଣ କହିଲା ବୁଢ଼ୀମା'? ଛୁଆ ଖେଳିଲାଣି ଚମ୍ପା ପେଟରେ! ଚକ୍ରଧର ଆଖିମଳିଲା। ତଳକୁ ଚାହିଁଲା। ତଳେ ମାଟି ଅଛି। ଉପରକୁ ଚାହିଁଲା, ଉପରେ ଆକାଶ ବି ଅଛି। ଜହ୍ନ ନ ଥିବା ଆକାଶରେ ମିଟିମିଟି ତାରା। ସେ ସବୁକିଛି ଦେଖିପାରୁଛି, ଅନୁଭବ କରିପାରୁଛି, ମାନେ ସେ ଚେଇଁଛି। ସେ ଚେଇଁଛି ମାନେ ବୁଢ଼ୀମା'ର କଥା ଶୁଣିପାରୁଛି। ତା' ଦେହର ପ୍ରତିଟି ଶିରାପ୍ରଶିରା ଭିତରେ, ରକ୍ତକଣିକା ଭିତରେ ମଧୁର ସ୍ରୋତଟିଏ ଚାଲିଯାଉଥିଲା ସରସର୍ ହୋଇ, ତାକୁ ଆନନ୍ଦରେ ଅଭିଭୂତ କରି କରି। ତାକୁ ଦୁନିଆର ସମସ୍ତ ଐଶ୍ୱର୍ଯ୍ୟର ମାଲିକ କରିଦେଇ। ତାକୁ ମହଣ ମହଣ ସୁଖ ବାଣ୍ଟି ବାଣ୍ଟି। ସମୁଦ୍ରର ଜୁଆର ପରି ଉଚ୍ଛୁଳି ପଡୁଥିଲା। ତା' ଛାତି ଭିତରର ଖୁସି। ରାତିର ଅନ୍ଧାର ଆଉ ନଥିଲା ତା' ଆଖି ସାମ୍‌ନାରେ। ତାକୁ ସବୁ ଜିନିଷ ଦେଖାଯାଉଥିଲା ରଙ୍ଗୀନ ରଙ୍ଗୀନ। ସବୁ ଜଣାପଡୁଥିଲା ସୁଗନ୍ଧମୟ। ତା' ଚଉଡ଼ା ଛାତିଟା ଆହୁରି ଚଉଡ଼ା ହୋଇଯାଉଥିଲା ଆନନ୍ଦରେ।

ନିଜ ଭିତରର ଅବ୍ୟକ୍ତ ଆନନ୍ଦକୁ, ଉଲ୍ଲାସପଣକୁ ଏକାନ୍ତରେ ଉପଭୋଗ କରିବାକୁ, ଅନୁଭବ କରିବାକୁ ଚକ୍ରଧର ଉଠି ଚାଲିଗଲା ଦାଣ୍ଡକୁ। ଆଃ... କେତେ ସୁନ୍ଦର, କେତେ ମନମୁଗ୍ଧକର ଲାଗୁଚି ଏ ରାତି! ଆକାଶରେ କେଉଁ କାରିଗର ଅତି ଯତ୍ନରେ ଖଞ୍ଜିଦେଇଚି ଚିକ୍‌ମିକ୍ ତାରାଫୁଲସବୁ! ନଡ଼ିଆ ଗଛର ବାହୁଙ୍ଗାମାନେ ମତୁଆଲା ହୋଇ ହଲିହଲି ନାଚୁଛନ୍ତି ନିଜ ନିଜ ସୁଖରେ। କେଉଁ ଶତ୍ରୁତାରେ କେଜାଣି ସବୁଦିନ କାମୁଡ଼ାକାମୁଡ଼ି ହେଉଥିବା ବାରବୁଲା କୁକୁର ଦି'ଟା ପରମମିତ୍ରଙ୍କ ପରି ଲଗାଲଗି ହୋଇ ଶୋଇ ଚଟାଚଟି ହଉଛନ୍ତି ଏବଂ ନିଜନିଜ ଭିତରେ ସୁଖ ଦୁଃଖ ବାଣ୍ଟୁଛନ୍ତି। କେହି ଜଣେ ଦୂରରେ, ଅତି ଦୂରରେ, ବୋଧହୁଏ ଦିଗ୍‌ବଳୟ ସେପାଖରେ, ମତୁଆଲା ସ୍ୱରରେ ବୋଲୁଛି କି ମଧୁର ଗୀତଟିଏ?

ଚକ୍ରଧରର ଇଚ୍ଛା ହେଉଥିଲା ଏଭଳି ଅନନ୍ୟ ସମ୍ବାଦଟିକୁ ସେ ପୃଥିବୀର ଏମୁଣ୍ଡରୁ ସେମୁଣ୍ଡ ଯାଏ ଦୌଡ଼ିଦୌଡ଼ି ସମସ୍ତଙ୍କ ଆଗରେ କହିଦେବ। ଏତେ ସୁଖକୁ, ଅନ୍ୟମାନଙ୍କ ଭିତରେ ନବାଣ୍ଟିଲେ କେମିତି ସେ ସମ୍ଭାଳି ରଖିପାରିବ ନିଜ ଭିତରେ? ସମସ୍ତେ ଶୁଣନ୍ତୁ, ସମସ୍ତେ ଅନୁଭବ କରନ୍ତୁ ଏ ମହାର୍ଘ ଉପଲବ୍ଧିକୁ।

ସତେ କି, ଏ ଦୁନିଆରେ ଯା ପୂର୍ବରୁ କେହି କେବେ ଛୁଆର ବାପା ହୋଇନାହାନ୍ତି! ସତେକି ଏ ପୃଥିବୀ କେବେ ଶୁଣିନାହିଁ କୁଆଁକୁଆଁର ମନ୍ତ୍ରଧ୍ୱନୀ! ସତେକି... ସତେକି...

ଚକ୍ରଧର ବିଭୋର ହୋଇଯାଉଥିଲା। ଚକ୍ରଧର ଉଲ୍ଲସିତ ହୋଇଯାଉଥିଲା। ଚକ୍ରଧର ପାଗଳ ହୋଇଯାଉଥିଲା। ଚକ୍ରଧର ହସି ପକାଉଥିଲା। ଚକ୍ରଧର କାନ୍ଦି ପକାଉଥିଲା। ଚକ୍ରଧର କିଛି ବୋଲି କିଛି ବୁଝି ପାରୁ ନ ଥିଲା। ଚକ୍ରଧର ପ୍ରଗଳ୍‌ଭ ହୋଇଉଠୁଥିଲା। ଚକ୍ରଧର ଗମ୍ଭୀର ହୋଇଯାଉଥିଲା।

ଯା' ପୂର୍ବରୁ ଚକ୍ରଧର ନିଜକୁ ଏତେ ଦାୟିତ୍ୱବାନ ମନେକରି ନ ଥିଲା କେବେ। ଛକ ଉପରେ ବସି ପାନଚୋବାଇ, ବିଡ଼ିଟାଣି, ତାସ୍ ଖେଳିଖେଳି, ଘର ଭିତରେ ଶୋଇଶୋଇ ଦିନ କାଟିବା ଥିଲା ତା' ଜୀବନର ପରିପାଟୀ। ଏସବୁ ବାଦ୍ ଯେ ସଂସାରରେ ଆଉ କିଛି ଅଛି, ଭାବିବା ପାଇଁ କରିବା ପାଇଁ, ଅଙ୍ଗେଲିଭାଇବା ପାଇଁ, ଭୋଗିବା ପାଇଁ ସେକଥା ତାକୁ ମାଲୁମ ନଥିଲା। ଜୀବନକୁ ଗୋଟେ ମାମୁଲି ଖେଳ ବୋଲି ଭାବି ଅତି ବେପରବାୟ ପରମାୟୁ ଅତିବାହିତ କରି ଆସିଥିବା ଚକ୍ରଧର ସହସା ଖୁବ୍ ଗମ୍ଭୀର ଓ ଦାୟିତ୍ୱବାନ୍ ହୋଇଉଠିଲା। ତାକୁ ଲାଗିଲା କିଛିଗୁଡ଼ାଏ ତାକୁ ପରିପୂର୍ଣ୍ଣ କରିପକାଉଛି। ତା' ଦୁନିଆ ସହସା ପୂର୍ଣ୍ଣ ହୋଇଯାଉଛି ବର୍ଷାଦିନର ପରି। ତା' ମୁଣ୍ଡ ଉପରେ ଛାଁକୁ ଛାଁ ଠୁଳ ହୋଇଯାଉଛି କିଛି ମଧୁରଓଜନ, ଯାହା ତାକୁ ଭସାଇ ନେଉଛି ମସୃଣ ଆନନ୍ଦର ପ୍ରଖର ସ୍ରୋତ ଭିତରେ। ଯାହା ତାର ବାସ୍ତୁହରା, ଦିଗଭ୍ରଷ୍ଟ ଜୀବନକୁ ମହିମାନ୍ୱିତ କରିପକାଉଛି। ଯାହା ତାକୁ ଶିଖାଇଦେଉଛି ବଞ୍ଚିରହିବାର ମହାନ୍ ମନ୍ତ୍ର।

ଦାଣ୍ଡପଟୁ ଫେରିଆସି ଚକ୍ରଧର ଚାହିଁଲା ଚମ୍ପାକୁ। ମୁହଁହାତ ଧୁଆଧୋଇ କରି ଆସି ଚମ୍ପା ବସିଥିଲା ପିଣ୍ଡାରେ, କାନ୍ଥକୁ ଆଉଜି। ବାସ୍ତବିକ୍ ସେଇ ମୁହୂର୍ତ୍ତରେ ଚମ୍ପା ତାକୁ ଦିଶୁଥିଲା ପୃଥିବୀର ସର୍ବଶ୍ରେଷ୍ଠ ସୁନ୍ଦରୀ ପରି! ଚକ୍ରଧରର ଭାରି ଇଚ୍ଛା ହେଉଥିଲା ଚମ୍ପାକୁ ନିଜ ବଳିଷ୍ଠ ଦୁଇବାହୁରେ ଶୂନ୍ୟେ ଶୂନ୍ୟେ ଟେକିନେଇ ବେଜାଏ ଗେଲ କରିପକାଇବାକୁ। ତା' ଶୁଖିଲା ଗାଲ ଉପରେ ଓଠ ଥାପିଦେବା ପାଇଁ। ଅନେକ ଦିନ, ମାସ ବର୍ଷ ଧରି ହସ କୁଆଡ଼େ ହଜାଇ ଦେଇଥିବା ତା' ଦୁଃଖୀ ଓଠ ଉପରେ ମଧୁର ହସ ମେଞ୍ଚାଏ ମାଖି ଦେବାପାଇଁ।

*କ୍ରମଶଃ...*



**ଅଳ୍ପ ଆଳାପ**

# ସାହିତ୍ୟ ଚିରକାଳ ଅମଳିନ ଓ ଗତିଶୀଳ

ତାଙ୍କ ଗପ ଦେଖାଏ ଅସରନ୍ତି ସ୍ୱପ୍ନ। ମନରେ ଭରିଦିଏ ବଞ୍ଚି ରହିବାର ଅସରନ୍ତି ପ୍ରେରଣା। ଦେଇପାରେ ଉଜ୍ଜ୍ୱଳ ଜହ୍ନରାତିର କୋମଳ, ଶୀତଳ ଉପଲବ୍ଧି। ତାଙ୍କ ଗପ ପଢ଼ିସାରିବା ପରେ ପାଠକର ମନ ଓ ହୃଦୟ ପବିତ୍ର ଓ ପ୍ରଶାନ୍ତ ଆବେଗରେ ଆଚ୍ଛନ୍ନ ହୋଇଯାଏ। ସ୍ୱତନ୍ତ୍ର ଓ ସାବଲୀଳ ଶୈଳୀରେ ଗପ ଲେଖି ପାଠକଙ୍କୁ ମନ୍ତ୍ରମୁଗ୍ଧ କରି ରଖିଥିବା ଗାଳ୍ପିକ ହେଉଛନ୍ତି **'ଦେବବ୍ରତ ମଦନରାୟ'**।

ଆଲୁଅର ଛାଇ, ସୂର୍ଯ୍ୟର ଅନେକ ରଙ୍ଗ, ଦୁଃଖ ଅରଣ୍ୟ, କହ୍ନେଇର ବଂଶୀ, ଦୃଶ୍ୟ, ସ୍ୱର୍ଗାରୋହଣ, ସପ୍ତଲୋକ, ସାରାରାତି ଜହ୍ନରାତି, ଜଳପରୀ, ଅସୁନ୍ଦରୀ, ପ୍ରିୟସଖୀ, ଚିତ୍ରମାଟି, ବର୍ଣ୍ଣମାଳା, ମହାଦେବୀ, କଥାଧାରା, ଚିତ୍ରବାଘ ଓ ବାଟଘର ପରି ଅନନ୍ୟ ଗଳ୍ପ ଓ ଉପନ୍ୟାସର ସ୍ରଷ୍ଟା ଆମ ସମୟର ପ୍ରତିନିଧିସ୍ଥାନୀୟ ଗାଳ୍ପିକ ଶ୍ରୀଯୁକ୍ତ ଦେବବ୍ରତ ମଦନରାୟଙ୍କ ସହ **'ଅଳ୍ପ ଆଳାପ'**।

*ପ୍ରସ୍ତୁତି : ପ୍ରତ୍ୟୁଷ ପିୟୁଷ*

**ଆଜିର ଡିଜିଟାଲ ଦୁନିଆରେ ସାହିତ୍ୟ ନିଜର ସ୍ଥିତି ସୁଦୃଢ଼ ରଖିବାରେ କେତେ ସମର୍ଥ?**

ସର୍ଜନା କ୍ଷେତ୍ରରେ ସନ୍ତୁଷ୍ଟ କିମ୍ବା ଅସନ୍ତୁଷ୍ଟ ଭାବ ପ୍ରଶ୍ନଟି ବିମୁଖତାଆଡ଼କୁ ଆକର୍ଷିତ କରିପାରେ। ସ୍ରଷ୍ଟା କିଛି ଭିନ୍ନ ଅନୁଭବ କରୁଥିବାରୁ ସେ ସର୍ଜନା କରେ। ଆମ୍ବଗଛର ବଉଳ ପ୍ରତ୍ୟେକ ମଣିଷକୁ ବାସ୍ନାମୟ କରିଦେଇପାରେ, ମାତ୍ର ପ୍ରତ୍ୟେକ ମଣିଷ ନିଜ ଭିତରେ ବାସ୍ନାମୟ ହେବା ସମ୍ଭବ ନୁହେଁ। କେବଳ ସ୍ରଷ୍ଟା ହିଁ ଏହି ମୁଗ୍ଧ ଅନୁଭବରେ ସମାଧିସ୍ଥ ହୁଏ। ଶବ୍ଦକୁ ଖୋଜେ, ସୃଷ୍ଟି କରିପାରେ ଦିବ୍ୟ ଭାଗବତ।

**ଗାଳ୍ପିକ/ଔପନ୍ୟାସିକ ରାମଚନ୍ଦ୍ର ବେହେରାଙ୍କ ଗଳ୍ପ ଆପଣଙ୍କୁ କିପରି ଲାଗେ? ଆପଣଙ୍କୁ ଭଲ ଲାଗିଥିବା ତାଙ୍କର ଗୋଟେ ଚମତ୍କାର ଗଳ୍ପର ନାମ ଓ କାହିଁକି ଭଲ ଲାଗେ, ସେ ନେଇ 'ଏକମାତ୍ର'ର ପାଠକଙ୍କୁ ଚୁମ୍ବକରେ ଜଣାଇବେ କି?**

ରାମଚନ୍ଦ୍ର ବେହେରାଙ୍କ ସୃଷ୍ଟି ସହ ମୋର କୋମଳ ସମ୍ପର୍କ। 'ନବଲିପି' ପତ୍ରିକାରେ ପ୍ରକାଶିତ ହୋଇ ପାଠକଙ୍କ ପାଖରେ ପହଞ୍ଚିବା ପୂର୍ବରୁ ମୁଁ ତାଙ୍କର

## ପୁଞ୍ଜିପତି

**ମଦନ ମୋହନ ମହାକୁଡ଼**

ପର୍ଶୁର ଗାଁରେ ବିଶେଷ କିଛି ଜମି ବାଡ଼ି ନଥିଲା। ସେ ଖଟିଲେ ଖାଉଥିଲା। କଠିନ ପରିଶ୍ରମ କଲେ ପେଟ ଅପୋଷା ରହିବନି ଏ ଆତ୍ମ ବିଶ୍ୱାସ ତାର ଥିଲା। ତେବେ ସବୁ ଦିନେ ପରିଶ୍ରମ କରି ଉପାର୍ଜନ କରିବାର ସୁଯୋଗ ତାକୁ ଯୁଟୁ ନଥିଲା। ସବୁଦିନେ ରୋଜଗାର କରିପାରିବ, ଏ ଆଶାରେ ସେ ସହର ଆସିଲା। ପୁଞ୍ଜି-ତାର ଦିହମିହନତ। ଭଡ଼ାରେ ରିକ୍ସା ଗୋଟିଏ ଯୋଗାଡ଼ କରି ପର୍ଶୁ ରିକ୍ସା ଟାଣିଲା। ଖାଲି ମଜୁରି ଖଟିବା ତୁଳନାରେ ଏଥିରେ ସାମାନ୍ୟ ବେଶୀ ରୋଜଗାର ହେଉଥିଲା। ରିକ୍ସାଟି ନିଜର ହୋଇଥିଲେ ଭଡ଼ାଟା ବଞ୍ଚିଯାଇ, ସେଇଟା ନିଜ ଅୟରେ ମିଶିଥାନ୍ତା। ପର୍ଶୁ ଆଶା ବାନ୍ଧିଲା ନିଜର ଗୋଟେ ରିକ୍ସା କରିବ। ମହାପୁରୁଷ ମାନେ କହିଛନ୍ତି ଯେ, 'ସତ୍କର୍ମ ଓ କଠିନ ପରିଶ୍ରମ ମଣିଷକୁ ସଫଳତାର ସୋପାନରେ ପହଂଚାଇ ଦିଏ।' ବେଶ୍ କିଛି ଦିନ ଗଲା, ପର୍ଶୁର ରିକ୍ସା ଟଣାର 'ସତ କର୍ମ ଓ କଠିନ ପରିଶ୍ରମ' କରିବାରେ। ରିକ୍ସା ଟିଏକୁ ନିଜର କରିବାରେ, 'କଠିନ ପରିଶ୍ରମ' କୌଣସି ମତେ ପର୍ଶୁକୁ ସହାୟ ହେଲା ନାହିଁ। ବଡ଼ ଲୋକଙ୍କ ବାଣୀରେ ତାର ଆଉ ଆସ୍ଥା ରହିଲା ନାହିଁ। ଯିଏ ଯେଉଁଠି ଥାଇ ଖାଲିଟାରେ କଠିନ ପରିଶ୍ରମ କଲେ ଯେ ଭାଗ୍ୟର ପରିବର୍ତ୍ତନ ହେଇଯିବ-ଏଇଟା ତୁଚ୍ଛା କଥା ଟିଏ। ରିକ୍ସା ଟଣାରେ 'କଠିନ ପରିଶ୍ରମ' ଜୀବନ ସାରା ପ୍ରୟୋଗ କଲେବି ରିକ୍ସା ବାଲା ଠାରୁ ଆଉ କୌଣସିଥିକୁ ସେ ଉତ୍ତୀର୍ଣ୍ଣ ହୋଇପାରିବ ନାହିଁ। ଏହି ସତ୍ୟଟିକୁ ପର୍ଶୁ ଉପଲବ୍ଧି କଲା ଉତ୍ତାରୁ ସେ ବୁଦ୍ଧି ଖର୍ଚ୍ଚ କରି ରିକ୍ସାଟଣାର ପରିଶ୍ରମ କଲା।

ଯେଉଁଠି ପାରେ ସେଇଠି ସବାରି ନବୋହି ସେ ଏଣିକି ପସନ୍ଦ କରି କାମ ହାତକୁ ନେଲା। ଷ୍ଟେସନରୁ ବହିରାଗତ ଯାତ୍ରୀଙ୍କୁ ଲଜିଙ୍ଗ ଖୋଜେଇ ଦେଇ ଲଜିଙ୍ଗ ମାଲିକ ଠାରୁ କିଛିଟା କମିଶନ, ମହକିଲକୁ ଓକିଲ ପାଖରେ ପହଞ୍ଚେଇ ଦେଇ ଓକିଲ ପକ୍ଷରୁ ବକ୍ସିସ ଓ ରୋଗୀକୁ ସରକାରୀ ଡାକ୍ତରଖାନା ନ ନେଇ ନର୍ସିଙ୍ଗ ହୋମ ରେ ହାବୁଡେଇ ସେଠାରୁ କିଛି ସଲାମୀ ଧୀରେ ଧୀରେ ହାତ ପଇଠ କରୁ କରୁ ସେ ନିଜ ଜାତିର ଅନ୍ୟ ରିକ୍ସା ବାଲା ଠାରୁ ନିଆରା ପାଲଟିଗଲା। ଦୁଇ ମାସ ଭିତରେ ନିଜର ରିକ୍ସାଟାଏ କରି ଆପଣା ପୁଞ୍ଜିରେ ମେହନତ କଲା। ଆଗର କାମ ସବୁ ସାଥୀକୁ ଅବକାରି ମାଲ ଏ ଘାଟୀ ସେ ଘାଟୀ ପାରେଇ ଦେଇ ଆଉ କିଛି ବଳକା ରୋଜଗାର କଲା। ସେଥିରେ ସେ ଆଉ ଗୋଟେ ରିକ୍ସା କିଣିଲା, ଯେଉଁଟାକୁ ସେ ଭଡ଼ାରେ ଲଗେଇ ଦେଲା। ପର୍ଶୁ ଏଣିକି ମାଲିକ-ପୁଞ୍ଜିପତି। ତାଙ୍କ ମାଲିକାନା ତଳେ ଆଉ ଜଣେ ମଜୁରି ଖଟି ରୋଜଗାର କରୁଛି- ଏକଥା ମନେ ପକେଇ ପର୍ଶୁରାମ ବାବୁ ସ୍ୱସ୍ତିରେ ନିଃଶ୍ୱାସ ମାରିଲେ।

*ଗୋପବନ୍ଧୁ ନଗର*
*ଭଦ୍ରକ-୭୫୬୧୦୧*

## ଜୀବନ

**ସବିତାରାଣୀ ବେହେରା**

ଜୀବନ!!
ଏକ ଋତୁ ଚର୍ଯ୍ୟାର ଗୀତିକା
ଯେଉଁଠି ରୁଦ୍ରସନ୍ୟାସୀ ଗ୍ରୀଷ୍ମର
ଡହ ଡହ ତାତିରେ ଶୁଖିଯାଏ
ମନପ୍ରାଣ ହୃଦୟର ନଈନୀଳ ପୋଖରୀ
ଜୀବନର ଶୁଖିଲା ମୁହଁକୁ
ପୋଛିନିଏ ବର୍ଷାବଧୂ ଭିଜାପଣତରେ
ଶ୍ରାବଣୀର ସ୍ନେହଭିଜା ଓଦା ପାପୁଲିରେ
ଶରତ ସକାଳର ସଦ୍ୟ ଶେଫାଳୀ ହିଁ ଜୀବନ
ହିମ କାକରରେ ପଖାଳି ଥାଏ ତନୁକୁ
ଜରତୀ ଶୀତରେ ଥୁରୁଥୁରୁ ଜୀବନଟା
ମୋଜିବୁଲେ ସେନହ ସାଉଁଳା ଚୁଲୀକନ୍ଦାର ଉଷୁମ
ଜୀବନ ଫୁଲକିତ ହୁଏ
ବଉଳ ବାସ୍ନାରେ ବାସନ୍ତୀ ଲଗ୍ନରେ
ବିଂଚି ହୋଇଯାଏ ମୁଠା ମୁଠା ଅବିର
ମୃତ୍ୟୁର କଣ୍ଟକିତ ଜୀବନକୁ ବିଭୋର କରେ
ପ୍ରୀତି, ପ୍ରତ୍ୟୟ ଓ ସ୍ମୃତିର କୁହୁକୁହୁ ତାନ
ଦୁଃଖର ଭଜାଣି ସୁଅରେ ଜୀବନଟା ଟଳମଳ
ଦଦରା ହୁଲି ଡଙ୍ଗା ପରି।
ପଡୋଶୀଙ୍କ ଈର୍ଷା ଓ ସାଂସାରିକ ଜଞ୍ଜାଳ ଝଡ଼ରେ
ଏ ଜୀବନ ଏକ ଋତୁଚର୍ଯ୍ୟାର ଗୀତିକା
ଯେଉଁଠି ଆଁ କଲେ ଦିଶିଯାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ଦିଶିଯାଏ-
ଶବରୀ ପା', ଲୁଇପାଓହାଡିପା' ମାନଙ୍କର ଅଶ୍ଳୀଳ ଇସ୍ତାହାର
ଏ ସମୟର ଉଂଚ ଉଂଚ ପର୍ବତ ଉପରେ
ଜୀବନ ଶବରୀବାଳୀ ନାଚେ ନିରନ୍ତର।।

*ସମ୍ପାଦିକା -ସ୍ମୃତିସାନ୍ତ୍ୱନା*
*ମଣିସାହି, ମାଧବନଗର, ଭଦ୍ରକ*

## କିର୍‌ପିନି

**ଜୟଦ୍ରଥ ସୁନା**

କିର୍‌ପିନି ମୋ ପ୍ରେମିକାର ନାଁ
କଣେଇ କି ଚାହେଁ ମୋତେ
ତା'ର ଭଙ୍ଗାଘର
ଦଦରା କାନ୍ଥରୁ,
କେବେ ପୁଣି ଦେଖା ହେଲେ
ସରମି ଯାଏ
ବାରିଆଡ଼େ ଚଢିଥିବା
ମୁନୁଗା ଗଛରୁ।

ଭଲଲାଗେ ମୋତେ ତାର
କଥାର ସୁରୁ
ମୁରୁକି ହସରୁ,
ଆହୁରି ବି ବେଶି ଭଲ ଲାଗେ
ଓଦା ଦେହେ
ହାଣ୍ଡିରେ ପାଣି ବୋହି
ଏକମୁହାଁ ଆସେ ଯେବେ
ପୋଖରୀ ତୁଠରୁ।

ପାହାନ୍ତାରୁ ଛେରା ଦିଏ
ଗୁଣୁଗୁଣୁ ଗୀତ ବୋଲି ଯେବେ
ପକ୍ଷୀଙ୍କ କାକଳି ଓ କୁକୁଡ଼ାର
କଁକଁରେ କଁ ଶୁଭେ।

ସୂରୁଜ ଉଇଁଲେ
କାଠ ପାଇଁ ଜଙ୍ଗଲକୁ ଯାଏ
ନିଇତି ସଞ୍ଜରେ
ଭାଜି ଶାଗରେ
ପାଣି ସେ ତେଣ୍ଡାଏ?

*ବାଞ୍ଜିପଦର, ରେଗଡ଼ା*
*ମ.ରାମପୁର, କଳାହାଣ୍ଡି*

## ଖାଣ୍ଟି ଖାଦ

**କୃଷ୍ଣ ମିଶ୍ର**

ଡହଡହ ଖରାରୁ ମରୀଚିକା ଭଳି
ଗହଗହ କଳ୍ପନାରୁ
ଆଉ ଗୋଟେ ଦୁନିଆଁ।।
ଆଉ ଗୋଟେ ଦୁନିଆ
ରାଜ ଉଆସରେ ବାଲୁତ ଗୌତମର।
ମାଛ ପଡ଼ିଲେ ନବଖଣ୍ଡ ଆକଟ ଉଆସରେ
କେହି କାନ୍ଦେ ନାହିଁ, ଫୁଲ ମଉଳେନି,
ଅଣଚଷ ଦୂରର କଥା, ଟିକେ ବି ଅସ୍ଥିର ହୁଏନି ପବନ,
ନିଆଁ ଜଳୁଥାଏ କିନ୍ତୁ ନା କିଛି ନପୋଡ଼ି,
ପାଣି ମହଜୁଦ୍ ଜଳକ୍ରୀଡାକୁ ଅପସରାମାନଙ୍କ ମର୍ଜିରେ
ଏବଂ ଉଆସର କୋଉ ନା କୋଉ ସନ୍ଧିରେ ବି ନଥାଏ
ଜରା, ବ୍ୟାଧି, ମୃତ୍ୟୁ, ଦୁଃଖ, ଯନ୍ତ୍ରଣା କି ଅବସୋସ ଭଳି
ଖାଣ୍ଟି ସତ ଉପସର୍ଗ ମାନ।।

ପ୍ରବାଦରେ ଗଢା ହୋଇଥାଏ
ଆଉ ଗୋଟେ ଦୁନିଆଁ
ମରୀଚିକାର ନିଆଁ ଉପରେ
ମାୟାବିନୀ ମାଲୁଣି ବସତି।।
ଆମେ ଅଷ୍ଟମ ଗର୍ଭକୁ ମଥୁରାରେ ରଖିବୁ ବୋଲି
ଆକଟମାନଙ୍କୁ ଯେତେ ସାବଧାନ କଲେ ବି
ଅଷ୍ଟମ ଗର୍ଭ ଏଇଠି ଥାଇ ବି
ଗୋପରେ ଆତଯାତ ହୁଏ।
ସାରା ଦୁନିଆକୁ ଅକ୍ତିଆରେ କରିଥିବା ଆମେ
ବୋଧହୁଏ ଆମକୁ ସାହସ କୁଳାଏନି
ଗୋପ ଦଖଲ କରିବାକୁ
ଯୋଉଁଠି ଆମ ମିଛଠୁଁ ବଳି ପ୍ରତାପୀ ମିଛମାନେ
ଚଳପ୍ରଚଳ।।
ଆମ ଦେଇତ ସତ ହେବନି
ମିଛ ଛଡ଼ା।
ତଥାପି ମିଛର ଅଳଙ୍କାର ନାଇଥିବା ଆମେ
ଆମ ଅଳଙ୍କାର ଗଢା ହୋଇନଥାଏ
ବୋଧହୁଏ ଅସଲି ଖାଦ୍ୟରେ
ନହେଲେ କାହିଁକି ଆରଦୁନିଆର ଅଳଙ୍କାରକୁ
ଇର୍ଷାରେ ପୀଟି ପଡ଼ନ୍ତୁ ଆମେ
କାହିଁକି ନିଠେଇ ନାଠେଇ ଅନେଇ ରହୁ
ମରୀଚିକାକୁ??
ଯେତେ ସବୁ ଦୂଷିତ ମିଛ
ସାତୋଟି ରଙ୍ଗର ଇନ୍ଦ୍ରଧନୁ। ଏଇ ଦୁନିଆଁର
ଗୋଟିଏ କଳାରଙ୍ଗର ଗାଢ ମିଛ
ଆର ଦୁନିଆଁର
ଯାହାକୁ ଝୁରିଝୁରି ଆମେ
ବୋଧହୁଏ ମୋଗଲ ସାମ୍ରାଜ୍ୟ ପତନର କାରଣ।।

*ଯୋତ, ଅଲଣାହାଟ,*
*ଜଗତସିଂହପୁର*





## ବ୍ୟବସାୟୀଙ୍କ ଘରୁ ୧୨ ଲକ୍ଷ ଜବତ

ଝାରସୁଗୁଡ଼ା : ଏହି ଜିଲ୍ଲାର କଣ୍ଢେଇକେଲା ଅଂଚଳର ଜଣେ ବ୍ୟବସାୟୀଙ୍କ ଘରୁ ନଗଦ ୧୨ ଲକ୍ଷ ୩୦ ହଜାର ଟଙ୍କା ଜବତ ହୋଇଛି। ଏହି ବ୍ୟବସାୟୀଜଣକ କଂଗ୍ରେସର ଜଣେ ସ୍ଥାନୀୟ ନେତା ବୋଲି ବିଜେପି ଅଭିଯୋଗ କରିଛି।ଏ ସମ୍ପର୍କରେ ଏସପି ଡ. ଉମାଶଙ୍କର ଦାଶ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ କଣ୍ଢେଇକେଲାର ଦେବରାଜ ବାରିକଙ୍କ ଘରେ କିଛି ଆପତ୍ତିଜନକ ସାମଗ୍ରୀ ଥିବା ଖବର ପାଇ ପୁଲିସ ତାଙ୍କ ଘରେ ଚଢଉ କରିଥିଲା। ଚଢଉ ବେଳେ ତାଙ୍କ ଭାଇ ବାବାଜୀ ବାରିକଙ୍କ କୋଠରିରୁ ନଗଦ ୧୨ ଲକ୍ଷ ୩୦ ହଜାର ଟଙ୍କା ଜବତ କରାଯାଇଥିଲା। ସମସ୍ତ ଟଙ୍କା ୧୦୦ ଟଙ୍କିଆ ନୋଟ ଥିଲା। ଏଣୁ ତାକୁ ଜବତ କରାଯାଇଛି। ଏତେ ପରିମାଣର ନଗଦ ଅର୍ଥ ଜମା କରିବାର କାରଣ ସମ୍ପର୍କରେ ଖୋଲତାଡ଼ କରାଯାଉଛି। ଦେବରାଜ ଓ ତାଙ୍କ ଭାଇ ବାବାଜୀଙ୍କୁ ପଚରାଉଚରା କରାଯାଉଛି। ସେ ବ୍ୟବହାର କରୁଥିବା କାର ମଧ୍ୟ ଜବତ କରାଯାଇଛି। କେତେକ ରାଜନୈତିକ ଦଳ ଏହା କଂଗ୍ରେସର କଳା ଟଙ୍କା ବୋଲି ଅଭିଯୋଗ କରିଛନ୍ତି। ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଏହି ଟଙ୍କା ରଖା ଯାଇଥିବା ଅଭିଯୋଗ ହୋଇଛି। ଏହାର ତର୍ଜମା କରାଯାଉଛି ବୋଲି ଏସ୍‌ପି କହିଛନ୍ତି। ଏହା କଂଗ୍ରେସର ଟଙ୍କା ବୋଲି ବ୍ରଜରାଜନଗର ବିଧାୟିକା ରାଧାରାଣୀ ପଣ୍ଡା ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ଗତ କାଲି ପୂର୍ବତନ ବ୍ଲକ କଂଗ୍ରେସ ଅଧ୍ୟକ୍ଷ ଗୌତମ ପ୍ରଧାନଙ୍କ ପାଖରୁ ୮୮ ହଜାର ନଗଦ ଟଙ୍କା ଜବତ କରାଯାଇଥିବା ବେଳେ ଆଜି ମଧ୍ୟ ଜଣେ କଂଗ୍ରେସ ନେତାଙ୍କ ଘରୁ ୧୨ ଲକ୍ଷ ଟଙ୍କା ମିଳିଲାଣି। ପୁଲିସ ଅଟକ ରଖିଥିବା ଦୁଇ ଭାଇ କଂଗ୍ରେସର ସକ୍ରିୟ କର୍ମୀ ବୋଲି ଜଣାପଡ଼ିଛି। ତେଣୁ କଂଗ୍ରେସ କଳା ଟଙ୍କା ବଳରେ ନିର୍ବାଚନ ଜିତିବାକୁ ଉଦ୍ୟମ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। ତେବେ ଦେବରାଜ କହିଛନ୍ତି ଯେ, ସେ ତାଙ୍କର ଗାଡ଼ି ବିକ୍ରି କରିବାକୁ ସମ୍ବଲପୁର ଅଂଚଳର କେତେକ ବ୍ୟବସାୟୀଙ୍କ ସହିତ ଚୁକ୍ତି କରିଥିଲେ। ତାଙ୍କଠାରୁ ଅଗ୍ରୀମ ଟଙ୍କା ଆଣିଥିଲେ। ସେହି ଟଙ୍କାକୁ ସେ ନିଜ ଘରେ ରଖି ଗାଡ଼ି ଓ ଜମି କିଣିବାକୁ ଯୋଜନା କରିଥିଲେ, କିନ୍ତୁ ବିରୋଧୀ ଲୋକ ତାଙ୍କ ନାମରେ ମିଥ୍ୟା ଅଭିଯୋଗ କରିଛନ୍ତି।

# ମତଦାନ ଲାଗି ଶିଳ୍ପ ସଂସ୍ଥା ଓ ବ୍ୟବସାୟ ପ୍ରତିଷ୍ଠାନର କର୍ମଚାରୀଙ୍କୁ ମିଳିବ ଛୁଟି

ଭୁବନେଶ୍ୱର : ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ-୨୦୧୭ରେ ମତଦାନ ଲାଗି ଶିଳ୍ପ ସଂସ୍ଥା, ବ୍ୟବସାୟ ପ୍ରତିଷ୍ଠାନ ଆଦିରେ କାର୍ଯ୍ୟ କରୁଥିବା ରାଜ୍ୟର ସମସ୍ତ କର୍ମଚାରୀଙ୍କୁ ଛୁଟି ମିଳିବ। ସମଗ୍ର ରାଜ୍ୟରେ ଫେବୃୟାରୀ ୧୩, ୧୫,୧୭, ୧୯ ଏବଂ ୨୧ ତାରିଖରେ ଭୋଟଗ୍ରହଣ ହେଉଥିବାରୁ ରାଜ୍ୟ ନିର୍ବାଚନ କମିଶନ ବିଭିନ୍ନ ସଂସ୍ଥା ତଥା ଘରୋଇ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଭୋଟ ଗ୍ରହଣ ଦିନ ଛୁଟି ବ୍ୟବସ୍ଥା କରିବା ପାଇଁ ରାଜ୍ୟ ସରକାରଙ୍କୁ ସୁପାରିଶ କରିଥିଲେ। କମିଶନଙ୍କ ଏହି ସୁପାରିଶ ପରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଓଡ଼ିଶାରେ ଥିବା ବିଭିନ୍ନ ଶିଳ୍ପ ସଂସ୍ଥା, ବାଣିଜ୍ୟ, ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନର ପରିଚାଳନା କର୍ତ୍ତୃପକ୍ଷଙ୍କୁ ମତଦାନ ଦିନକୁ ସବୈତନିକ ଛୁଟି ଦିବସ ରୂପେ ଘୋଷଣା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯାହାଫଳରେ ମତଦାନ ଦିନ ପ୍ରତ୍ୟେକ ଜନସାଧାରଣ ନିଜର ଭୋଟ ଦେଇପାରିବେ ଏବଂ ନିଜର ପ୍ରତିନିଧିମାନଙ୍କୁ ଚୟନ କରିପାରିବେ। ଯାହାଦ୍ୱାରା ସେମାନେ ସେମାନଙ୍କର ଭୋଟଦେବାର ନାଗରିକତାକୁ ବଜାୟ କଖିପାରିବେ। ପୂର୍ବରୁ ମତଦାନ ଦିନ କେତେକ କାର୍ଯ୍ୟାନୁଷ୍ଠାନ ଗୁଡ଼ିକ ଖୋଲା ରହୁଥିବା ଦ୍ୱାରା ଲୋକେ ସେମାନଙ୍କର ମତନାଦରୁ ବଞ୍ଚିତ ରହୁଥିଲେ ଯାହାଫଳରେ ଏହଂ ସେମାନଙ୍କର ପ୍ରାର୍ଥୀ ଚୟନରେ

**ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ କେନ୍ଦ୍ରମନ୍ତ୍ରୀ**

ଭୁବନେଶ୍ୱର : ସୁରକ୍ଷା ବ୍ୟବସ୍ଥା ଯୋଗାଇ ନଦେଇ ପ୍ରୋଟୋକଲକୁ ଉଲ୍ଲଂଘନ କରାଯାଇଛି ବୋଲି ଓଡ଼ିଶା ଗ୍ରସ୍ତରେ ଆସିଥିବା କେନ୍ଦ୍ର ଗାମ୍ୟ ଉନ୍ନୟନ ମନ୍ତ୍ରୀ ରାମକ୍ରିପାଲ ଯାଦବ ଗୁରୁବାର ରାଜ୍ୟ ସରକାରଙ୍କ ବିରୋଧରେ ଅଭିଯୋଗ କରିଥିବା ବେଳେ ଗୃହ ବିଭାଗର ପ୍ରୋଟୋକଲ ବିଭାଗ ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇଛି। ଉପଯୁକ୍ତ ଭାବେ ଯୋଗାଯୋଗ କରାଯାଇ ପାରିନଥିବା ଏହାର ମୁଖ୍ୟ କାରଣ ବୋଲି ସମ୍ପୃକ୍ତ ସଂସ୍ଥା ପକ୍ଷରୁ କୁହାଯାଇଛି। ତେବେ ଅପରାହ୍ନରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ଫ୍ୟାକ୍ସ ମିଳିବା ପରେ ୨ଟା ୦୪ ମିନିଟ୍‌ରେ କେନ୍ଦ୍ରମନ୍ତ୍ରୀଙ୍କୁ ଫ୍ୟାକ୍ସ ଯୋଗେ ସୁରକ୍ଷା ଯୋଗାଇ ଦିଆଯାଇଥିବା ଏହି ସଂସ୍ଥା ସ୍ପଷ୍ଟ କରିଛି। ନିର୍ବାଚନ ପ୍ରଚାରରେ ଆସିଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀ ଯାଦବ ଓଡ଼ିଶାରେ ପହଂଚିବା ପରେ ତାଙ୍କୁ କୌଣସି ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଇ ନଥିବା ଅଭିଯୋଗ କରିଥିଲେ। ଏହା ଦୁର୍ଭାଗ୍ୟଜନକ ବୋଲି ସେ ପ୍ରତିକ୍ରିୟାରେ କହିଥିଲେ। ସୁରକ୍ଷା ବ୍ୟବସ୍ଥା ଦିଆଯାଇଥିବା ବେଳେ ପ୍ରୋଟୋକଲ ମଧ୍ୟ ପାଳନ ହୋଇନଥିବା ସେ ଅଭିଯୋଗ କରିଥିଲେ। ଜଣେ କେନ୍ଦ୍ରମନ୍ତ୍ରୀଙ୍କୁ ଏପରି ବ୍ୟବହାର କରାଯିବା ତାଙ୍କ ଦୃଷ୍ଟିରେ ପ୍ରଥମ ଘଟଣା। କେନ୍ଦ୍ରମନ୍ତ୍ରୀଙ୍କୁ ଶତ୍ରୁ ଭଳି ବ୍ୟବହାର କରାଯାଇଛି। ରାଜ୍ୟ ସରକାର କେନ୍ଦ୍ରୀୟ ଯୋଜନାକୁ ନିଜ ଯୋଜନା ବୋଲି କହି ବାହା ବା ନେଉଛନ୍ତି ବୋଲି ସେ କହିଥିଲେ।

# ସ୍ମାର୍ଟସିଟି : ନନ୍ଦନକାନନକୁ ବିକଳ୍ପ ରାସ୍ତା

**ଭୁବନେଶ୍ୱର :** ରାଜଧାନୀର ଚଉଡ଼ା ରାସ୍ତାରୁ ଭିଡ଼ ହ୍ରାସ ପାଇଁ ନୂଆ ଯୋଜନା ଆରମ୍ଭ ହୋଇଯାଇଛି। ବିଶେଷଭାବରେ କ୍ରମବର୍ଦ୍ଧିଷ୍ଣୁ ଉତ୍ତରାଂଚଳ ଓ କଟକ ଦିଗକୁ ସଂଯୋଗ କରୁଥିବା ରାସ୍ତାରେ ଦିନକୁଦିନ ଭିଡ଼ ବୃଦ୍ଧି ପାଉଥିବାରୁ ଏହାକୁ ନିୟନ୍ତ୍ରଣ ନିମନ୍ତେ ବିକଳ୍ପ ବ୍ୟବସ୍ଥା କରାଯିବ। ଏଥିନିମନ୍ତେ ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ସଚିବାଳୟରେ ଅନୁଷ୍ଠିତ ହୋଇଯାଇଛି ଗୁରୁତ୍ୱପୂର୍ଣ୍ଣ ବୈଠକ। ଉନ୍ନୟନ କମିଶନର ଆର୍.ବାଲାକ୍ରିଷ୍ଣନ, ଅର୍ଥ ବିଭାଗ ପ୍ରମୁଖ ସଚିବ ତୁହିନକାନ୍ତ ପାଣ୍ଡେ, ପୂର୍ତ୍ତ ବିଭାଗ ନଳିନୀକାନ୍ତ ପ୍ରଧାନ, ନଗର ଉନ୍ନୟନ ସଚିବ ଜି. ମାଥିଭାଥନନ୍, ବିଡିଏ ଉପାଧ୍ୟକ୍ଷ କିଷନ କୁମାର, ସ୍ମାର୍ଟ ସିଟି ସିଇଓ ଭିନୀଲ କ୍ରିଷ୍ଣା ପ୍ରମୁଖ ଆଲୋଚନାରେ ପ୍ରସ୍ତୁତ କରିଛନ୍ତି ଏ ସମ୍ପର୍କରେ ଯୋଜନା। ତ୍ରିଶୁଳିଆ ସେତୁ ସଚିବାଳୟରେ ଅନୁଷ୍ଠିତ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ୨ମାସ ମଧ୍ୟରେ ଏଥିନିମନ୍ତେ ଟେଣ୍ଡର ପ୍ରକ୍ରିୟା ଚୂଡ଼ାନ୍ତ ହେବ।

ମୁଖ୍ୟ ସଚିବ ଶ୍ରୀ ପାଢୀଙ୍କ ସୂଚନା ଅନୁସାରେ ଭୁବନେଶ୍ୱରକୁ ସ୍ମାର୍ଟ ସିଟି ଭାବରେ ଗଢି ତୋଳିବା ପାଇଁ ସୂଚନାପ୍ରଯୁକ୍ତି ବିଦ୍ୟା ଓ ସଫ୍ଟୱେରକୁ ଉପଯୋଗ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଟ୍ରାଫିକ୍, ପରିବହନ, ପାଣି, ବିଜୁଳି, ପ୍ରାକୃତିକ ଦୁର୍ବିପାକ ସମୟରେ ଅତ୍ୟାବଶ୍ୟକ ବ୍ୟବସ୍ଥା ଆଦି ନିମନ୍ତେ '୧୧୨' ଦେୟମୁକ୍ତ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଆଇସିଓଏମ୍‌ସି (ଇଣ୍ଟେଲିଜେଣ୍ଟ ସିଟି ଅପରେସନ ଆଣ୍ଡ ମ୍ୟାନେଜମେଣ୍ଟ ସେଣ୍ଟର) ଜରିଆରେ ସ୍ମାର୍ଟସିଟି କୁ ପରିଚାଳନା କରିବାକୁ ଲକ୍ଷ୍ୟ ରଖାଯାଇଛି। ଦୁଇ ବର୍ଷ ମଧ୍ୟରେ ଏହି ବ୍ୟବସ୍ଥା ସାରା ସହରରେ କାର୍ଯ୍ୟକାରୀ ହେବ। ଯେଉଁ ସଂସ୍ଥା ଏହି ବ୍ୟବସ୍ଥା ପରିଚାଳନା ନିମନ୍ତେ ଠିକା ପାଇବ ସମ୍ପୃକ୍ତ କମ୍ପାନୀ ୭ ବର୍ଷ ପାଇଁ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ୍ୟ ବହନ କରିବ ବୋଲି ସରକାର ସର୍ତ୍ତ ରଖିଛନ୍ତି ବୋଲି ଶ୍ରୀ ପାଢୀ କହିଛନ୍ତି। ସେହିପରି ସ୍ମାର୍ଟସିଟି ମୁଖ୍ୟ ନିର୍ବାହୀ ଭିନୀଲ କ୍ରିଷ୍ଣା କହିଛନ୍ତି ଯେ ଭୁବନେଶ୍ୱର ସହରରେ ଚଳାଚଳ କରୁଥିବା ବିଭିନ୍ନ ବିଭାଗର ଜନସେବା ସମ୍ବଳିତ ଗାଡ଼ି ମଧ୍ୟରୁ ୪୦ଟି ପୁଲିସ ଗାଡ଼ି, ୩୩ଟି ପିସିଆର୍, ୨୦ଟି ଅଗ୍ନିଶମ ଗାଡ଼ି, ୨୦୦ ଆମ୍ବୁଲାନ୍ସ, ୧୫୦ କଠିନ ବର୍ଜ୍ୟ ପରିବହନ କରୁଥିବା ଟ୍ରକ୍ ଓ ୨୦ଟି ପାଣି ଟ୍ୟାଙ୍କରକୁ ଜିପିଏସ୍ ବ୍ୟବସ୍ଥା ଦ୍ୱାରା ସଂଯୋଗ କରାଯିବ। ଜନସେବା ସଂକ୍ରାନ୍ତ ଅଭିଯୋଗ ୧୧୨ରେ ଦାୟର କରାଯାଇ ପାରିବ ଏବଂ ଅଭିଯୋଗ ମିଳିବା ପରେ ତଦନୁସାରେ ଆବଶ୍ୟକତା ଅନୁସାରେ ସମ୍ପୃକ୍ତ ଗାଡ଼ିକୁ ପଠାଯିବ। ସେହିପରି ସହରର ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଦୃଷ୍ଟି ରଖିବା ପାଇଁ ୮୫୦ ସ୍ଥାନରେ କ୍ୟାମେରା ଲଗାଯିବ ଏବଂ ୧୫୦ଟି ସ୍ଥାନରେ ପିଟିଜେଡ୍ ସ୍ଥାପନ ହେବ ବୋଲି ସେ କହିଛନ୍ତି।

ବୈଠକରେ ଉନ୍ନୟନ କମିଶନର ଆର୍.ବାଲାକ୍ରିଷ୍ଣନ, ଅର୍ଥ ବିଭାଗ ପ୍ରମୁଖ ସଚିବ ତୁହିନକାନ୍ତ ପାଣ୍ଡେ, ସୂଚନା ପ୍ରଯୁକ୍ତିବିଦ୍ୟା ପ୍ରମୁଖ ସଚିବ ପ୍ରଦୀପ ଜେନା, ଗୃହ ଓ ନଗର ଉନ୍ନୟନ ସଚିବ ଜି. ମାଥିଭାଥନନ୍, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ସଞ୍ଜୀୟ ରସ୍ତୋଗୀ, ପୁଲିସ କମିଶନର ୱାଇ ବି ଖୁରାନିଆ, ବିଡିଏ ଉପାଧ୍ୟକ୍ଷ କିଷନ କୁମାର, ସ୍ୱତନ୍ତ୍ର ସଚିବ ବାଣିଜ୍ୟ ଓ ପରିବହନ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମେ ସୁଦ୍ଧା ଦିଆଯାଇଥିବା ଗୃହଗୁଡ଼ିକର ନିର୍ମାଣ ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର : ରାଜ୍ୟର ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନାଗୁଡ଼ିକର ସମୀକ୍ଷା ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ୩୦ଟି ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଯୋଗେ କରିଛନ୍ତି। ଗୁରୁବାର ଅନୁଷ୍ଠିତ ଏହି ଭିଡିଓ କନ୍‌ଫରେନ୍ସରେ ଉନ୍ନୟନ କମିଶନର ଆର୍. ବାଲକ୍ରିଷ୍ଣନ ଓ ପଂଚାୟତିରାଜ ବିଭାଗ ସଚିବ ଦେଓରଞ୍ଜନ କୁମାର ସିଂ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ଜିଲ୍ଲାୱାରି ଲକ୍ଷ୍ୟ ପୂରଣ, ୱାର୍କ ଅର୍ଡର ଦେବା ଓ ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ନେଇ ସମୀକ୍ଷା କରାଯାଇଥିଲା। ଯେଉଁ ପ୍ରକଳ୍ପଗୁଡ଼ିକ ଏଥିରେ ଚାଲୁ ରହିଛି, ସେଗୁଡ଼ିକୁ ନିର୍ବାଚନ ହେଉଛି ବୋଲି ଦର୍ଶାଇ ଯେପରି ବିଳମ୍ବ କରାନଯାଏ, ସେ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢୀ ଗୁରୁତ୍ୱ ଆରୋପ କରିଥିଲେ। ତତ୍‌ସହିତ ସେ ନିର୍ଦ୍ଦେଶ ଦେଇ କହିଥିଲେ ଯେ, ଯେଉଁ ଗ୍ରାମାଂଚଳ ଗୃହଗୁଡ଼ିକର ନିର୍ମାଣ ପାଇଁ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ଅର୍ଥ ପଂଚାୟତ ନିର୍ବାଚନ ଘୋଷଣା ହେବା ପୂର୍ବରୁ ଦିଆସରିଛି, ସେଗୁଡ଼ିକ ତ୍ୱରାନ୍ୱିତ କରିବା ସହ ମେ' ସୁଦ୍ଧା ସମ୍ପୂର୍ଣ୍ଣ କର। ଏହି ମର୍ମରେ ସେ ଜିଲ୍ଲାପାଳଙ୍କୁ କହିଥିଲେ। ମିଳିଥିଲା ଡାଟା ଅନୁଯାୟୀ, ୨୦୧୫-୧୬ ବର୍ଷରେ ନୂଆ ଓ ପୁରୁଣା ମିଶି ମୋଟ୍ ୧୭ ଲକ୍ଷ ଘର ମଞ୍ଜୁର ହୋଇଥିଲା। ଏଥିରୁ ଅଦ୍ୟାବଧି ୧୧.୮ ଲକ୍ଷ ଘର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ସେହିପରି ୨୦୧୬-୧୭ ବର୍ଷରେ ୭ଲକ୍ଷ ଗୃହ ନିର୍ମାଣ ପାଇଁ ମଞ୍ଜୁରି ପ୍ରଦାନ କରାଯାଇଥିଲା ବେଳେ ୨୦୧୭ ଜାନୁଆରୀ ୩୧ ତାରିଖ ସୁଦ୍ଧା ୧.୫ ଲକ୍ଷ ଘର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ବାକି ଘରଗୁଡ଼ିକର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ୨୦୧୭-୧୮ ବର୍ଷରେ ପ୍ରଥମେ ଗ୍ରାମାଂଚଳରେ ଗୃହ ନିର୍ମାଣ ଲାଗି ୩୦ ହଜାର କୁଶଳୀ କାରିଗରଙ୍କୁ ତାଲିମ୍ ଦେବା ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ୪୫ ଦିନ ଧରି ଏହି ତାଲିମ୍ ଦିଆଯିବା ବେଳେ ହିତାଧିକାରୀମାନଙ୍କ ପାଇଁ ପ୍ରାୟ ୬୦ ହଜାର ଗୃହ ନିର୍ମାଣ କରାଯିବ।

## ଏମ୍‌ସିଏଲ୍ ଉପରେ ୪୧୭ କୋଟି ଜଳକର ବାକି

ଭୁବନେଶ୍ୱର : ଏମ୍‌ସିଏଲ୍ ବାର୍ଷିକ ୧୫୦ ନିୟୁତ ଟନ୍‌ରୁ ଉର୍ଦ୍ଧ୍ୱ କୋଇଲା ଉତ୍ତୋଳନ କରୁଛି। ଏହାର କୋଇଲା ଖଣିଗୁଡ଼ିକରୁ ଦେଶର ବିଭିନ୍ନ ଅଂଚଳକୁ କୋଇଲା ରପ୍ତାନି ହେଉଛି। ମାତ୍ର ରତ୍ନ ପର୍ଯ୍ୟାୟଭୂକ୍ତ ଏହି ରାଷ୍ଟ୍ରାୟତ୍ତ କମ୍ପାନି ଜଳ କର ବାବଦରେ ରାଜ୍ୟକୁ ୪୧୭ କୋଟି ଟଙ୍କା ପଇଠ କରିନାହିଁ। ଜଳସମ୍ପଦ ବିଭାଗ ମୁଖ୍ୟ ଯନ୍ତ୍ରୀ ଏ ସମ୍ପର୍କରେ ଏମ୍‌ସିଏଲ୍ ମହାନିର୍ଦ୍ଦେଶକଙ୍କୁ ଚିଠି ଲେଖି ତୁରନ୍ତ ଏହି ଅର୍ଥ ପଇଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଳସମ୍ପଦ ବିଭାଗ ପକ୍ଷରୁ କରାଯାଇଥିବା ଦାବି ଅନୁସାରେ ଏମ୍‌ସିଏଲ୍‌ର କେବଳ ତାଳଚେର ୟୁନିଟ୍ ଉପରେ ୩୯୧.୨୮ କୋଟି ଟଙ୍କା ବକେୟା ରହିଛି। ସେହିପରି ଜାଗୃତିବିହାରସ୍ଥିତ ମୁଖ୍ୟାଳୟ ୭.୪୬ କୋଟି ଟଙ୍କା, ବନ୍ଧବାହାଲ ବିଆଇଟିଏସ୍ ୧୬.୩୪ କୋଟି ଟଙ୍କା, ବ୍ରଜରାଜନଗର ୟୁନିଟ୍ ୨.୨୬ କୋଟି ଟଙ୍କା ଜଳ କର ବାବଦ ବକେୟା ରଖିଛନ୍ତି। ଏହାସହ ଲିଳାରି ଖୋଲାମୁହଁ ପ୍ରକଳ୍ପ, ଲଖନପୁର ଖୋଲାମୁହଁ ପ୍ରକଳ୍ପ ଉପରେ ମଧ୍ୟ କିଛି ଅର୍ଥ ବକେୟା ରହିଛି। ଏ ସମ୍ପର୍କରେ ଗତ ଡିସେମ୍ବର ମାସରେ ଜଳସମ୍ପଦ ବିଭାଗର ମୁଖ୍ୟ ଯନ୍ତ୍ରୀ ଏମ୍‌ସିଏଲ୍ କାର୍ଯ୍ୟାଳୟକୁ ଯାଇ ଆଲୋଚନା କରିଥିଲେ ଏବଂ ଏହି ଅର୍ଥ ପଇଠ ପାଇଁ ପରାମର୍ଶ ଦେଇଥିଲେ। ୨ ଦିନ ମଧ୍ୟରେ ବକେୟା ପ୍ରଦାନ କରିବାକୁ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ମଧ୍ୟ ରାଜି ହୋଇଥିଲେ। ମାତ୍ର ଏ ଯାଏ ଏହି ଅର୍ଥ ପଇଠ କରାଯାଇନାହିଁ। ତେଣୁ ତୁରନ୍ତ ବକେୟା ଅର୍ଥ ପ୍ରଦାନ କରିବାକୁ ମୁଖ୍ୟ ଯନ୍ତ୍ରୀ ଗତ ୭ ତାରିଖରେ ଚିଠି ଲେଖିଥିବା ସୂଚନା ମିଳିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜଳଧର୍ମ ରଖିବେ.......

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଅଧିକ ପରିମାଣରେ ବ୍ୟବହୃତ ହୋଇପାରିବ ସେ ଉଦ୍ୟମ ନକରି ଅଯଥାରେ ଓଡିଶା ସରକାର ବିବାଦ ସୃଷ୍ଟି କରୁଛନ୍ତି। ବିନା କାରଣରେ ଓଡ଼ିଶା ସରକାର ଏହାକୁ ରାଜନୈତିକ ଇସ୍ୟୁ କରି ଉଭୟ ରାଜ୍ୟ ମଧ୍ୟରେ ଶତ୍ରୁତା ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି। ହୀରାକୁଦ ଜଳ ଭଣ୍ଡାରକୁ ଠିକ୍ ଭାବେ ନିୟନ୍ତ୍ରଣ କରାଯାଇପାରିଲେ ଏବଂ ଉପର ମୁଣ୍ଡରୁ ଆସୁଥିବା ଜଳକୁ ସଂରକ୍ଷିତ କରାଯାଇପାରିଲେ ଏହି ଜଳଭଣ୍ଡାର ବର୍ଷକୁ ୫ଥର ଭର୍ତ୍ତି ହୋଇପାରିବ। କୃଷି ଓ କୃଷକର ଉନ୍ନତି ପାଇଁ ହୀରାକୁଦ ତଳ ମୁଣ୍ଡରେ ଅଧିକ ଚେକ୍ ଡ୍ୟାମ୍ ଓ ବ୍ୟାରେଜ ନିର୍ମାଣର ଆବଶ୍ୟକତା ରହିଛି। ହୀରାକୁଦ ଜଳ ଭଣ୍ଡାରରୁ ପଟୁମାଟି କାଢି ପାରିଲେ ଏହାର ଜଳଧାରଣ କ୍ଷମତା ବଢିପାରିବ। ଏଥିସହିତ ସେ ବିଜେପି ଶାସନାଧିନ ରାଜ୍ୟର ବିକାଶ ସମ୍ପର୍କରେ ସୂଚନା ଦେଇଥିଲେ।

ରମଣ ମହାନଦୀ ପ୍ରସଙ୍ଗରେ ଦେଇଥିବା ପ୍ରତିକ୍ରିୟା ଭ୍ରମ ବଢାଇଛି ବୋଲି ବିଜେଡି କହିଥିବାବେଳେ ଓଡ଼ିଶାର ଦାବିକୁ ଗୁରୁତ୍ୱ ଦେଇ ପ୍ରଥମେ ମହାନଦୀ ଉପରେ ଚାଲୁଥିବା ସମସ୍ତ ବେଆଇନ ନିର୍ମାଣ କାର୍ଯ୍ୟକୁ ବନ୍ଦ କରନ୍ତୁ ବୋଲି ଦାବି କରିଛି। ଏହି ପ୍ରସଙ୍ଗରେ ରାଜ୍ୟ କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ବିଜେପି ଓ ବିଜେଡି ମିଳିତ ଭାବେ ଓଡ଼ିଶାବାସୀଙ୍କ ଆଗରେ ରାଜନୈତିକ ଡ୍ରାମା କରୁଛନ୍ତି। ମହାନଦୀ ବିବାଦ ପାଇଁ ଉଭୟ ଛତିଶଗଡ଼ ଓ ଓଡ଼ିଶା ସରକାର ସମାନ ଭାବେ ଦାୟୀ।

### କେତେଦିନ......

ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ଇଙ୍ଗିତରେ ଏଭଳି ଜଘନ୍ୟ ଘଟଣା ଘଟାଯାଇଛି। ଯାହାକୁ କି ମନ୍ତ୍ରୀ ଶ୍ରୀ ମଲ୍ଲିକ ଅସ୍ୱୀକାର କରିବା ସହ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇଛି ବୋଲି କହିଛନ୍ତି। ତେବେ ରାଜନୀତିରେ ଗଣତାନ୍ତ୍ରିକ ଉପାୟରେ ବିରୋଧୀଙ୍କୁ ସାମ୍ନା ନକରି ହିଂସାର ଆଶ୍ରୟ ନେଲେ ଏହା ଉଭୟ ରାଜନୈତିକ ଦଳର ଭବିଷ୍ୟତ ପାଇଁ ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି।

ଘଟଣାଟି ଏମିତି ଘଟିଥିଲା, ବିଜେପି ସମର୍ଥିତ ସଲମନଙ୍କ ସହ ବିକ୍ରମ ମଲ୍ଲିକଙ୍କୁ ବିଜେଡି ସମର୍ଥିତ ସରପଞ୍ଚ ଚିତ୍ତରଞ୍ଜନ ବିଶ୍ୱାଳ (ଟୁଟୁ), ତାଙ୍କ ସାନ ଭାଇ ଢେଙ୍କାନାଳ ପଂଚାୟତ ସମିତି ଉପାଧ୍ୟକ୍ଷ ହୃଦାନନ୍ଦ ବିଶ୍ୱାଳ, ପୁତୁରା ବ୍ୟୋମକେଶ ବିଶ୍ୱାଳ (ମୁନ୍ନା), ସରପଂଚ ପ୍ରାର୍ଥୀ କୁଳମଣି ବେହେରା, ତ୍ରୟମ୍ବକ ବିଶ୍ୱାଳ (ଫାଜା), ମୃତ୍ୟୁଞ୍ଜୟ ବିଶ୍ୱାଳ (ରାଜା), ଅଜିତ ମଲ୍ଲିକଙ୍କ ସମେତ ଆଉ କେତେକ ବ୍ୟକ୍ତି ଆକ୍ରମଣ କରିଥିଲେ ବୋଲି ଜଣାପଡ଼ିଛି।

ତେବେ ସେ ଯାହାହେଉନା କାହିଁକି ରାଜନୀତିରେ ସଚ୍ଚୋଟ, ଦକ୍ଷ ଓ ପ୍ରକୃତ ଜନସେବକଙ୍କ ଆବିର୍ଭାବ ନହେବା ପର୍ଯ୍ୟନ୍ତ ଅପରାଧିକ ମାନସିକତା ଥିବା ବ୍ୟକ୍ତି ରାଜନୀତି କଲେ ଏଭଳି ହିଂସା ବଢ଼ିଚାଲିବ। ତେଣୁ ଭବିଷ୍ୟତ ପିଢ଼ି ଯେ କେଉଁ ମାର୍ଗରେ ଗତି କରିବେ, ତାହା ଏବେଠୁ ଚିନ୍ତା କରିବାର ବେଳ ଆସିଛି। ନଚେତ୍ କେତେଦିନ ଏ ରାଜନୀତିର ନିଆଁ ଜଳୁଥିବ !

### ଶଶିକଳାଙ୍କ......

ହୋଇ ପାରିବ ନାହିଁ।

ଅନ୍ୟପଟେ କୁହାଯାଉଛି ଯେ ଶଶିକଳା ଏବେ ବିଧାୟକ ନଥିବାରୁ ସମ୍ବିଧାନର ଧାରା ୧୬୪(୧) ଅନୁଯାୟୀ ତାଙ୍କୁ ବିଧାନସଭାରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଲାଗି ନିମନ୍ତ୍ରଣ କରାଯାଇ ପାରିବନାହିଁ। ଶଶିକଳା ରାଜ୍ୟରେ ସ୍ଥିର ସରକାର ଗଠନ କରିବା ନେଇ ରାଜ୍ୟପାଳ ଅନୁଭବ କରିପାରୁନାହାନ୍ତି। ସ୍ଥିର ସରକାର ଗଠନ ନେଇ ରାଜ୍ୟପାଳ ଅନୁଭବ ନକରିବା ପର୍ଯ୍ୟନ୍ତ ସରକାର ଗଠନ ଲାଗି କାହାକୁ ନିମନ୍ତ୍ରଣ ନ କରିବା ମଧ୍ୟ ତାଙ୍କର ସାମ୍ବିଧାନର ଅଧିକାର।




ପୁରୀ : ବିଶ୍ୱ ଶାନ୍ତି ପାଇଁ ବେଳାଭୂମିରେ ସର୍ବୋଚ୍ଚ ବାଲିଦୁର୍ଗ, ଏହା ନୂତନ ବିଶ୍ୱ ରେକର୍ଡ ସ୍ଥାନ ପାଇଛି

## ଓଡ଼ିଶା ସ୍ୱାସ୍ଥ୍ୟ ନୀତି ହେବ ଚୂଡାନ୍ତ

**ଭୁବନେଶ୍ୱର :** ସମସ୍ତଙ୍କୁ ସୁବିଧାରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବା ଲକ୍ଷ୍ୟରେ ଏକ ନିର୍ଦ୍ଦିଷ୍ଟ ଖସଡ଼ା ପ୍ରଣୟନ କରାଯିବ। ମେ ୩୦ ତାରିଖ ସୁଦ୍ଧା ଏହାର ଚୂଡାନ୍ତ ଚିଠା ପ୍ରସ୍ତୁତ ହେବ। ସ୍ୱାସ୍ଥ୍ୟ ସଚିବ ଡାକ୍ତର ପ୍ରମୋଦ ମେହେର୍ଦ୍ଦାଙ୍କ ଅଧ୍ୟକ୍ଷତାରେ ପ୍ରଥମ କର୍ମଶାଳାରେ ଏନେଇ ବିଚାର ଆଲୋଚନା ହୋଇଥିଲା। ତିନୋଟି ଭାଗରେ ଅଧିକାରୀଙ୍କୁ ବିଭକ୍ତ କରାଯାଇ ବହୁ ଗୁରୁତ୍ୱପୂର୍ଣ୍ଣ ଦିଗ ଆଲୋଚନା ହୋଇଥିଲା। ବିଭିନ୍ନ ବିପକ୍ଷରେ ସେମାନଙ୍କଠାରୁ ପରାମର୍ଶ ଆହ୍ୱାନ କରାଯାଇଥିଲା। ଏଥିସହ ଦେଶର ବିଭିନ୍ନ ରାଜ୍ୟ ଓ ଦେଶରେ କାର୍ଯ୍ୟକାରୀ ହେଉଥିବା ସ୍ୱାସ୍ଥ୍ୟ ଖସଡ଼ାକୁ ନଜରରେ ରଖାଯାଇ ଚୂଡ଼ାନ୍ତ ଖସଡ଼ା ପ୍ରସ୍ତୁତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଉକ୍ତ କର୍ମଶାଳାରେ ସ୍ୱାସ୍ଥ୍ୟ ବିଭାଗର ପଦାଧିକାରୀ, ଜାତୀୟ ସ୍ୱାସ୍ଥ୍ୟ ମିସନ୍ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ଆଇଆଇପିଏଚ୍ -ବି ନିର୍ଦ୍ଦେଶିକା ଡାକ୍ତର ଲିପିକା ନନ୍ଦ, ୟୁନିସେଫ୍, ଜେଏସ୍‌ଆଇ, ରିଚ୍, ଜେପିଗୋ, ଡବ୍ଲୁଏଚ୍‌ଓ, ଅକ୍ସଫାମ୍ ଓ ସିୱାଇଏସ୍‌ଡି ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ଲୁଟେରା ଗିରଫ

**ଭୁବନେଶ୍ୱର :** ନୂଆ ନୂଆ ଲୋକମାନଙ୍କୁ ସାହାଯ୍ୟର ହାତ ବଢାଇ ପରେ ସେମାନଙ୍କ ସହ ବନ୍ଧୁତା ସ୍ଥାପନ କରୁଥିଲେ । ସୁଯୋଗ ଉଣ୍ଡି ମୋବାଇଲ୍ ଓ ଟଙ୍କା ଲୁଟୁଥିଲେ ୨ ଲୁଟେରା। ଏମିତି ଅଭିନବ ଢଙ୍ଗରେ ଲୁଟ୍ କରିଥିବା ଲୁଟେରାଙ୍କୁ କ୍ୟାପିଟାଲ ଥାନା ପୁଲିସ୍ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଗଞ୍ଜାମର ରଜନୀକାନ୍ତ ପଲେଇ ଓ ୟୁନିଟ୍-୪ ଅଂଚଳର ହେମନ୍ତ ସାହୁ। ଜେରା ସମୟରେ ପୁଲିସ୍ ସେମାନଙ୍କଠାରୁ ୧୨ଟି ମୋବାଇଲ୍ ଫୋନ୍ ଜବତ କରିଛି। ସୂଚନା ମୁତାବକ, ରେଳଷ୍ଟେସନ ଓ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ ରଜନୀକାନ୍ତ ଛକି ରହୁଥିଲା। ସେଠାରେ ସହର ବାହାରୁ ଆସୁଥିବା ଯାତ୍ରୀମାନଙ୍କୁ ସେ ଟାର୍ଗେଟ କରୁଥିଲା। ସେମାନଙ୍କୁ ହୋଟେଲ ଓ ପାନ୍ଥନିବାସର ଠିକଣା ବତାଇବା ହେଉ କି ଅନ୍ୟ କିଛି ବାହାନାରେ ସାହାଯ୍ୟ କରୁଥିଲା। ଯାତ୍ରୀମାନେ ଗାଁର ଠିକଣା ଦେବା ପରେ ନିଜକୁ ଉକ୍ତ ଅଞ୍ଚଳର ବୋଲି ପରିଚୟ ଦେବା ସହ ସେମାନଙ୍କ ସହ ବନ୍ଧୁତା ବଢାଉଥିଲା। ଆଉ ସୁଯୋଗ ଦେଖି ସେମାନଙ୍କଠୁ ମୋବାଇଲ୍ ଓ ଟଙ୍କା ସମେତ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଲୁଟ୍ କରିଥିଲେ। ଏପରିକି ବେଳେ ବେଳେ ଯାତ୍ରୀମାନଙ୍କୁ ନିଶା ଦିଆ ଚା ବିସ୍କୁଟ୍ ଖୁଆଇ ଲୁଟ୍ କରୁଥିଲା।

# ପାଟକୁରା ପଞ୍ଚାୟତ ପ୍ରଚାର : ବାଜିମାତ କରିବ ବିଜେପି

ପାଟକୁରା : ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଚାର ଶେଷ ହୋଇଛି । ଖବର ଅନୁସାରେ କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରାରେ ବିଜେପି ପ୍ରାର୍ଥୀମାନେ ଆଗରେ ରହିଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଗତକାଲି ଏଠାରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ର ୯ ଓ ୧୦ ନମ୍ବର ଜୋନ୍‌ରେ ତୋଫାନୀ ପ୍ରଚାର କରି ହଲଚଲ ସୃଷ୍ଟି କରିଥିବା ଜଣାପଡ଼ିଛି। ସମଗ୍ର ପାଟକୁରା ଅଞ୍ଚଳରେ ବିଜେଡି ସମେତ ଅନ୍ୟ ଦଳମାନଙ୍କୁ ପଛରେ ପକାଇ ବିଜେପି ଏଥର ବାଜିମାତ୍ କରିବ ବୋଲି ଆଶା ଦେଖାଦେଇଛି। ଗରଦପୁରର ୯,୧୦,୧୧ ଡେରାବିଶର ୧୨,୧୩,୧୪ ଓ ମାର୍ଶାଘାଇର ୨୪ ନମ୍ବର ଜୋନ୍‌ରେ ବିଜେପି ସମ୍ପୂର୍ଣ୍ଣ ନୂଆ ଢଙ୍ଗରେ ପ୍ରଚାର କରି ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ ସମେତ ଦଳୀୟ ସରପଞ୍ଚ ପ୍ରାର୍ଥୀମାନଙ୍କୁ ଜିତାଇବା ପାଇଁ ବିଜେପି ନେତା ଇଂ. ମାନସ ମହାନ୍ତି ପ୍ରଚାରର ମଙ୍ଗ ଧରିଛନ୍ତି। ସେ ନିଜର ନିଷ୍ଠା ଓ ସ୍ୱଚ୍ଛ ଭାବମୂର୍ତ୍ତି ମାଧ୍ୟମରେ ଅଞ୍ଚଳର ଭୋଟରମାନଙ୍କୁ ପ୍ରଭାବିତ କରିବା ସହ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଜିତାପଟ ନିମନ୍ତେ ଦୃଢ ଭିତ୍ତିଭୂମି ତିଆରି କରିଥିବା ସବୁଠି ଆଲୋଚନା ହେଉଛି। ମାନସଙ୍କ ଲୋକପ୍ରିୟତା ଏହି ନିର୍ବାଚନ ପରେ ପ୍ରମାଣିତ ହୋଇପାରିବ ବୋଲି ସାଧାରଣରେ ଆଲୋଚନା ଚାଲିଛି । ଚଳିତ ପ୍ରଚାରରେ ଗତଥର କେନ୍ଦ୍ରାପଡାରୁ ବିଜେପିର ଲୋକସଭା ପ୍ରାର୍ଥୀ ହୋଇଥିବା ବିଷ୍ଣୁ ପ୍ରସାଦ ଦାସ ମଧ୍ୟ ସକ୍ରିୟ ଅଂଶ ଗ୍ରହଣ କରିଥିବାରୁ ପାଟକୁରାରେ ବିଜେପିର ସ୍ଥିତି ସୁଦୃଢ ରହିଥିବା ଜଣାପଡ଼ିଛି। ତେଣୁ ଏଠାରେ ବିଜେପି ବାଜିମାତ କରିବ ବୋଲି ସାଧାରଣରେ ଦୃଢ ଆଶା ପ୍ରକାଶ ପାଇଛି।

# ଡିଗ୍ରୀରେ ବରିଷ୍ଠ ଓ +୨ରେ କନିଷ୍ଠ ଅଧ୍ୟାପକ

ଭୁବନେଶ୍ୱର : ଏଣିକି ସରକାରୀ ସାହାଯ୍ୟପ୍ରାପ୍ତ ବେସରକାରୀ କଲେଜରେ ୟୁଜିସିପ୍ରାପ୍ତ ବରିଷ୍ଠ ଶିକ୍ଷକ ଡିଗ୍ରୀ ଶ୍ରେଣୀରେ ଏବଂ କନିଷ୍ଠ ଶିକ୍ଷକମାନେ ଯୁକ୍ତ ଦୁଇ ଶ୍ରେଣୀରେ ପାଠ ପଢାଇବେ। ଜୁନିୟର କଲେଜର ବରିଷ୍ଠ ଶିକ୍ଷକଙ୍କୁ ସମ୍ପୃକ୍ତ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯିବ। +୨ ଓ +୩ ଏକାଠି ଥିବା (କମ୍ପୋଜିଟ) କଲେଜରୁ ଏସବୁ ଶ୍ରେଣୀକୁ ପୃଥକ କରିବା ଏବଂ ଯୁକ୍ତ ଦୁଇ କଲେଜଗୁଡ଼ିକୁ ନବଗଠିତ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ହସ୍ତାନ୍ତରିତ କରିବା ସଂକ୍ରାନ୍ତରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ବେସରକାରୀ ସାହାଯ୍ୟପ୍ରାପ୍ତ କଲେଜରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଭିତରେ ଥିବା କମ୍ପୋଜିଟ କଲେଜରେ ଶିକ୍ଷକଙ୍କ ପୃଥକ କରାଯିବା ବ୍ୟବସ୍ଥା ସମ୍ପର୍କରେ ନିଷ୍ପତ୍ତି ହୋଇଛି। ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ଏଣିକି ୟୁଜିସି ବେତନପ୍ରାପ୍ତ ବରିଷ୍ଠ ଶିକ୍ଷକମାନେ କାର୍ଯ୍ୟଭାର ଏବଂ କଲେଜର ବିଭିନ୍ନ ବିଷୟ ପାଇଁ ମଞ୍ଜୁର ବ୍ୟବସ୍ଥା ଅନୁସାରେ ଡିଗ୍ରୀ ଶ୍ରେଣୀରେ ଅବସ୍ଥାପିତ ହେବେ। ରାଜ୍ୟ ବେତନ ହାରରେ ନିଯୁକ୍ତ ଶିକ୍ଷକଙ୍କୁ ସେମାନଙ୍କ ବରିଷ୍ଠତାଭିତ୍ତିରେ ପୃଥକ କରାଯିବ। ବରିଷ୍ଠ ଶିକ୍ଷକଙ୍କୁ କାର୍ଯ୍ୟଭାର ଓ ମଞ୍ଜୁରୀ ପଦ ଆଧାରରେ ଡିଗ୍ରୀ ଶ୍ରେଣୀ ଓ କନିଷ୍ଠ ଶିକ୍ଷକଙ୍କୁ ଯୁକ୍ତ ଦୁଇ ଶ୍ରେଣୀରେ ଅବସ୍ଥାପିତ କରାଯିବ। ଯେଉଁସବୁ ବିଭାଗରେ ଜଣେ ଲେଖାଏଁ ଶିକ୍ଷକ ଅଛନ୍ତି ସେମାନଙ୍କୁ ଡିଗ୍ରୀ ଶ୍ରେଣୀରେ ରଖାଯିବ ଏବଂ ଯୁକ୍ତ ଦୁଇରେ ରହୁଥିବା ଖାଲି ପଦ ବଦଳି କିମ୍ବା ଅତିଥି ଅଧ୍ୟାପକ ନିଯୁକ୍ତି ଜରିଆରେ ପୂରଣ କରାଯିବ। ଉଭୟ ପର୍ଯ୍ୟାୟ କଲେଜରେ କାର୍ଯ୍ୟରତ ବ୍ଲକ ଗ୍ରାଣ୍ଟଶିକ୍ଷକମାନଙ୍କୁ ସେମାନଙ୍କ ପାଇଁ ଧାର୍ଯ୍ୟ ସରକାରୀ ଆଦେଶନାମା ଅନୁସାରେ ଅବସ୍ଥାପିତ କରାଯିବ। ଜୁନିୟର କଲେଜର ବରିଷ୍ଠତମ ଶିକ୍ଷକଙ୍କୁ ସମ୍ପୃକ୍ତ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯିବ। ବିକଳ୍ପ ବ୍ୟବସ୍ଥା ନହେବା ପର୍ଯ୍ୟନ୍ତ କମ୍ପୋଜିଟ କଲେଜର ଆର୍ଥିକ କ୍ଷମତା ଉଭୟ କଲେଜରେ ଅପରିବର୍ତ୍ତିତ ରଖାଯିବ। କମ୍ପୋଜିଟ କଲେଜରୁ ଜୁନିୟର କଲେଜକୁ ଜଣେ ଲେଖାଏଁ କନିଷ୍ଠ କିରାଣି ଓ ପିଅନ ନିୟୋଜିତ କରାଯିବ। କଲେଜର ପରିଚାଳନା ପରିଷଦ ଶିକ୍ଷକ/ଅଣଶିକ୍ଷକ କର୍ମଚାରୀଙ୍କୁ ପୃଥକ କରି ଏ ସଂକ୍ରାନ୍ତ ପ୍ରସ୍ତାବ ସମ୍ପୃକ୍ତ ସହକାରୀ ନିର୍ଦ୍ଦେଶକ, ଆଂଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ଅନୁମୋଦନ ପାଇଁ ପଠାଇବେ। ଯେଉଁ କଲେଜ ଶିକ୍ଷକମାନେ ଏବେ +୨ ଶ୍ରେଣୀରେ ଅବସ୍ଥାପିତ ଅଛନ୍ତି ସେମାନେ ଉଚ୍ଚ ଶିକ୍ଷା ବିଭାଗର କର୍ମଚାରୀ ଏବଂ ସେମାନେ ନିୟୋଜନ ଭିତ୍ତିରେ ଅନ୍ତରୀଣ ବ୍ୟବସ୍ଥାରେ ଯୁକ୍ତ ଦୁଇରେ କାର୍ଯ୍ୟ କରିବେ। ସେମାନଙ୍କ ସେବା ସର୍ତ୍ତରେ ଯେପରି କୌଣସି ଖିଲାପ ନହେବ ସେଥିପ୍ରତି ଦୃଷ୍ଟି ଦିଆଯିବ। ପୃଥକୀକରଣକୁ ଅନୁମୋଦନ ମିଳିବା ମାତ୍ରେ ଯୁକ୍ତ ଦୁଇ ପାଇଁ ପୃଥକ ଭାବେ କ୍ୟାସ ବୁକ୍ ଏବଂ ବ୍ୟାଙ୍କ ଆକାଉଣ୍ଟ ରହିବ।

# ଲୋକବିଶ୍ୱାସରେ ରହସ୍ୟମୟ ଗୁରୁଦ୍ୱାରା






ଉପସ୍ଥାପନା : ଜାହ୍ନବୀସୁତ

ପଞ୍ଜାବର ଜଳନ୍ଧର ସହରରେ ରହିଛି ଏକ ରହସ୍ୟମୟ ଗୁରୁଦ୍ୱାରା। ନାଁ ତା'ର ସହିଦ ବାବା ନିହାଲ ସିଂ ଗୁରୁଦ୍ୱାରା। ଏହି କଥା ଶୁଣି ଆପଣଙ୍କ ମନରେ ଆପେ ପ୍ରଶ୍ନ ଆସୁଥିବ ଯେ ଗୁରୁଦ୍ୱାରା ରହସ୍ୟମୟ କିପରି ? ପ୍ରକୃତରେ ଗୁରୁଦ୍ୱାରା ରହସ୍ୟମୟ ନୁହେଁ, ଏହି ଗୁରୁଦ୍ୱାରାକୁ ନେଇ ରହିଥିବା ଲୋକବିଶ୍ୱାସ ହିଁ ରହସ୍ୟମୟ। ଲୋକବିଶ୍ୱାସ ରହିଛି ଯଦି କେହି ବିଦେଶରେ ଯାଇ ଚାକିରୀ କରିବାକୁ ଚାହାଁନ୍ତି ତେବେ ଏଠାରେ ଏକ ଛୋଟ ଆକୃତିର ଖେଳଣା ଏରୋପ୍ଲେନ ଆଣି ବାବା ନିହାଲ ସିଂଙ୍କ ନିକଟରେ ଅର୍ପଣ କରନ୍ତୁ ତେବେ ବାବା ଆପଣଙ୍କୁ ବିଦେଶ ପଠାଇବେ। ଭାବିଲେ କେତେ ରହସ୍ୟମୟ ଏ ଲୋକବିଶ୍ୱାସ। ଏକଥା ଶୁଣିଲେ ଯେ କେହି ବି ଆଶ୍ଚର୍ଯ୍ୟ ହେବେ। ଏବଂ ଏହି ଘଟଣାକୁ ନେଇ ଏବେ ଲୋକମୁଖରେ ଏହି ଗୁରୁଦ୍ୱାରା ହାଇଓ୍ୱାଜାହାଜ ଗୁରୁଦ୍ୱାରାର ମାନ୍ୟତା ପାଇଛି। ଆମ ଶିକ୍ଷିତ ସମାଜ ଓ ବିଜ୍ଞାନୀମନ ନିହାତି ଏଭଳି ଘଟଣାକୁ ଅନ୍ଧବିଶ୍ୱାସର ଆଖ୍ୟା ଦେବ। କିନ୍ତୁ କିଛି ଲୋକଙ୍କ ବିଶ୍ୱାସରେ ଏହା ଏବେ ବି ରହିଛି। ଆମେ ସବୁବେଳେ କହିଥାଉ ବିଶ୍ୱାସ ଓ ଅନ୍ଧବିଶ୍ୱାସ ଭିତରେ ଏ ଲଢେଇ ଆଗକୁ କେବଳ ରହସ୍ୟ ହିଁ ରହିଛି। ଏହି ଗୁରୁଦ୍ୱାରାଟି ରହିଛି ଜାତୀୟ ରାଜପଥ ନିକଟ ଟଲହନ ଗାଁରେ, ଯାହା ଜଳନ୍ଧର ସହରର ନିକଟବର୍ତ୍ତୀ। ଆଉ ପ୍ରତିଦିନ ଅନେକ ଭକ୍ତ ଓ ଶ୍ରଦ୍ଧାଳୁ ଏହି ଗୁରୁଦ୍ୱାରାରେ ପହଞ୍ଚିଥାନ୍ତି ନିଜ ବିଦେଶଯାତ୍ରାର ମନସ୍କାମନା ନେଇ। ବାବା ନିହାଲସିଂ ନିହାତି ତାଙ୍କୁ ବିଦେଶକୁ ଚାକିରୀ ପାଇଁ ପଠାଇପାରିବେ ବୋଲି ସେମାନଙ୍କ ମନରେ ବିଶ୍ୱାସ ରହିଛି। ବାବାଙ୍କ ନିକଟରେ ଯଦି ଆପଣ ଖେଳନା ଉଡ଼ାହାଜ ଅର୍ପଣ କରିବେ, ତା ହେଲେ ନିହାତି ଆପଣଙ୍କୁ ବିଦେଶ ଯିବା ପାଇଁ ଭିସା ମିଳିବ। ଏପରିକି ଟଲହନ ଗାଁକୁ ପ୍ରବେଶ କଲା ବେଳକୁ ଆପଣଙ୍କୁ ଦେଖିବାକୁ ମିଳିବ ଏକ ତୋରଣ, ଆଉ ଯାହା ମଧ୍ୟ ଏକ ଉଡାଜାହାଜ ଆକୃତିର। ଏହି ଗାଁରେ ପ୍ରବେଶ କଲେ ଦେଖିବେ ଗୁରୁଦ୍ୱାରା ନିକଟରେ ଅନେକ ଦୋକାନ ରହିଛି। ଯେଉଁଠି ବିକ୍ରି ହେଉଛି ଖେଳଣା ଉଡ଼ାଜାହାଜ। ଏଭଳି ଏକ ଆଶ୍ଚର୍ଯ୍ୟକର ଲୋକବିଶ୍ୱାସ ଅବଶ୍ୟ ବେଶିଦିନର ନୁହେଁ। ପ୍ରାୟ ୧୦ ବର୍ଷ ଧରି ଏଭଳି ବିଶ୍ୱାସ ଆରମ୍ଭ ହୋଇଥିବା ସୂଚନା ମିଳେ। ଆଉ ଅନେକ ଭକ୍ତ ଓ ଶ୍ରଦ୍ଧାଳୁ ଏଠାକୁ ଆସି ନିଜର ମାନସିକ ରଖି ଯାଇଥାନ୍ତି। ଏହି ଗୁରୁଦ୍ୱାରାକୁ ଦେଖିବା ପରେ ଆମ ମନରେ ସ୍ୱତଃ ପ୍ରଶ୍ନ ଆସିବ ଯେ ସତରେ କ'ଣ ଏକ ଖେଳଣା ଉଡ଼ାଜାହାଜ ବାବାଙ୍କ ନିକଟରେ ଭେଟିଦେଲେ, ଜଣେ ବିଦେଶରେ ଚାକିରୀ ପାଇପାରେ! ଆମେ ତ ନିହାତି କହିବୁ ଏହା ଅନ୍ଧବିଶ୍ୱାସ। ତେବେ ପ୍ରଶ୍ନଉଠେ, ଯଦି ଏହା ଅନ୍ଧବିଶ୍ୱାସ, ତେବେ ଏତେ ସଂଖ୍ୟାରେ ଶ୍ରଦ୍ଧାଳୁ ଏଠାକୁ ଆସୁଛନ୍ତି କେମିତି ! କ'ଣ ରହିଛି ଏହା ପଛର କାରଣ। ଉଡ଼ାଜାହାଜ ଗୁରୁଦ୍ୱାରାର ଏ ରହସ୍ୟ ସତରେ ଅନେକଙ୍କୁ ଚକିତ କରୁଛି। ରହସ୍ୟ ପରେ ରହସ୍ୟ। ବିଦେଶ ଯାତ୍ରା ପାଇଁ ଗୁରୁଦ୍ୱାରାରେ ଏରୋପ୍ଲେନ ଭେଟି। ଏହି ପରମ୍ପରା କିଏ ଆରମ୍ଭ କଲା ଆଉ କେମିତି ଆରମ୍ଭ ହେଲା ସେ ବିଷୟରେ କିଛି ବି ଲିଖିତ ଦସ୍ତାବିଜ ନାହିଁ। କିନ୍ତୁ ସାଧାରଣ ମଣିଷର ସେଥିରେ ଯେମିତି କିଛି ଯାଏ ଆସେ ନାହିଁ। ତା'ର ଲକ୍ଷ୍ୟ ହେଲା ମନସ୍କାମନା ପୂରଣ ପାଇଁ ସେ ବାବା ନିହାଲ ସିଂ ଗୁରୁଦ୍ୱାରାରେ ଖେଳଣା ଉଡ଼ାଜାହାଜ ଭେଟିଦେବ। ଭାବନ୍ତୁ କେତେ ରହସ୍ୟମୟ ଏମିତି ଲୋକ ବିଶ୍ୱାସ ! ଏଭଳି ବିଶ୍ୱାସ ଆଧୁନିକ ମଣିଷର ମନକୁ ଦୋହଲାଇ ଦେବ ନିଶ୍ଚୟ। କିଛିବର୍ଷ





ଭିତରେ ଏ ଲୋକବିଶ୍ୱାସ ଏଭଳି ପ୍ରଚାରିତ ହୋଇଛି ଯେ ଗୁରୁଦ୍ୱାରାରେ ଭକ୍ତମାନେ ଭେଟି ଲଗାଇଥିବା ଖେଳଣା ଜାହାଜ ରଖିବାକୁ ଏବେ ସ୍ଥାନର ଅଭାବ ଦେଖାଦେଇଛି। ଶେଷରେ ଗୁରୁଦ୍ୱାରାର ପ୍ରଶାସକମାନେ ଭକ୍ତଙ୍କ ଦ୍ୱାରା ଅର୍ପଣ ହୋଇଥିବା ଖେଳଣା ଜାହାଜଗୁଡ଼ିକୁ ନିକଟସ୍ଥ ଗାଁର ଗରିବ ପିଲାମାନଙ୍କୁ ଖେଳିବା ପାଇଁ ଦାନ କରିବାକୁ ବାଧ ହୋଇଛନ୍ତି। ପ୍ରତିଦିନ ଏକ ଅଜବ ବିଶ୍ୱାସରେ ଶହଶହ ଭକ୍ତ ଏହି ଗୁରୁଦ୍ୱାରାରେ ଖେଳଣା ଜାହାଜ ଭେଟି ଲଗାଇଥାନ୍ତି। ତେବେ ଏ ବିଶ୍ୱାସର ଆରମ୍ଭକୁ ନେଇ କେହିକେହି କିଛି କହିପାରୁ ନାହାନ୍ତି। କିନ୍ତୁ ସମସ୍ତେ ଆଶାରେ ଆଗେଇ ଚାଲିଛନ୍ତି। କିନ୍ତୁ ଆମ ଅନୁମାନରେ ପ୍ରଥମେ ଜଣେ ଭକ୍ତ ନିହାତି ଏହି ବିଶ୍ୱାସକୁ ଆରମ୍ଭ କରିଥିବେ। ଆଉ ତା' ପରେ ଲୋକମୁଖରେ ଏହା ପ୍ରଚାରିତ ହୋଇ ଆଜି ଏଭଳି ସ୍ଥିତିରେ ପହଞ୍ଚିଛି। କାରଣ ବିଦେଶରେ ଭଲ ଚାକିରୀଟିଏ ପାଇଁ ଆମକୁ ଉଚ୍ଚଶିକ୍ଷିତ ହେବାକୁ ପଡ଼ିଥାଏ। ଆଉ ଅନେକ ପରୀକ୍ଷା ପରେ ଜଣେ ବିଦେଶରେ ଚାକିରୀ ପାଏ। କିନ୍ତୁ ସହିଦ ବାବା ନିହାଲ ସିଂଙ୍କୁ ଖେଳଣା ଜାହାଜ ଭେଟିଦେଇ କ'ଣ ଜଣେ ବିଦେଶରେ ଚାକିରୀ ପାଇପାରେ ? ଏହା କେବଳ ରହସ୍ୟ ସୃଷ୍ଟି କରୁଛି ସାଧାରଣ ମଣିଷର ମନରେ। ମାନିଲେ ଦେବତା, ନମାନିଲେ ପଥର ନ୍ୟାୟରେ ଏ ବିଶ୍ୱାସ ଏବେ ବଢ଼ିଚାଲିଛି। କେହିକେହି ଏହାକୁ ଅନ୍ଧବିଶ୍ୱାସ କହୁଥିଲେ ମଧ୍ୟ ଆଉ କାହା ପାଇଁ ଏହା ବିଶ୍ୱାସ।

# ଲକ୍ଷ୍ମୀଙ୍କ କୃପାପ୍ରାପ୍ତିର ପ୍ରାକ୍ ଆଭାସ

ଦେବୀ ଲକ୍ଷ୍ମୀଙ୍କ କୃପା ଥିଲେ ଧନର ଅଭାବ ରହେ ନାହିଁ । ଶାସ୍ତ୍ର ଅନୁଯାୟୀ ଲକ୍ଷ୍ମୀଙ୍କ କୃପା ପାଇବାର କିଛି ପୂର୍ବ ସୂଚନା ସଂପର୍କରେ ଆସନ୍ତୁ ଜାଣିନେବା।



ପ୍ରତି ଶୁକ୍ରବାର ନିଷ୍ଠାର ସହ ଲକ୍ଷ୍ମୀ ପୂଜା କରନ୍ତୁ । ଏହି ଦିନ ଯଦି କୌଣସି କନ୍ୟା ଆପଣଙ୍କ ହାତରେ ମୁଦ୍ରା ଦିଏ ତେବେ ଆପଣଙ୍କ ପାଇଁ ଏହା ଶୁଭ ସଂକେତ ଅଟେ । ନିକଟ ଭବିଷ୍ୟତରେ ଆପଣଙ୍କୁ ଯେ ନିଶ୍ଚୟ ଧନ ଲାଭ ହେବ ଏଥିରୁ ଏହା ସୂଚନା ମିଳେ ।



ସକାଳୁ ଉଠିବା ମାତ୍ରେ ଯଦି ଆପଣଙ୍କ କାନରେ ଶଙ୍ଖ କିମ୍ବା ମନ୍ଦିର ଘଣ୍ଟିର ଶବ୍ଦ ଶୁଣାଯାଏ ତେବେ ଏହା ଆପଣଙ୍କ ପାଇଁ ଶୁଭ ଅଟେ ।



ସକାଳୁ ସକାଳୁ ନଡିଆ, ଶଙ୍ଖ, ହଂସ, ମୟୂର, ଫୁଲ ଇତ୍ୟାଦି ଦେଖିବା ଦ୍ୱାରା ମଧ୍ୟ ଶୁଭ ଫଳ ମିଳିଥାଏ ।



ଯଦି ସକାଳୁ ବିଛଣାରୁ ଉଠିବା ପରେ ଆମର ନଜର ପ୍ରଥମେ ଦହି କିମ୍ବା କ୍ଷୀର ଭର୍ତ୍ତି ପାତ୍ର ଉପରେ ପଡେ ତେବେ ଏହାକୁ ଶୁଭ ସଂକେତ ମନେ କରାଯାଏ ।



ଯାତ୍ରାରେ ବାହାରିବା ସମୟରେ ଆପଣଙ୍କ ହାତ ସିଧା କୌଣସି ସାପ, ମାଙ୍କଡ, କୁକୁର କିମ୍ବା ପକ୍ଷୀ ଦେଖିଲେ ଏହା ଶୁଭ ସଂକେତ ହୋଇଥାଏ । ଆପଣଙ୍କ ଯାତ୍ରା ମଙ୍ଗଳମୟ ହୋଇଥାଏ ।









ଯଦି କୌଣସି ବ୍ୟକ୍ତି ଶୋଇବା ସମୟରେ ଧଳା କିମ୍ବା ହଳଦୀ ରଙ୍ଗର ସାପ ଦେଖେ ତେବେ ଏହା ମଧ୍ୟ ମହାଲକ୍ଷ୍ମୀଙ୍କ କୃପା ମିଳିବାର ସଂକେତ ହୋଇଥାଏ ।



ଯଦି ଆପଣ କୌଣସି ଜରୁରୀ କାମରେ ବାହାରକୁ ଯିବା ସମୟରେ ରାସ୍ତାରେ ଲାଲ୍ ଶାଢୀ ପିନ୍ଧି ସଜବାଜ ହୋଇ ଯାଉଥିବା କୌଣସି ସଧବା ନାରୀଙ୍କୁ ଦେଖିବେତେବେ ଜାଣିବେ ଆପଣଙ୍କୁ ନିଶ୍ଚୟ ମହାଲକ୍ଷ୍ମୀଙ୍କ କୃପା ମିଳିବ । ଏହିଦିନ ଆପଣ ଯେଉଁ କାର୍ଯ୍ୟରେ ଯାଉଛନ୍ତି ସେଥିରେ ସଫଳ ହେବେ ନିଶ୍ଚୟ ।



ଘରୁ ବାହାରିବା ସମୟରେ ଗାଇ ଦେଖିଲେ ଶୁଭ ହୋଇଥାଏ । ଏହା ଯଦି ଧଳା ଗାଇ ହୋଇଥାଏ ତେବେ ଆହୁରି ଅଧିକ ଶୁଭ ହୋଇଥାଏ ।

ଯଦି କୌଣସି ବ୍ୟକ୍ତିଙ୍କ ସ୍ୱପ୍ନରେ ବାରମ୍ବାର ପାଣି, ସବୁଜ କ୍ଷେତ, ଲକ୍ଷ୍ମୀଙ୍କ ବାହାନ ପେଚା ଦେଖାଯାଏ ତେବେ ନିକଟ ଭବିଷ୍ୟତରେ ନିଶ୍ଚୟ ଧନ ପ୍ରାପ୍ତି ହେବାର ସମ୍ଭାବନା ଥାଏ ।



ଯଦି କୌଣସି ବ୍ୟକ୍ତିକୁ ସକାଳୁ ସକାଳୁ ଆଖୁ ଦେଖିବାକୁ ମିଳିଥାଏ ତେବେ ନିକଟ ଭବିଷ୍ୟତରେ ତାଙ୍କୁ ଧନ ସମ୍ବନ୍ଧୀୟ କାର୍ଯ୍ୟରେ ନିଶ୍ଚୟ ସଫଳତା ମିଳିପାରେ ।



# ସୁଖ ସୌଭାଗ୍ୟ ପାଇଁ ଗଣେଶଙ୍କ ପୂଜାବିଧି

**ଶାସ୍ତ୍ର ଅନୁସାରେ ଶ୍ରୀଗଣେଶଙ୍କ ଦୁଇ ପତ୍ନୀ (ରିଦ୍ଧି ଓ ସିଦ୍ଧି) ଏବଂ ଦୁଇପୁତ୍ର (ଶୁଭ ଓ ଲାଭ) ରହିଛନ୍ତି । ଭଗବାନ ଗଣେଶଙ୍କୁ ବିଘ୍ନବିନାଶକ କୁହାଯାଉଥିବା ବେଳେ ତାଙ୍କ ପତ୍ନୀ ରିଦ୍ଧି ଓ ସିଦ୍ଧିଙ୍କ କୃପାଦୃଷ୍ଟି ବ୍ୟକ୍ତିକୁ ଯଶସ୍ୱୀ, ବୈଭବଶାଳୀ କରିଥାଏ । ସେହିପରି ଶୁଭ-ଲାଭ ବ୍ୟକ୍ତିକୁ ସୁଖ ସୌଭାଗ୍ୟ ପ୍ରଦାନ କରିଥାନ୍ତି । ଏହିପରି ସୁଖ ସୌଭାଗ୍ୟ ପ୍ରାପ୍ତି ପାଇଁ ବୁଧବାର କିମ୍ବା ଚତୁର୍ଥୀ ତିଥିରେ ଗଣେଶ ପୂଜା ସମୟରେ ଶ୍ରୀଗଣେଶଙ୍କ ସହ ରିଦ୍ଧି-ସିଦ୍ଧି ଏବଂ ଶୁଭ-ଲାଭଙ୍କ ପୂଜା ବିଶେଷ ଫଳଦାୟୀ ହୋଇଥାଏ ।**

ବୁଧବାର ସ୍ନାନ କରି ରିଦ୍ଧି-ସିଦ୍ଧିଙ୍କ ସହ ଭଗବାନ ଗଣେଶଙ୍କ ମୂର୍ତ୍ତିକୁ ଜଳ ସ୍ନାନ କରାନ୍ତୁ। ଏହାପରେ ସେମାନଙ୍କ ନିକଟରେ ଶୁଭ-ଲାଭ ରୂପରେ ଦୁଇ ଗୋଟି ସ୍ୱସ୍ତିକ ଚିହ୍ନ ବନାନ୍ତୁ। ଶ୍ରୀଗଣେଶ ଓ ଅନ୍ୟ ସମସ୍ତଙ୍କୁ କେସରୀ ଚନ୍ଦନ ଲଗାଇଦିଅନ୍ତୁ। ଏହାପରେ ଚାଉଳ, ଦୂବ ଚଢାଇ ଧୂପଦୀପ ଲଗାଇ ପୂଜା କରନ୍ତୁ। ବହି ଅନୁଯାୟୀ ଅଲଗାଅଲଗା ମନ୍ତ୍ର ପଢି ଗଣପତି ଓ ତାଙ୍କ ପରିବାରକୁ ଫୁଲ ଚଢାଇ ଶୁଭ ମଙ୍ଗଳ କାମନା କରନ୍ତୁ। ପୂଜା ଓ ମନ୍ତ୍ର ଧ୍ୟାନ ପରେ ମୋଦକ ଓ ଲଡୁ ଭୋଗ ଲଗାନ୍ତୁ। ଏହାପରେ ଆରତୀ କରି ପ୍ରସାଦ ବାଣ୍ଟନ୍ତୁ ଓ ନିଜେ ପ୍ରସାଦ ଗ୍ରହଣ କରନ୍ତୁ।



# ଆଶାତାଇ-ପଞ୍ଚମ ଦା'ଙ୍କ ପ୍ରେମ କାହାଣୀ

ବଲିଉଡ୍ ଇଣ୍ଡଷ୍ଟ୍ରୀକୁ ଆଶା ଭୋଁସଲେ ଓ ଆର୍.ଡି ବର୍ମନ୍ ଯୋଡି ଅନେକ ମଧୁର ସ୍ମୃତିରେ ଭରି ଦେଇଛନ୍ତି । ଏକ ସମୟ ଏପରି ଥିଲା ଯେତେବେଳେ ଆଶା ତାଇ କେବଳ ଆର୍. ଡି ବର୍ମନ(ପଞ୍ଚମ ଦା')ଙ୍କ ପାଇଁ ହିଁ ଗୀତ ଗାଉଥିଲେ । ଆର୍.ଡି ବର୍ମନଙ୍କ ସହ ରେକର୍ଡିଂ ସମୟରେ ସେ ଆଉ କାହା ପାଇଁ ବି ସମୟ ଦେଉ ନ ଥିଲେ । ୧୯୮୧ର ଏକ ଘଟଣା । ମ୍ୟୁଜିସିଆନ୍ କଲ୍ୟାଣ ସେନ୍ ଫିଲ୍ମ ମୁନ୍ନି ବାଇର ଏକ ସଙ୍ଗୀତ ରେକର୍ଡିଂ ପାଇଁ ଆଶା ତାଇଙ୍କୁ ନିବେଦନ କରିଥିଲେ । ଏହି ରେକର୍ଡିଂ ପାଇଁ ଆଶା ତାଇ ମଧ୍ୟ ସମ୍ମତି ପ୍ରଦାନ କରିଥିଲେ ଓ ତାଙ୍କ ଫି' ୫ହଜାର ଟଙ୍କା ଛିଡି ସାରିଥିଲା । ନିର୍ଦ୍ଧାରିତ ଦିନରେ କଲ୍ୟାଣ ସେନ୍ ନିଜର ପୁରା ଟିମ୍ ସହ ଆଶା ତାଇଙ୍କ ଘରେ ପହଞ୍ଚିଯାଇଥିଲେ । କିନ୍ତୁ ଆଶାଜୀଙ୍କ ପିଏ ବାବୁ ଭାଇ ଆସି ଖବର ଦେଇଥିଲେ କି ତାଙ୍କ ଦାନ୍ତ ବିନ୍ଧା ହେଉଥିବାରୁ ସେ ଏହି ରେକର୍ଡିଂ କରିପାରିବେ ନାହିଁ । କଲ୍ୟାଣ ସେନ୍‌ଙ୍କୁ ନିରାଶ ହୋଇ ଫେରିଯିବାକୁ ପଡିଥିଲା । କିନ୍ତୁ ପରେ ତାଙ୍କୁ ଖବର ମିଳିଥିଲା ଯେ, ଆଶାଜୀ ତାଙ୍କୁ ମିଛ କହିଥିଲେ । ସେ ସେଦିନ ଆର୍.ଡି ବର୍ମନଙ୍କ ପାଇଁ ରେକର୍ଡିଂ କରୁଥିଲେ । ଏହା ଜାଣିବା ପରେ ଆଖିରେ ଆଖିଏ ଲୁହ ନେଇ କଲ୍ୟାଣ ସେନ୍ ଆର୍. ଡି ବର୍ମନଙ୍କ ଅଫିସ୍‌ରେ ପହଞ୍ଚିଗଲେ । କଲ୍ୟାଣଜୀଙ୍କ ଠାରୁ ସମସ୍ତ କଥା ଶୁଣିବା ପରେ ପଞ୍ଚମ ଦା' ଆଶା ତାଇଙ୍କୁ ଭୀଷଣ ଗାଳି କରିଥିଲେ ଓ ନିଜର ରେକର୍ଡିଂ ବନ୍ଦ କରି ଦେଇଥିଲେ । ଏହାପରେ ପ୍ରସ୍ତୁତ ହୋଇଥିଲା ମୁନ୍ନି ବାଇର ଗୀତ 'ଲୋ ସମ୍ଭାଳ ଦିଲ୍ ବଡି ମୁସ୍କିଲ୍' ।

ଆଶାଜୀ ଓ ଆର୍.ଡି ବର୍ମନଙ୍କ ଲଭ୍ ଷ୍ଟୋରୀ ବେଶ୍ କୌତୁହଳପୂର୍ଣ୍ଣ ଅଟେ । ଏମାନେ ପରସ୍ପରକୁ ପ୍ରଥମେ ଏକ ରେକର୍ଡିଂ ଷ୍ଟୁଡିଓରେ ଭେଟିଥିଲେ । ଆର୍.ଡି ବର୍ମନଙ୍କ ପିତା ଏସ୍.ଡି.ବର୍ମନ ଆଶାଙ୍କ ସହ ତାଙ୍କ ପୁଅର ପରିଚୟ କରାଇ ଦେଇଥିଲେ । ଏହି ସମୟରେ ଆର୍.ଡି.ବର୍ମନ୍ ଆଶାଙ୍କ ସହ ବେଶୀ ସମୟ କଥାବାର୍ତ୍ତା କରି ନ ଥିଲେ । କେବଳ ଆଶାଙ୍କ ହାତକୁ ଏକ ନୋଟ୍‌ବୁକ୍ ବଢାଇ ଦେଇ ଅଟୋଗ୍ରାଫ୍ ମାଗିଥିଲେ । ଆଶା ତାଇ ସେ ସମୟରେ ପଞ୍ଚମ ଦା'ଙ୍କ ଆଖିରେ ଥିବା ମୋଟା ଚଷମାକୁ କେବଳ ଚାହିଁ ରହିଥିଲେ । ପଞ୍ଚମ ଦା' ଆଶାଜୀଙ୍କ ଠାରୁ ବୟସରେ ସାନ ଥିଲେ । ବର୍ମନ ସଙ୍ଗୀତ ପାଇଁ ନିଜର ୧୦ କ୍ଲାସ ପାଠପଢା ଛାଡି ଦେଇଥିଲେ । ଆଶାଜୀ ପଞ୍ଚମ ଦା'ଙ୍କୁ ସବୁବେଳେ ପଢା ଜାରି ରଖିବା ପାଇଁ କହୁଥାନ୍ତି । କିନ୍ତୁ ଏହା ବର୍ମନଙ୍କୁ ଠିକ୍ ଲାଗୁ ନ ଥାଏ । ବର୍ମନ ସାହେବ ଆଶା ତାଇଙ୍କୁ ପ୍ରପୋଜ୍ କରିବା ସମୟରେ କହିଥିଲେ, କେବଳ ତୁମେ ହିଁ 'ସ୍ୱର'କୁ ଠିକ୍ ଭାବେ ବୁଝିପାରିଛ । ତୁମ କଣ୍ଠସ୍ୱରକୁ ମୁଁ ଭଲ ପାଇ ବସିଛି । ଆଶାଜୀ ପଞ୍ଚମ ଦା'ଙ୍କ ଇସାରାକୁ ବୁଝି ଯାଇଥିଲେ ଓ ହସି ଦେଇଥିଲେ ।

ଏହାପରେ ଦୁହିଁଙ୍କର ବିବାହ ସଂପନ୍ନ ହୋଇଥିଲା । ବିବାହ ପରେ ଏକଦା ଆଶା ତାଇ ଓ ବର୍ମନ ଖଣ୍ଡାଲା ଯାଉଥିଲେ । ଏହି ସମୟରେ ବର୍ଷା ହେଉଥିବାରୁ ମୌସୁମୀ ବହୁତ ରୋମାଣ୍ଟିକ୍ ଥିଲା । ପଞ୍ଚମ ଦା' ଏହି ସୁଯୋଗକୁ ହାତଛଡା କରି ନ ଥିଲେ । 'ଖୁଲମ୍ ଖୁଲା ପ୍ୟାର୍ କରେଙ୍ଗେ ହମ୍ ଦେନୋ' ଭଳି ରୋମାଞ୍ଚ ଭରା ସଙ୍ଗୀତ ସେଦିନ ପଞ୍ଚମ ଦା'ଙ୍କ ଲେଖନୀରୁ ରୂପ ନେଇଥିଲା । ଏହି ଗୀତକୁ ସେ ଆଶାଜୀଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଥିଲେ । ମାତ୍ର ୫୨ ବର୍ଷ ବୟସରେ ବଲିଉଡ୍ ସଙ୍ଗୀତ ଜଗତର ଏହି ଅବିସ୍ମରଣୀୟ ନାୟକଙ୍କର ଦେହାନ୍ତ ହୋଇଥିଲା

କିନ୍ତୁ ଆଜି ବି ଆଶାଜୀଙ୍କ ହୃଦୟରେ ପଞ୍ଚମ ଦା'ଙ୍କ ସଙ୍ଗୀତ ଝଙ୍କୃତ ହେଉଛି ବୋଲି ଆଶା ତାଇ କହନ୍ତି ।



> ବିବାହ ପରେ ଏକଦା ଆଶା ତାଇ ଓ ପଞ୍ଚମ ଦା' ଖଣ୍ଡାଲା ଯାଉଥିଲେ । ଏହି ସମୟରେ ବର୍ଷା ହେଉଥିବାରୁ ମୌସୁମୀ ବହୁତ ରୋମାଣ୍ଟିକ୍ ଥିଲା । ପଞ୍ଚମ ଦା' ଏହି ସୁଯୋଗକୁ ହାତଛଡା କରି ନ ଥିଲେ । 'ଖୁଲମ୍ ଖୁଲା ପ୍ୟାର୍ କରେଙ୍ଗେ ହମ୍ ଦେନୋ' ଭଳି ରୋମାଞ୍ଚ ଭରା ସଙ୍ଗୀତ ସେଦିନ ପଞ୍ଚମ ଦା'ଙ୍କ ଲେଖନୀରୁ ରୂପ ନେଇଥିଲା ।




## DECLARATION

**FORM 1**

**FORM OF DECLARATION**

*(see rule 3)*

RASMITA PATRA declare that I am the *printer or *publisher or *printer and publisher of the ewspaper entitled **EKAMAATRA** to be *printed at **RADHAKRUSHNA PUBLICATION Pvt. Ltd.** and published at FLAT-003,MAHADEV ORCHID,COSMOPOLIS ROAD,DUMDUMA,BHUBANESWAR,DIST- KHORDHA , ODISHA or to be *printed and published at and that particulars in respect of the said newspaper given ereunder are true to the best of my knowledge and belief.

| | | |
|---|---|---|
| . Title of the newspaper | : | EKAMAATRA |
| .Language (s) in which it is (to be), published | : | ODIA |
| . Periodicity of its publication | | |
| (a) Whether a daily, tri-weekly, bi-weekly Weekly, fortnightly, or otherwise | : | WEEKLY |
| (b) In the case of daily, please state whether it Morning or evening newspaper? | : | NA |
| (c) In the case of a newspaper other than a Daily, please state the days(s)/date(s) on Which it is (to be) published | : | MONDAY |
| 4. Retail selling price of the newspaper per copy | : | Rs 5.00 |
| (a) If the newspaper is for free distribution, Please state that it is "for free distribution" | : | NO |
| (b) If it has only an annual subscription and no Retail price, please state the annual Subscription | : | NO |
| 5. Publisher's name | | RASMITA PATRA |
| Nationality | : | INDIAN |
| (a) Whether a citizen of India? | : | YES |
| (b) If a foreigner, please state the country of | : | NO |
| Address | : | FLAT-003, MAHADEV ORCHID, COSMOPOLIS ROAD, DUMDUMA, BHUBANESWAR DIST- KHORDHA, ODISHA Pin- 751019 |
| 6. Place of publication (Please give the complete postal address) | : | FLAT-003, MAHADEV ORCHID, COSMOPOLIS ROAD, DUMDUMA, BHUBANESWAR DIST- KHORDHA, ODISHA Pin- 751019 |
| 7. Printer's name | : | RASMITA PATRA |
| Nationality | : | INDIAN |
| (a) Whether a citizen of India? | : | YES |
| (b)If a foreigner, please state the country of origin | : | NO |
| Address | : | FLAT-003, MAHADEV ORCHID, COSMOPOLIS ROAD, DUMDUMA, BHUBANESWAR DIST- KHORDHA, ODISHA Pin- 751019 |
| 8. Name(s) of the printing press (es) where the Newspaper is actually printed and the true and Precise description of the premises on which the Press (es) is/are installed. | : | RADHAKRUSHNA PUBLICATION PVT. LTD. PLOT NO-H/18, MANCHESWAR INDUSTURIAL ESTATE BHUBANESWAR-10, ODISHA |
| 9. Editor's name | : | TARAK MOHANTY |
| .Nationality | : | INDIAN |
| (a)Whether a citizen of India? | : | YES |
| (b) If a foreigner, please state the country of Origin | : | NO |
| Address | : | SECTOR-2/289, NILADRI VIHAR POST- SAILASHREE VIHAR BHUBANESWAR-751021 DIST- KHORDHA, ODISHA |
| 10. Owner's name(s) | : | RASMITA PATRA |
| (a)Please state the particulars of individual(s) or Of the firm, Joint Stock Company, trust, co-Operative society or association which owns the newspaper | : | INDIVIDUAL |
| (b)Please state whether the owner owns any other Newspaper, and, if so, its name, periodicity, Language and place of publication. | : | NO |
| 11. Please state whether the declaration is in respect of | : | |
| (a) a new newspaper, or | : | A NEW NEWS PAPER |
| (b) an existing newspaper, | | |
| (c) in case the declaration falls under item (b), the reason for filling the fresh declaration. | : | FRESH DECLARATION |

Date: 29.12.2016 10/1/17

Manoj Kumar Mohanty
Additional District Magistrate
Bhubaneswar-2

Signature: Rasmita Patra

Name (in Block letters): RASMITA PATRA

Designation: PUBLISHER AND PRINTER

Authenticated on this day 12th of month January year 2017 under my seal and signature.

(Signature and seal of the Magistrate authenticating the declaration)

NIRANJAN SAHU, IAS
DISTRICT MAGISTRATE &
COLLECTOR, KHORDHA

* Strike out whatever is not applicable.
NOTE:- Separate declaration should be filed by the printer and the publisher, unless the printer and the publisher is the same person.

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra** — Managing Editor : **Laxmipriya Dash** — Editor : **Tarak Mohanty**

ମୁଖ୍ୟ ସମ୍ପାଦକ : **ବିଭୁତି ଭୂଷଣ ପାତ୍ର** — ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ** — ସମ୍ପାଦକ : **ତାରକ ମହାନ୍ତି**